

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୧ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 21 FEBRUARY 2023

Vol.No. 34 ■ No. 49 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଯୁଦ୍ଧ ଭିତରେ ୟୁକ୍ରେନରେ ପହଁଚିଲେ ଆମେରିକା ରାଷ୍ଟ୍ରପତି



ନୂଆଦିଲ୍ଲୀ,୨୦/୦୨ : ୟୁକ୍ରେନ ରାଜଧାନୀ କିଭରେ ପହଁଚିଲେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ । ସୋମବାର ହଠାତ କିଭରେ ପହଁଚିଛନ୍ତି ବାଇଡେନ୍ । ଯେଉଁ ସମୟରେ ୟୁକ୍ରେନ ରାଜଧାନୀ କିଭରେ ପାଦ ଦେଲେ ବାଇଡେନ ସେତେବେଳେ ଆକ୍ରମଣର ସର୍ତକ ଘଂଟି ବା ସାଇରନ ଜୋରଦାର ବାଜିବାକୁ ଲାଗିଥିଲା । କିନ୍ତୁ କଡ଼ା ସୁରକ୍ଷା ବଳୟ ଭିତରେ ଏଠାରେ ପହଁଚିଥିଲେ ଜୋ ବାଇଡେନ । ସେଠାରୁ ତାଙ୍କୁ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ ୟୁକ୍ରେନ ରାଷ୍ଟ୍ରପତି ଭୋଲଦମୀର ଜେଲେନସ୍କି । ଭେଟଘାଟ ପରେ ଉଭୟ ୟୁକ୍ରେନ ଓ ଆମେରିକା ରାଷ୍ଟ୍ରମୁଖ୍ୟ ମିଳିତ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ଆମେରିକା ରାଷ୍ଟ୍ରପତି କହିଛନ୍ତି ସବୁ ପ୍ରକାର ସ୍ଥିତିରେ ୟୁକ୍ରେନ ସହ ରହିବ ଆମେରିକା । ଆବଶ୍ୟକ ଓ ସକ୍ଷମ ଅନୁସାରେ ସବୁ ପ୍ରକାର ସହାୟତ ଦେବ । ୟୁକ୍ରେନବାସୀଙ୍କୁ ନିଜର ସୁରକ୍ଷା ପାଇଁ ପ୍ରତିରକ୍ଷା ଉପକରଣ ଯୋଗାଇବ । ସେପଟେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି ଆମେରିକା ରାଷ୍ଟ୍ରପତିଙ୍କ ୟୁକ୍ରେନଗସ୍ତ ଏକ ଶୁଭ ସଂକେତ । ୟୁକ୍ରେନ ସହ ଆମେରିକା ସର୍ବଦା ରହିଥିବାର ଏହା ଏକ ବଡ ପ୍ରମାଣ । ଆମେରିକା ରାଷ୍ଟ୍ରପତି ହଠାତ ୟୁକ୍ରେନରେ ପହଁଚିବା ଘଟଣାକୁ ସହଜରେ ଗ୍ରହଣ କରିପାରିନି ରୁଷ । ସୂଚନା ଅନୁସାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ବାଇଡେନଙ୍କ ଗସ୍ତ ଉପରେ ଅସନ୍ତୋଷ ଜାହିର କରିଛି । ତେଣୁ ଆଗାମୀ ଦିନରେ ରୁଷ ଏହାକୁ ବିରୋଧ କରି କୌଣସି ବଡ ଘୋଷଣା ବା ପଦକ୍ଷେପ ଗ୍ରହଣ କରିବା ସମ୍ଭାବନା ରହିଛି । ସୂଚନା ଅନୁସାରେ ବାଇଡେନଙ୍କ ସହ ୟୁକ୍ରେନ ରାଷ୍ଟ୍ରପତି ଯୁଦ୍ଧ ସ୍ଥିତିର ସୂଚନା ଦେବା ସହ ଅଧିକ ସାମରିକ ସହାୟତା ମାଗିଛନ୍ତି । ୟୁକ୍ରେନକୁ ଏୟାର ସର୍ଭିଲାନ୍ସ ରାଡାର ଦେବାକୁ ଘୋଷଣା କରିଛନ୍ତି ବାଇଡେନ୍ । ଏଥିସହ ୫ଶ ମିଲିୟନ ଡଲାର ସାମରିକ ସହାୟତା ଘୋଷଣା କରିଛି ଆମେରିକା । ସେପଟେ ଆମେରିକା ରାଷ୍ଟ୍ରପତି ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ଯୁଦ୍ଧ ପାଇଁ ଭତ୍ସନା କରିଛନ୍ତି । ବାଇଡେନ କହିଛନ୍ତି ରୁଷର ଶକ୍ତି ଆଗରେ ୟୁକ୍ରେନ ଭାଙ୍ଗିପଡିନି ବଂର ମଜବୁତର ସହ ମୁକାବିଲା କରୁଛି । ଆମେରିକା ଓ ପଶ୍ଚିମ ଦେଶ ୟୁକ୍ରେନ ସହ ରହିଛନ୍ତି । ▶▶ପୃଷ୍ଠା ୭

## ସୁପ୍ରିମକୋର୍ଟରେ ପହଞ୍ଚିଲା ଶିବସେନା ଲଢ଼େଇ



ନୂଆଦିଲ୍ଲୀ,୨୦/୦୨ : ଝଟକା ପରେ ଝଟକା । ମହାରାଷ୍ଟ୍ରରେ ଚାଲିଥିବା ଶିବସେନା ଚିହ୍ନ ଲଢେଇରେ ସୋମବାର ଉଦ୍ଧବ ଗୋଷ୍ଠୀକୁ ନିରାଶ ହେବାକୁ ପଡିଛି । ମୁଖ୍ୟ ନିର୍ବାଚନ କମିଶନଙ୍କ ନିଷ୍ପତିକୁ ଚ୍ୟାଲେଂଜ କରି ଉଦ୍ଧବ ଗୋଷ୍ଠୀ ଯେଉଁ ଆବେଦନ କରିଥିଲେ ଏହା ଉପରେ ତୁରନ୍ତ ଶୁଣାଣୀ କରିବାକୁ ମନା କରିଛନ୍ତି ସୁପ୍ରିମକୋର୍ଟ । ଆବେଦନରେ ଉଦ୍ଧବ ଗୋଷ୍ଠୀ କହିଥିଲେ ଯେ-ଏକନାଥ ସିନ୍ଦେଙ୍କୁ ମୁଖ୍ୟ ନିର୍ବାଚନ କମିଶନ ଶିବସେନାର ଦଳୀୟ ନାଁ ଓ ଚିହ୍ନ ପ୍ରଦାନ କରିଛନ୍ତି । ଏହା ନିୟମର ଉଲ୍ଲଂଘନ ଅଟେ । ଇସିଙ୍କ ନିଷ୍ପତିକୁ ବିରୋଧ କରି ତୁରନ୍ତ ଶୁଣାଣୀ ପାଇଁ ଆବେଦନ କରିଥିଲେ ଉଦ୍ଧବ ଗୋଷ୍ଠୀ । ସେପଟେ ସିନ୍ଦେ ଗୋଷ୍ଠୀ ମଧ ଆବେଦନ କରିଛନ୍ତି ଓ କହିଛନ୍ତି ତାଙ୍କ ପକ୍ଷ ନଶୁଣି ଉଦ୍ଧବଙ୍କ ଆବେଦନ ଉପରେ କୋର୍ଟ କୌଣସି ଶୁଣାଣୀ କରନ୍ତୁ ନାହିଁ । ନିର୍ବାଚନ କମିଶନ ମୋଦୀଙ୍କ ସରକାରଙ୍କ ହାତବାରିଶି ସାଜିଥିବା ଅଭିଯୋଗ ଆଣିବା ସହ ଶିବସେନାର ଅସଲି ହକଦାର ବୋଲି ଦାବି କରିଛନ୍ତି ଉଦ୍ଧବ ଠାକରେ । ଶିବସେନାର ନାମ ଏବଂ ଚିହ୍ନ ପାଇଁ ୨ ହଜାର କୋଟିର ଡିଲ ହୋଇଥିବା ନେଇ ମଧ ଅଭିଯୋଗ ଆଣିଛନ୍ତି ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ । ପଟେ ମହାରାଷ୍ଟ୍ର ସରକାରଙ୍କ ପକ୍ଷ ବିନା କୌଣସି ଶୁଣାଣି ନକରିବାକୁ ସୁପ୍ରିମକୋର୍ଟରେ ନିବେଦନ କରିଛନ୍ତି ମହାରାଷ୍ଟ ସରକାର । ଉଦ୍ଧବଙ୍କ ସମସ୍ୟା ଏତିକିରେ ଶେଷ ହୋଇନି । କାରଣ ସୋମବାର ତାଙ୍କ ହାତରୁ ବିଧାନସଭାର ଶିବସେନା କାର୍ଯ୍ୟାଳୟ ମଧ ହାତରୁ ଯାଇଛି । ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନାର୍ବେକରଙ୍କୁ ସିନ୍ଦେ ଗୋଷ୍ଠୀଙ୍କୁ ଶିବସେନା କାର୍ଯ୍ୟାଳୟ ପ୍ରଦାନ କରିଛନ୍ତି । ଅନ୍ୟପଟେ ଶିବସେନା ୟୁବିଟି ଟୁଇଟର ହ୍ୟାଣ୍ଡେଲରୁ ବ୍ଲୁ ଟିକ ମାର୍କ ହଟାଯାଇଛି । ସମାନ ଘଟଣା ୟୁଟ୍ୟୁବ ଅଫିସିଆ ପେଜରେ ମଧ ଦେଖିବାକୁ ମିଳିଛି ।

## ତୁର୍କୀ ଭୂମିକମ୍ପରୁ ଆସୁଛି ଆଶ୍ଚର୍ଯ୍ୟ ଘଟଣା : ୧୪ଦିନ ପରେ ମାଟି ତଳୁ ମିଳୁଛି ଜୀବନ

ନୂଆଦିଲ୍ଲୀ,୨୦/୦୨ : କଥାରେ ଅଛି ରଖେ ହରି ତ ମାରେ କିଏ ? ତୁର୍କୀରେ ଏ ଘଟଣା ସତ ପ୍ରମାଣିତ ହୋଇଛି । ପ୍ରଳୟଙ୍କାରୀ ଭୂକମ୍ପକୁ ବିତିଛି ୧୫ ଦିନ । ଏହାରି ଭିତରେ ଧ୍ୱଂସ ସ୍ତୁପ ତଳୁ ମଣିଷ ଜୀବନ୍ତ ଭାବେ ଉଦ୍ଧାର ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଭୂକମ୍ପରେ ତୁର୍କୀର ଛାତିଫାଟି ପଡିଥିବା ବେଳେ, ଭଙ୍ଗାକୋଠା ତଳୁ ଏକ ଦମ୍ପତିଙ୍କୁ ଜୀବନ୍ତ ଭାବେ ଉଦ୍ଧାର କରାଯାଇଛି । ଦୀର୍ଘ ୧୪ ଦିନ ନ ଖାଇ ନ ପିଇ ଧ୍ୱଂସାବଶେଷ କୋଠା ତଳେ ଚାପି ହୋଇରହିଥିଲେ ଏହି ଦମ୍ପତି । ଜୀବନ ବଞ୍ଚାଇବା ପାଇଁ ବାଧହୋଇ ନିଜ ପରିସ୍ରା ପିଇ ଆସୁଥିଲେ । ପ୍ରତି ମୂହୂର୍ତରେ ଜୀବନ ଜିଇଁବା ସେମାନଙ୍କ ପାଇଁ ସଂଘର୍ଷ ପାଲଟିଥିଲା । ଶେଷରେ ଦୀର୍ଘ ୨୯୬ ଘଣ୍ଟାର ପରିଶ୍ରମ ପରେ ଉଦ୍ଧାରକାରୀ ଦଳ ସେମାନଙ୍କୁ ▶▶ପୃଷ୍ଠା ୭

## ରାଜନୀତିରେ ବଳ ଗୋଟାଉଛନ୍ତି ବିଜୟ ପଟ୍ଟନାୟକ



ଭୁବନେଶ୍ୱର,୨୦/୦୨ (ନି.ପ୍ର): ଭୁବନେଶ୍ୱରରୁ ଲଢ଼ିବେ କି ବିଜୟ? ୨୦୨୪ରେ ଦେଖିବାକୁ ମିଳିବ କି ପୂର୍ବ ପ୍ରଶାସକଙ୍କ ମଧ୍ୟରେ ଟକ୍କର? ଏମିତି କିଛି ସମ୍ଭାବନା ଏଇଥିପାଇଁ ସୃଷ୍ଟି ହୋଇଛି, ଯେତେବେଳେ ରାଜନୈତିକ ତତ୍ପରତା ବଢ଼ାଇଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ । ଆଜି ସକାଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଘରେ ତାଙ୍କୁ ଦେଖିବାକୁ ମିଳିଥିଲା । ଜାନକୀଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ସହ ଓଡ଼ିଶାର ରାଜନୈତିକ, ସାମାଜିକ ପରିସ୍ଥିତି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ବିଜୟ । ଯଦିଓ ନିର୍ବାଚନୀ ରାଜନୀତି ନେଇ ସେ କିଛି ସ୍ପଷ୍ଟ କରିନାହାନ୍ତି, କିନ୍ତୁ କଂଗ୍ରେସରେ ଯୋଗଦେବା ପରେ ରାଜନୀତିରେ ତାଙ୍କର ସକ୍ରିୟତା ଅନେକ କିଛି ଇସାରା କରୁଛି । ସେହିପରି କଂଗ୍ରେସ ବିଧାୟକ ସୁର ରାଉତରାୟଙ୍କୁ ମଧ ଭେଟିଛନ୍ତି ବିଜୟ । ଆଜି ସକାଳୁ ସୁର ରାଉତରାୟଙ୍କୁ ▶▶ପୃଷ୍ଠା ୭

## ସ୍ଥାୟୀ ନିଯୁକ୍ତି ଦାବିରେ ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୯ ବର୍ଷରୁ ଅଧିକ ଦିନ ଧରି ଚୁକ୍ତିଭିତିକ ପ୍ରଥାରେ ସ୍ୱଳ୍ପ ଦରମାରେ କାର୍ଯ୍ୟରତ ୧୧୭୨ ଜଣ ଆର.ବି.ଏସ୍.କେ ଆୟୁଷ ଡାକ୍ତର ସୋମବାରଠାରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନ ଆରମ୍ଭ କରିଛନ୍ତି । ବିଭିନ୍ନ ସ୍ଥାନରୁ ଆସିଥିବା ୧୦୦୦ରୁ ଉର୍ଦ୍ଧ୍ୱ ରାଜ୍ୟ ଆରବିଏସ୍‌କେ ଆୟୁଷ ଡାକ୍ତର କଂଗ୍ରେସ ଭବନଠାରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯାଇ ଗାନ୍ଧୀମାର୍ଗରେ ବସି ରହିଛନ୍ତି । ସଂଘର ସଭାପତି ପ୍ରଭାତ ମହାନ୍ତି ଓ ସାଧାରଣ ସମ୍ପାଦକ ଡାକ୍ତର ରବିନ୍ଦ୍ର ସେଠି କହିଛନ୍ତି ଯେ ଆମ୍ଭେମାନେ ଏକ ଜରୁରୀକାଳୀନ ବିଭାଗରେ କାର୍ଯ୍ୟ କରୁଥିବାରୁ ଆମେ କେବେ ରହିଁବୁ ନାହିଁ କି ଆମ ପାଇଁ ଓଡ଼ିଶାର ଜନସାଧାରଣ କୌଣସି ସ୍ୱାସ୍ଥ୍ୟସେବାରୁ ବଂଚିତ ହୁଅନ୍ତୁ । ତେଣୁ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରୁଛି ଯଥାଶୀଘ୍ର ସେମାନଙ୍କ ଗୁହାରି ତଥା ଦାବି ବିଷୟରେ ସରକାରଙ୍କ ପକ୍ଷରୁ ରାଜ୍ୟ ଆରବିଏସ୍‌କେ ଆୟୁଷ ଡାକ୍ତର ସଂଘ, ଓଡ଼ିଶା ସହିତ ଆଲୋଚନା ପାଇଁ ବ୍ୟବସ୍ଥା କରାଗଲେ ଆରବିଏସ୍‌କେ ଆୟୁଷ ଡାକ୍ତରମାନେ ଆନ୍ଦୋଳନକୁ ବନ୍ଦ କରି ନିଜ ନିଜର କାର୍ଯ୍ୟରେ ଯୋଗଦାନ କରିବେ ।

## ବିଏମସିର ବାର୍ଷିକ ବଜେଟ ବୈଠକରେ ହଙ୍ଗାମା

ଭୁବନେଶ୍ୱର,୨୦/୦୨ (ନି.ପ୍ର): ଅବସର ଥିଲା ବିଏମସିର ବାର୍ଷିକ ବଜେଟ ବୈଠକ । ବିଏମସିର ନୂଆ କାର୍ଯ୍ୟାଳୟରେ ଚାଲିଥିଲା ଚର୍ଚ୍ଚା । ଏହି ଚର୍ଚ୍ଚା ଆଲୋଚନା ଭିତରେ ବୋଧେ ଶାଳିନତା ଭୁଲି ଯାଇଥିଲେ ନିର୍ବାଚିତ କର୍ପୋରେଟର୍ । ମେୟର ସୁଲୋଚନା ଦାସଙ୍କ ଉପସ୍ଥିତିରେ ବିଜେଡି କର୍ପୋରେଟରଙ୍କ ମଧ୍ୟରେ ଚାଲିଥିଲା କଥା କଟାକଟି । ମେୟର ବାରମ୍ବାର ତାଗିଦ ସତ୍ୱେ କେହି କାହାରିକୁ ଖାତିର୍ ନକରି ଗାଳି ଗୁଲଜ ଜାରି ରଖିଥିଲେ । ଏପଟେ ବୈଠକରେ ବିରୋଧୀ ଦଳର କର୍ପୋରେଟରଙ୍କ କଥା ଶୁଣାଯାଉଥିବା ଅଭିଯୋଗ ଆଣି, ବୈଠକକୁ ବର୍ଜନ କରିଥିଲେ ବିଜେପି କର୍ପୋରେଟର୍ । ଆଉ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ । ଶାସକ ବିଜେଡି ଦଳର ହୋହଲ୍ଲା ଏବଂ ବିରୋଧୀ ବିଜେପି କର୍ପୋରେଟରଙ୍କ ପ୍ରତିବାଦ ▶▶ପୃଷ୍ଠା ୭

## ଆଜିଠୁ ଓଡିଶା ବିଧାନସଭାର ବଜେଟ ଅଧିବେଶନ



ଭୁବନେଶ୍ୱର, ୨୦/୦୨ (ନି.ପ୍ର): ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲି (ମଙ୍ଗଳବାର)ଠାରୁ ଆରମ୍ଭ ହେବ। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ମାସ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଫେବୃଆରୀ ୨୧ରୁ ମାର୍ଚ୍ଚ ୧ ତାରିଖ ଯାଏଁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମାର୍ଚ୍ଚ ୧୦ ତାରିଖରୁ ଏପ୍ରିଲ ୬ ତାରିଖ ଯାଏଁ ଗୃହଚାଲିବ। ଦ୍ୱାଦଶ ଅଧିବେଶନର କାର୍ଯ୍ୟସୂଚୀ ଅନୁଯାୟୀ ଏହି ବିଧାନସଭା ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟଦିବସ ରହିଛି । ଅଧିବେଶନର ପ୍ରଥମ ଦିନରେ ଶୋକ ପ୍ରସ୍ତାବ ଆଗତ ହେବ ଏବଂ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୃହରେ ଅଭିଭାଷଣ ରଖିବେ। ୨୨ ଓ ୨୩ ▶▶ପୃଷ୍ଠା ୭

## ଛତିଶଗଡ଼ରେ ଏଆଇସିସି ଅଧିବେଶନ ପୂର୍ବରୁ କଂଗ୍ରେସକୁ ଝଟ୍‌କା : ୧୪ଟି ସ୍ଥାନରେ ଚଢ଼ାଉ

ନୂଆଦିଲ୍ଲୀ,୨୦/୦୨ : ଛତିଶଗଡରେ ପ୍ରବର୍ତନ ନିର୍ଦ୍ଦେଶାଳୟ କରିଛି ବଡ ଧରଣର ଚଢାଉ । ଏହି ଚଢାଉ ହୋଇଛି କଂଗ୍ରେସର କିଛି ନେତା ଓ ବିଧାୟକଙ୍କ ଠିକଣା ଉପରେ । କୋଇଲା ଦୁର୍ନୀତିକୁ ନେଇ ଏହି ଚଢାଉ କରାଯାଇଥିବା କହିଛି ଇଡି । ଘଟଣାକୁ ନେଇ ବିଜେପି ଉପରେ ସିଧା ଟାର୍ଗେଟ କରିଛି କଂଗ୍ରେସ । ୪ ଦିନ ପରେ କଂଗ୍ରେସ ରାଜ୍ୟସ୍ତରୀୟ ଅଧିବେଶନ ହେବ । ଏହାକୁ ବିଗାଡିବା ପାଇଁ ବିଜେପି ସରକାରୀ ତଦନ୍ତକାରୀ ସଂସ୍ଥାକୁ ହାତ କରି ଏଭଳି ଚଢାଉ କରିଥିବା କହିଛି କଂଗ୍ରେସ । ଦଳ ଏକଥା ମଧ କହିଛି କି ବିଗତ ୯ବର୍ଷ ଭିତରେ ଯେଉଁ ଚଢାଉ କରାଯାଇଛି ସେଥିରେ ୯୫ ପ୍ରତିଶତ ବିରୋଧୀ ଦଳ ନେତା ରହିଛନ୍ତି । ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲ କହିଛନ୍ତି ଆଦାନୀ ଦୁର୍ନୀତିର ଖୁଲ୍ଲାସା ଓ ଭାରତ ଯୋଡ ଯାତ୍ରାର ସଫଳତାରେ ବିଚଳିତ ବିଜେପି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ସେପଟେ ବିଜେପି ମଧ ଜବାବ ରଖିଛି ।

## ସ୍ୱାମୀର ଏସିଡ଼ ମାଡ଼ରେ ଦ୍ୱିତୀୟ ପତ୍ନୀଙ୍କ ସମେତ ୪ ଗୁରୁତର



ବାଲେଶ୍ୱର, ୨୦/୦୨ (ନି.ପ୍ର): ସହରର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭୀମପୁରା ଗ୍ରାମରେ ଜନୈକ ଯୁବକଙ୍କ ଏସିଡ ମାଡ଼ରେ ପତ୍ନୀଙ୍କ ସମେତ ଦୁଇ ମହିଳା ଓ ଦୁଇ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହତମାନେ ହେଲେ ଭୀମପୁରା ଗ୍ରାମର କାର୍ତ୍ତିକ ସିଂଙ୍କ ବଡ଼ଝିଅ ବର୍ଷା ସିଂ (୨୫), ତାଙ୍କ ୫ବର୍ଷର କନ୍ୟା ଓ ୮ ମାସର ଶିଶୁପୁତ୍ର ଏବଂ ସାନଝିଅ ବନିତା ସିଂ (୨୦) । ତେବେ ବନିତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ବନିତାଙ୍କ ବାପା କାର୍ତିକ ସିଂଙ୍କ ଏତଲା କ୍ରମେ ସହଦେବଖୁଣ୍ଟା ଥାନା ପୁଲିସ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ନୟାପାଟଣା ଗ୍ରାମର ଚନ୍ଦନ କୁମାର ରଣା ଭୀମପୁରା ଅଞ୍ଚଳର ଏକ ଗହଣା ଦୋକାନରେ କାରୀଗର ଭାବେ କାର୍ଯ୍ୟ କରୁଥିବା ବେଳେ ବନିତାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପ୍ରାୟ ଦେଢ଼ ମାସ ପୂର୍ବେ ଉଭୟ ବିବାହ କରିଥିଲେ । ମାତ୍ର ପୂର୍ବରୁ ଯେ ଚନ୍ଦନ ବିବାହିତ ଏବଂ ପତ୍ନୀଙ୍କ ସମେତ ତାଙ୍କର ଦୁଇ ସନ୍ତାନ ଅଛନ୍ତି, ବିବାହ ପରେ ଏ ସମ୍ପର୍କରେ ବନିତା ଜାଣିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବାକବିତଣ୍ଡା ହବା ସହ ବନିତା ବାପାଙ୍କ ଘରକୁ ପଳାଇ ଆସି ଭୀମପୁରାରେ ଭଡ଼ା ନେଇ ରହୁଥିବା ବଡ ଭଉଣୀ ବର୍ଷାଙ୍କ ପାଖରେ ଆଶ୍ରୟ ନେଇଥିଲେ । ପରେ ସେ ସହଦେବଖୁଂଟା ଥାନାରେ ଚନ୍ଦନ ବିରୋଧରେ ଏକ ଏତଲା ମଧ ଦେଇଥିଲେ । ୧୫ ଦିନ ତଳେ ଥାନାରେ ଚନ୍ଦନ ଓ ବନିତା ଉଭୟଙ୍କ ଠାରୁ ଅଲଗା ରହିବା ନେଇ ଦୁଇ ପରିବାର ମଧ୍ୟରେ ବୁଝାମଣା ହୋଇଥିଲା । ଏପରିକି କେହି କାହା ସହ ସମ୍ପର୍କ ରଖିବେ ନାହିଁ ବୋଲି ଉଭୟ ଚନ୍ଦନ ଓ ବନିତା ବୁଝାମଣାପତ୍ରରେ ରାଜି ହୋଇଥିଲେ । ତେବେ ସୋମବାର ଦିନ ୧୨ଟା ସମୟରେ ଚନ୍ଦନ ଭୀମପୁରା ସ୍ଥିତ ବର୍ଷାଙ୍କ ଭଡ଼ାଘରେ ପହଞ୍ଚି ବନିତାକୁ ସଙ୍ଗରେ ନେଇଯିବାକୁ ଡାକିଥିଲେ । ବନିତା ଏବଂ ବଡ଼ ଭଉଣୀ ବର୍ଷା ଘରୁ ବାହାରକୁ ଆସିବା ମାତ୍ରେ ଚନ୍ଦନ ସେମାନଙ୍କ ସହ ଯୁକ୍ତି ତର୍କ କରିଥିଲା । ବନୀତା ତାଙ୍କ ସହ ଯିବାକୁ ରାଜି ନ ହେବାରୁ ଶେଷରେ ଚନ୍ଦନ ଉତ୍ତ୍ୟକ୍ତ ତାଙ୍କ ଉପରକୁ ଫୋପାଡି ଥିଲା । ଅଧିକ ମାତ୍ରାରେ ଏସିଡ ବନିତାଙ୍କ ଉପରେ ପଡ଼ିଥିବା ବେଳେ ତାଙ୍କ ଶରୀର ୮୦ରୁ ଅଧିକ ଭାଗ ପୋଡି ଯାଇଛି । ବନୀତାଙ୍କ ପାଖରେ ଛିଡ଼ା ହୋଇଥିବା ବର୍ଷା ଓ ଦୁଇ ଶିଶୁ ଏହି ଏସିଡ଼ ମାଡ଼ରେ ଗୁରୁତର ହୋଇଥିବା ଦେଖିବାକୁ ମିଳିଛି । ଘଟଣା ଘଟାଇବା ପରେ ଚନ୍ଦନ ସେଠାରୁ ଫେରାର ହୋଇଯାଇଥିବା ବେଳେ ବନୀତାଙ୍କ ସହ ଅନ୍ୟ ଆହତଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ସେଠାରୁ ବନିତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଡାକ୍ତରଖାନା ସୂତ୍ରରୁ ଜଣାଯାଇଛି । ଅନ୍ୟପକ୍ଷରେ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ ପୂର୍ବକ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଥିବା ବାଲେଶ୍ୱର ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି ।

## 'ସୃଜନ ଶ୍ରୀକ୍ଷେତ୍ର'ର ସମ୍ମାନ ଘୋଷଣା

### ଭରତ, ସୈରିନ୍ଧ୍ରୀ, ସୁନିଲ ଓ ଚନ୍ଦ୍ରମୋହନ ମନୋନୀତ



ସିମୁଳିଆ, ୨୦/୦୨ (ନି.ପ୍ର): କଳା, ସାହିତ୍ୟ ଓ ସଂସ୍କୃତିର ଆଗ୍ନିକ ସ୍ଫୁଲିଙ୍ଗ ସୃଜନ ଶ୍ରୀକ୍ଷେତ୍ର , ମାର୍କୋଣା ୨୦୨୩ ବର୍ଷର ର ମର୍ଯ୍ୟାଦାଜନକ ସମ୍ମାନ ଘୋଷଣା କରିଛି । ସୃଜନ ଶ୍ରୀକ୍ଷେତ୍ରର ସଚିବ ତଥା ଓଡିଶା ସାହିତ୍ୟ ଏକାଡେମୀର ବାଲେଶ୍ୱର ଜିଲ୍ଲା ପ୍ରତିନିଧି କବି ଭରତ ଚନ୍ଦ୍ର ଦାଶ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ଯେ ଆସନ୍ତା ମାର୍ଚ୍ଚ ୫ ତାରିଖ, ରବିବାର ମାର୍କୋଣା ଡାକବଙ୍ଗଳା ସମ୍ମିଳନୀ କକ୍ଷରେ ସୃଜନ ଶ୍ରୀକ୍ଷେତ୍ର ର ୯ମ କବି କବିତା ମହାକୁମ୍ଭ ଅନୁଷ୍ଠିତ ହେବ । ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ଶତାଧିକ କବି କବିତା ପାଠ କରିବେ । ଚଳିତ ବର୍ଷର ମର୍ଯ୍ୟାଦାଜନକ ସୃଜନ ଶ୍ରୀକ୍ଷେତ୍ର ସମ୍ମାନ ବିଶିଷ୍ଟ ସମାଲୋଚକ କବି ଡକ୍ଟର ଭରତ ବେହେରା, କବି କବିତା ମହାକୁମ୍ଭ ସମ୍ମାନ ବିଶିଷ୍ଟ କବୀ ତଥା ସାଗରିକାର ସଂପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ, କବି କବିତା ମହାକୁମ୍ଭ କବିତା ସମ୍ମାନ ବିଶିଷ୍ଟ କବି ତଥା ଶିକ୍ଷାବିତ୍ ସୁନିଲ ମିଶ୍ର ଏବଂ କବି କବିତା ମହାକୁମ୍ଭ ପ୍ରତିଭା ସମ୍ମାନ ବିଶିଷ୍ଟ କଥାକାର ତଥା ଶଙ୍ଖବେଳାର ସଂପାଦକ ଚନ୍ଦ୍ରମୋହନ ମହାପାତ୍ରଙ୍କୁ ପ୍ରଦାନ କରାଯିବ । ୯ମ କବି କବିତା ମହାକୁମ୍ଭରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବି ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ, ସିମୁଳିଆର ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ଅଂଶ ଗ୍ରହଣ କରୁଥିବା କବିମାନଙ୍କୁ ପ୍ରତିଭା ସ୍ୱୀକୃତି ପ୍ରଶସ୍ତି ପତ୍ର ପ୍ରଦାନ କରାଯିବ ବୋଲି ସୃଜନ ଶ୍ରୀକ୍ଷେତ୍ରର ସଚିବ କବି ଭରତ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି ।

# ଠେଙ୍ଗାରେ ପିଟିପିଟି ଯୁବକଙ୍କୁ ହତ୍ୟା କଲେ ପଡ଼ୋଶୀ



ନୟାଗଡ଼, ୨୦/୦୨ (ନି.ପ୍ର): ପଡ଼ୋଶୀ ଠେଙ୍ଗାରେ ପିଟିପିଟି ଜଣେ ଯୁବକଙ୍କୁ ହତ୍ୟା କରିଥିବାର ଖବର ମିଳିଛି। ଏହି ଘଟଣାରେ ମୃତକର ସାନଭାଇ ଆହତ ହୋଇଛି। ଏଭଳି ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଧୀନ କାଦୁଆପଡ଼ା ଗାଁରେ।
ସୂଚନା ଅନୁଯାୟୀ, କାଦୁଆପଡ଼ା ଗାଁର ଶରତ କୁମାର ପଣ୍ଡା ଓ ଗୋବିନ୍ଦ ପ୍ରଧାନ ଦୁହେଁ ପଡ଼ୋଶୀ। ଉଭୟ ଲୁହା କବାଡ଼ିଆ ବେପାର କରନ୍ତି। ଗତକାଲି ବିଳମ୍ବିତ ରାତିରେ ଉଭୟଙ୍କ ଭିତରେ ବ୍ୟାବସାୟିକ କାରଣରୁ ଝଗଡ଼ା ହୋଇଥିଲା। ଏହାପରେ ଗୋବିନ୍ଦ ପ୍ରଧାନ ଠେଙ୍ଗାରେ ଶରତ କୁମାର ପଣ୍ଡାଙ୍କୁ ଆକ୍ରମଣ କରିଥିଲେ। ବଡ଼ଭାଇକୁ ରକ୍ଷା କରିବାକୁ ଯାଇଥିଲେ ସାନଭାଇ ବସନ୍ତ କୁମାର ପଣ୍ଡା।
ସେଠାରୁ ଗୁରୁତର ଅବସ୍ଥାରେ ଶରତ କୁମାର ପଣ୍ଡା(୨୭)ଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଣେ ସାନଭାଇ ବସନ୍ତ କୁମାର ପଣ୍ଡା ଆହତ ହୋଇଥିଲେ। ଏନେଇ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ତେବେ ରିପୋର୍ଟ ପ୍ରସ୍ତୁତ ହେବା ଯାଏ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ଆନନ୍ଦପୁର ବ୍ୟାରେଜର କେନାଲ କାର୍ଯ୍ୟ ଓ ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା

କେନ୍ଦୁଝର, ୨୦/୦୨ (ନି.ପ୍ର): ଓଡିଶାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଚଳିତ ଶନିବାର ଦିନ ଆନନ୍ଦପୁର ଗସ୍ତରେ ଆସି ଆନନ୍ଦପୁର ବ୍ୟାରେଜର କେନାଲ କାର୍ଯ୍ୟ ଓ ମେଗା ଉଠାଜଳସେଚନ ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିବା ସହିତ ତଦାରଖ କରିଛନ୍ତି । ଆନନ୍ଦପୁର ଫରେଷ୍ଟ ଗେଷ୍ଟ ହାଉସଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ପ୍ରକଳ୍ପ ଗୁଡିକର ଅଗ୍ରଗତି ସମୀକ୍ଷା କରିବା ସହିତ ନିର୍ମାଣ କାର୍ଯ୍ୟର ଗୁଣାତ୍ମକ ମାନ ଉପରେ ଗୁରୁତ୍ୱ ଆରୋପ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସଂପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଇଥିଲେ । ଜିଲ୍ଲାପାଳ ଆଶିଷ ଠାକ୍ରେ ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଓ ସ୍ଥିତି ସଂପର୍କରେ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ଆନନ୍ଦପୁର ବ୍ୟାରେଜ ର ୧୧୦ କିମି ବିଶିଷ୍ଟ ମୁଖ୍ୟ କେନାଲ ର ୭୦ କିମି କେନାଲ ଖୋଳା ସରିଛି ଏବଂ ତନ୍ମଧ୍ୟରୁ ୪୫ କିମି କେନାଲ ର ସିମେଂଟ କଂକ୍ରିଟ ଲାଇନିଂ କାମ ଶେଷ ହୋଇସାରିଛି । ବିଭିନ୍ନ ପ୍ୟାକେଜରେ ହେଉଥିବା କେନାଲ କାମ ଏବଂ ହେବାକୁ ଥିବା କେନାଲ କାମ ସଂପର୍କରେ ସମୀକ୍ଷା କରି ୨୦୨୪ ସୁଦ୍ଧା ସେସବୁ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ବୈତରଣୀ ଲେଫ୍ଟ ବ୍ୟାଙ୍କ କେନାଲ ର ଅଗ୍ରଗତି ସମୀକ୍ଷା କରି ୨୦୨୩ ଜୁନ୍ ମାସ ସୁଦ୍ଧା ଶେଷ କରିବା ସହ ଚାଷ ପାଇଁ ଜଳସେଚନ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆନନ୍ଦପୁର ବ୍ୟାରେଜ ନିକଟରେ ନିର୍ମାଣ ଆରମ୍ଭ ହୋଇଥିବା ୱାଚ୍ ଟାୱାର ବର୍ଷେ ମଧ୍ୟରେ ଶେଷ କରିବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ଜିଲ୍ଲାରେ ତଥା ଆନନ୍ଦପୁର ସବ୍‌ଡିଭିଜନରେ ହାତକୁ ନିଆଯାଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ ଓ ସ୍ଥିତି ସଂପର୍କରେ ସମୀକ୍ଷା କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ଗୁଡିକର ନିର୍ମାଣ ଶେଷ କରି ଚାଷୀମାନଙ୍କ ନିମନ୍ତେ ଜଳସେଚନ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଆଶିଷ ଠାକ୍ରେଙ୍କ ସମେତ ଡିଏଫ୍ଓ ବନ୍ୟପ୍ରାଣୀ ଡିଭିଜନ ଆନନ୍ଦପୁର ଅଭୟ କୁମାର ଦଳେଇ, ଆନନ୍ଦପୁର ବ୍ୟାରେଜ ପ୍ରୋଜେକ୍ଟ ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅବିନାଶ ରାଉଳ, ଅଧିକ୍ଷଣ ଯନ୍ତ୍ରୀ କିଶୋର କୁମାର କର, ଅଧିକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ମାଝୀ,ସେଟ୍ରାଂଲ ମେଗା ଲିଫ୍ଟ ସର୍କଲ ର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କ ସମେତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉକ୍ତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଏହାପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କ୍ଷେତ୍ର ପରିଦର୍ଶନରେ ଯାଇ ବୈତରଣୀ ଲେଫ୍ଟ ବ୍ୟାଙ୍କ କେନାଲ ୦ ରୁ ୪ କିମି ପର୍ଯ୍ୟନ୍ତ କେନାଲର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ ଏବଂ ନିର୍ମାଣ କାର୍ଯ୍ୟରେ କଡାକଡି ଭାବେ ଗୁଣାତ୍ମକ ମାନ ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ପୁରୀ ଟ୍ରେକିଂ କ୍ଲବର ପରିବେଶ ସୁରକ୍ଷା ବାର୍ତ୍ତା

ପୁରୀ, ୨୦/୦୨ (ନି.ପ୍ର): ବିରଳ ଅଲିଭ ରିଡଲେ ସିତୁଲ୧ ପ୍ରାଣୀ କଇଁଛଙ୍କ ସୁରକ୍ଷା, ପରିବେଶ ଉପଯୋଗୀ ପର୍ଯ୍ୟଟନ, ସାମୁଦ୍ରିକ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ପୁରୀ ବେଳାଭୂମିରୁ କୋଷ୍ଟାଲ ଟ୍ରେକରେ ପୁରୀ ଟ୍ରେକିଂ କ୍ଲବର ସଦସ୍ୟମାନେ କୋଣାର୍କ ମେରାଇନ ରୋଡର ନୂଆନଈ ବେଳାଭୂମି ପର୍ଯ୍ୟନ୍ତ ଯାଇଥିଲେ। ନୀଳାଦ୍ରି ବିଚରୁ ଅଭିଯାନ ଆରମ୍ଭ କରି ନୂଆନଈରେ କୋଷ୍ଟାଲ ଟ୍ରେକ ଶେଷ କରିଥିଲେ। ଏହି କୋଷ୍ଟାଲ ଟ୍ରେକର ମୂଳ ଉଦ୍ଦେଶ୍ୟ ପରିବେଶ ସନ୍ତୁଳନ ଓ ସବୁଜିମା ଜଙ୍ଗଲ, ସୁନ୍ଦର ପରିବେଶ ବାର୍ତ୍ତା ପ୍ରଚାର କରିବା। କୋଷ୍ଟାଲ ଟ୍ରେକ ସମୟରେ ଜଣେ ସଦସ୍ୟ ଏକ ଟିଇଁ ଟିଆଁ ଚଢେଇ ଆଘାତ ପ୍ରାପ୍ତ ହୋଇ ଗୁରୁତର ଅବସ୍ଥାରେ ପଡିଥିବା ଦେଖି ତାକୁ ଧରି ତାର ପ୍ରାଥମିକ ଚିକିତ୍ସା କରାଇ ଭଲ କରିବାକୁ ଚେଷ୍ଟା କରିଥିଲେ। ପକ୍ଷୀଟିର ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହେଉଥିବାରୁ ସେଠାରେ ହଳଦୀ ଦେଇ କ୍ଷତକୁ ପୂରଣ କରାଯାଇଥିଲା। ପରେ ବନବିଭାଗର କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁରୀର ପର୍ଯ୍ୟଟନର ଅଭିବୃଦ୍ଧିକୁ ନେଇ ଆଜି କୋଷ୍ଟାଲ ଟ୍ରେକ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ ପାଇଁ ପ୍ରଚେଷ୍ଟା କରାଯାଇଛି। ଏହି ଦିନକିଆ ଅଭିଯାନରେ ୧୩ କିଲୋମିଟର ବ୍ୟାପି କୋଷ୍ଟାଲ ଟ୍ରେକ ରେ ୨୦ରୁ ଉର୍ଦ୍ଧ ପ୍ରତିନିଧି ଭାଗ ନେଇଛନ୍ତି। ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଏହି ଦୁଃସାହାସିକ ତଥା ଜନସଚେତନ ପଦଯାତ୍ରାରେ ସାମିଲ ହୋଇ ପ୍ରତିନିଧି ମାନେ ନିଜକୁ ଗୌରାବାନ୍ୱିତ ମନେ କରିଛନ୍ତି।୧୯ ଥର ପାଇଁ ଆୟୋଜିତ ହେଉଥିବା ଏହି କୋଷ୍ଟାଲ ଟ୍ରେକିଙ୍ଗ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ ରଖି ବେଳାଭୂମିକୁ ପ୍ରଦୂଷଣ ମୁକ୍ତ କରିବା, ବିରଳ ଅଲିଭ ରିଡଲେ କଇଁଛ ସୁରକ୍ଷା ତଥା ପୁରୀ ଚିଲିକା ପର୍ଯ୍ୟଟନର ବିକାଶକୁ ଲକ୍ଷରେ ରଖି ଏହି ଟ୍ରେକିଙ୍ଗ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଛି। ମନମୁଗ୍ଧକର ବେଳାଭୂମି ସବୁବେଳେ ସମସ୍ତଙ୍କୁ କରିଥାଏ ଆକର୍ଷଣ। ଏହି ଆକର୍ଷଣୀୟ ବେଳାଭୂମିରେ ଚାଲିଚାଲି ଟ୍ରେକ କରିବାରେ ରହିଛି ନିଆରା ଅନୁଭବ। ଏହି ଅନୁଭବକୁ ସାଉଁଟି ସ୍ମରଣୀୟ କରିବା ସହିତ ମହତ ଉଦ୍ଦେଶ୍ୟରେ ଜନ ସଚେତନତା ସୃଷ୍ଟି କରିବାର ନିଆରା ଅନୁଭୂତି ବେଶ ଆନନ୍ଦ ଦାୟକ । ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ ତଥା ଦୁଃସାହାସିକ ପଦଯାତ୍ରାରେ ସାମିଲ ହୋଇ ସମସ୍ତେ ଖୁସି ବ୍ୟକ୍ତ କରିଥିଲେ।

# ଲୋଇସିଙ୍ଗା ଲେଭେଲ କ୍ରସିଂ ରେ ଟ୍ରେନ ଧକ୍କାରେ ଯୁବକ ମୃତ

ବଲାଙ୍ଗୀର, ୨୦/୦୨ (ନି.ପ୍ର): ଲୋଇସିଙ୍ଗା ଗ୍ରାମର ରାସ୍ତାର ରେଲୱେ ଲେଭେଲ କ୍ରସିଂ ରାସ୍ତାରେ ଗୋଟିଏ ଯୁବକଙ୍କୁ ମୃତ ଅବସାରେ ଲୋକେ ଦେଖିବାକୁ ପାଇଥିଲେ। ଖବରରୁ ଜଣାଯାଇଛି ଯେ ମୃତକ ଲୋଇସିଙ୍ଗାର ହାଡୁ ଶତପଥୀଙ୍କ ପୁତ୍ର ବଂଶୀଧର ଶତପଥୀ (୨୯)ବୋଲି ଜଣାପଡିଛି ସେ ନିକଟରେ ଏକ ଦୋକାନରେ କାମକରି ଚାଲୁଥିଲେ ଓ ରେଲ ଧାରଣାରେ ପଡିଥିବା ମୃତକର ଅବସ୍ଥା ଦେଖି ଏହା ଧକ୍କାରେ ମାରିଥିବା ଜଣା ପଡିଛି।

## ଓସିଏ ପକ୍ଷରୁ ବରିଷ୍ଠ ପୁରୁଷ କ୍ରିକେଟ ଟିମ ପାଇଁ ନାମ ପଞ୍ଜିକରଣ

ଜୟପୁର, ୨୦/୦୨ (ନି.ପ୍ର): ବରିଷ୍ଠ ପୁରୁଷ କ୍ରିକେଟ ଟିମ ପାଇଁ ଓସିଏ ପକ୍ଷରୁ ଖେଳାଳୀଙ୍କ ନାମ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି କ୍ରମରେ କୋରାପୁଟ ଜିଲ୍ଲା ପାଇଁ ଜୟପୁର ଦଶହରା ପଡିଆରେ ଆସନ୍ତା ୨୦ ରୁ ୨୪ ତାରିଖ ମଧ୍ୟରେ ନାମ ପଞ୍ଜିକରଣ କରାଯିବା । ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୧ଟା ଯାଏଁ ଏହି ପ୍ରକ୍ରିୟା ଚାଲୁରହିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି । ଭିଜନ ୨୦୨୪ ଅନ୍ତର୍ଗତ ପୂର୍ବ ବର୍ଷ ପଞ୍ଜିକୃତ କ୍ରିକେଟ କ୍ଲବ ର ଖେଳାଳୀ ମାନେ ନିର୍ଦ୍ଧାରିତ ସମୟ ସୀମାରେ ଉପସ୍ଥିତ ରହିବାକୁ ଉପଖଣ୍ଡ କ୍ରୀଡ଼ା ସଂଘ ପକ୍ଷରୁ ସମ୍ପାଦକ ରବି ନାୟକ, ଉପାଧ୍ୟକ୍ଷ ଅନୁପ ପାତ୍ର, ,ାଲା ରାୟ, କୋଷାଧ୍ୟକ୍ଷ ସଂଜୟ ଜୈନ ପ୍ରମୁଖ ଜଣାଇଛନ୍ତି ।

# କାଳଗର୍ଭରେ ଲୀନ ହେଲାଣି କାଗଜ କଣ୍ଢେଇ : ଚାହିଦା ଅଛି, ପ୍ରୋତ୍ସାହନ ନାହିଁ



ପୁରୀ, ୨୦/୦୨ (ନି.ପ୍ର): କାଳଗର୍ଭରେ ବୁଡ଼ିଯିବାକୁ ବସିଛି କାଗଜ କଣ୍ଢେଇ। ଦିନେ ଯେଉଁ ପାରମ୍ପରିକ କାଗଜ ମୁଖା ତିଆରି କରି ରୂପକାରମାନେ ପ୍ରଶଂସା ସାଉଁଟୁଥିଲେ ଏବେ ସେଇ କଳା ପ୍ରୋତ୍ସାହନ ଅଭାବରୁ ହଜି ଯାଉଛି। କାଗଜ ମୁଖା ତିଆରି କରୁଥିବା କାରିଗର ପରିବାରର ଦାୟଦମାନେ ଏହି କଳାରୁ ମୁହଁ ଫେରେଇ ନେଲେଣି। ଏବେଠୁ ଏହି ପାରମ୍ପରିକ କଳା ସଂଗ୍ରହାଳୟରେ ସ୍ଥାନ ପାଇଲାଣି। ଆଗକୁ ଏହା ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବା ନେଇ ଆଶଙ୍କା ଦେଖା ଦେଇଛି।
ପୁରୀରେ ପୂର୍ବରୁ ଚିତ୍ରକର ସାହିର ୧୫ରୁ ଅଧିକ ପରିବାର କାଗଜ ମୁଖା, କଣ୍ଢେଇ, ସବାରୀ, ମନ୍ଦିର ଆଦି ପ୍ରସ୍ତୁତ କରୁଥିଲେ। ପାଳ ସାହି ଓ ବାସେଳି ସାହିରେ ମଧ କିଛି ପରିବାର ଏହି କାରିଗରୀରେ ପାରଙ୍ଗମ ଥିଲେ। ମାତ୍ର ପାରମ୍ପରିକ କଳା ପ୍ରତି ଲୋକେ ମୁହଁ ମୋଡ଼ିବା ଏବଂ ସରକାରୀ ପ୍ରୋତ୍ସାହନର ଅଭାବ ଏହି କଳାକୁ ତିଷ୍ଠି ରହିବା ପାଇଁ ଦେଲାନାହିଁ। ବଳଦେବ ସାହିର ୬୬ ବର୍ଷ ବୟସ୍କା ବିଷ୍ଣୁପ୍ରିୟା ମହାପାତ୍ରଙ୍କ କହିବା ମୁତାବକ, ଏହି କଣ୍ଢେଇରେ ପିଲାମାନଙ୍କର ଭାରି ଶ୍ରଦ୍ଧା। ବଡ଼ମାନେ ବି ଘର ସଜେଇବାକୁ କାଗଜ ମୁଖା ଓ କଣ୍ଢେଇ କିଣି ନିଅନ୍ତି। କାଗଜରେ ପ୍ରସ୍ତୁତ ହେଉଥିଲେ ହେଁ ଏହାକୁ ମୂଷା ଓ ଅନ୍ୟ କୀଟ ଯେଭଳି ନଷ୍ଟ ନକରିବେ ସେନେଇ ପ୍ରକ୍ରିୟାକରଣ କରାଯାଉଛି। କିନ୍ତୁ ବଜାର ଦରକୁ ଦେଖିଲେ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ତେଣୁ ଆଜିକାଲିର ପିଢ଼ି ଏ କଳାକୁ ଆପଣାଇବାକୁ ଭଲ ପାଉନାହାନ୍ତି। ତାଙ୍କ କହିବା ମୁତାବକ, ବର୍ଷ ତମାମ ସେ ଅଦରକାରୀ କାଗଜରେ ଏହି କାଗଜ କଣ୍ଢେଇ ପ୍ରସ୍ତୁତ କରନ୍ତି। ଦିନ ଥିଲା, ଏହି କାଗଜ କଣ୍ଢେଇ ଥିଲା ତାଙ୍କ ଭଳି ୮-୧୦ ପରିବାରର ମୁଖ୍ୟ ବେଉସା। ମାତ୍ର ଉଚିତ ପାରିଶ୍ରମିକ ମିଳୁନଥିବାରୁ ସମୟାନୁକ୍ରମେ ମରିଯିବାକୁ ବସିଛି। ଏବେ ଏହି କଣ୍ଢେଇ ୨୦ ଟଙ୍କାରୁ ଆରମ୍ଭ କରି ୨୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବାହାରୁ ବ୍ୟବସାୟୀମାନେ ଆସି କିଣି ନିଅନ୍ତି। ଜାଗର, ଦୋଳ ପୂର୍ଣ୍ଣମୀ, ଚନ୍ଦନଯାତ୍ରା ସମେତ ବିଭିନ୍ନ ଯାନିଯାତ୍ରାରେ ହିଁ ଏହି ?କଣ୍ଢେଇର ବିକ୍ରିବଟା ହୁଏ। ଯଦିଓ କଳାର ଆଦର ଅଛି, କିନ୍ତୁ ଏ କଳା ପାଇଁ ଆଉ ଲୋକ ନାହାନ୍ତି ବୋଲି ବିଷ୍ଣୁପ୍ରିୟା କହିଛନ୍ତି।
କାଗଜ, ଅଠା, ମାଟି, କରତ ଗୁଣ୍ଡ, ଖଡ଼ି, ରଙ୍ଗ, ବାନିସୀ, ଶାଗୁ ଓ ମହିଗିରାରେ କାଗଜ ନିର୍ମିତ ଅଭଙ୍ଗା କଣ୍ଢେଇମାନ ପ୍ରସ୍ତୁତ ହୁଏ। ତାଙ୍କ ହାତ ତିଆରି ବାଘ, ହାତୀ, ହରିଣ, ଷଣ୍ଢ ପ୍ରତିକୃତିର କାଗଜ କଣ୍ଢେଇ ବାଟରେ ଚାଲି ଯାଉଥିବା ଲୋକଙ୍କୁ ଅଟକି ଯିବାକୁ ବାଧ କରେ। ମୁଣ୍ଡ ହଲାଉଥିବା ବାଘ ହାତୀଙ୍କୁ ଦେଖିଲେ କିଣି ନେବାକୁ ମନ ଲୋଡ଼େ। ମାତ୍ର ସମୟ ସ୍ରୋତରେ ଏ କଳା ତା'ର ଅସ୍ତିତ୍ୱ ହରାଇବାକୁ ଯାଉଛି। ଏନେଇ ଅନ୍ୟତମ ଶିଳ୍ପୀ ତଥା ଶ୍ରୀମନ୍ଦିରର ରୂପକାର ସେବକ ନରସିଂହ ମହାପାତ୍ର କହିଛନ୍ତି, ରଘୁରାଜପୁରରେ ଏହି କଳା କିଛି ମାତ୍ରାରେ ବଞ୍ଚି ରହିଛି।

# ୧୭୫ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବାହାରିଲେ

କେନ୍ଦୁଝର, ୨୦/୦୨ (ନି.ପ୍ର): ଓଡିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କେନ୍ଦୁଝର ଜିଲ୍ଲାରୁ ୧୭୫ ଜଣ ବରିଷ୍ଠ ନାଗରିକ ଚଳିତ ଫେବୃଆରୀ ୧୯ ତାରିଖ ରବିବାର ଦିନ ଉତର ଭାରତର ଋଷିକେଷ ଓ ହରିଦ୍ୱାର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଉପଲକ୍ଷେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଓ ନିର୍ଦ୍ଦେଶ ଅନୁଯାୟୀ ପ୍ରସ୍ତୁତି କାର୍ଯ୍ୟ ସଂପନ୍ନ ହୋଇଥିଲା। ତଦନୁଯାୟୀ ଚଳିତ ଫେବୃଆରୀ ୧୯ ତାରିଖ ରବିବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ (ଲୋକସଭା) ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ପତାକା ହଲାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ ଏବଂ ତୀର୍ଥଯାତ୍ରୀମାନଙ୍କର ଯାତ୍ରା ଶୁଭମୟ ଓ ଆନନ୍ଦଦାୟକ ହେଉ ବୋଲି କାମନା କରିଥିଲେ। ଆର୍ଥିକ ଦୁର୍ବଳ ଶ୍ରେଣୀର ବରିଷ୍ଠ ନାଗରିକମାନଙ୍କର ତୀର୍ଥଯାତ୍ରାର ସ୍ୱପ୍ନକୁ ସାକାର କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ତୀର୍ଥଯାତ୍ରୀମାନେ ପ୍ରକାଶ କରି ଖୁସି ଜାହିର କରିଛନ୍ତି। ସୂଚନାଯୋଗ୍ୟ ଯେ, ରବିବାର ଅପରାହ୍ନରେ ୫ଟି ବସରେ କେନ୍ଦୁଝରରୁ ବାହାରିଥିବା ତୀର୍ଥଯାତ୍ରୀ ମାନେ ବାଲେଶ୍ୱର ଠାରେ ରାତ୍ରି ଯାପନ କରିବେ। ଫେବୃଆରୀ ୨୦ ତାରିଖ ସୋମବାର ଅପରାହ୍ନ ୧୨ଟା ୪୫ମିନିଟ୍ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୀର୍ଥଯାତ୍ରାର ଶୁଭାରମ୍ଭ କରିବା ପରେ ଏକ ସ୍ୱତନ୍ତ୍ର ଟ୍ରେନରେ ତୀର୍ଥଯାତ୍ରୀମାନେ ଋଷିକେଷ-ହରିଦ୍ୱାର ଅଭିମୁଖେ ଯାତ୍ରା କରିବେ। ତୀର୍ଥ ଯାତ୍ରାକୁ ସୁବ୍ୟବସ୍ଥିତ କରିବା ପାଇଁ ସରକାରଙ୍କ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ୬ ଜଣିଆ ସରକାରୀ କର୍ମଚାରୀ ଟିମ୍‌ଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲ୍ଲାର ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଛନ୍ତି।

# ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଭିଭାବକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୦/୦୨ (ନି.ପ୍ର): ସରସ୍ୱତୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ରବିବାର କେନ୍ଦ୍ରାପଡ଼ାରେ ଅନୁଷ୍ଠିତ ହୋଇଯାଇଛି। କଟକ ଲିଙ୍କ୍‌ରୋଡ଼ ଠାରେ ଥିବା ଏହି ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିଶ୍ୱଜିତ୍ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଡ଼ଃ ଦାଶରଥୀ ପ୍ରଧାନ ଓ ବାଲୁଙ୍କେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ରହି ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହ ପିଲାମାନଙ୍କର ପାଠପଢ଼ା ଅଗ୍ରଗତି ସମ୍ପର୍କରେ ଭାବ ବିନିମୟ କରିଥିଲେ। ଏହି ବିଦ୍ୟାଳୟଟି ୨୦୧୨ ମସିହାରେ ସ୍ଥାପନ କରାଯାଇ ଥିବାବେଳେ ଛାତ୍ରଛାତ୍ରୀଙ୍କ ସଫଳତା ଆଶାନୁରୂପ ହେଉଥିବା ବିଦ୍ୟାଳୟ କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଉପସ୍ଥିତ ଥିବା ଅଭିଭାବକମାନେ ନିଜର ମନ୍ତବ୍ୟ ପ୍ରକାଶ କରିଥିଲେ।

# ପଣ୍ଡରା ସମାଜ ରାଜ୍ୟସ୍ତରୀୟ ସମ୍ମିଳନୀ

ବଲାଙ୍ଗୀର, ୨୦/୦୨ (ନି.ପ୍ର): ବଲାଙ୍ଗୀର ଅଗ୍ରସେନ ଭବନ ଠାରେ ପଣ୍ଡରା ସମାଜ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଚି ଓ ଆବାହକ ରସରାଜ ସାଙ୍କ ସଭାପତିତ୍ୱରେ ସଭାରେ ଅତିଥିଭାବେ ଶିବ ଥାନପତି, ରଞ୍ଜନ ମହଲା, ମୋହନ ଦ୍ୱାରୀ, ପଂଚାନନ ଦଳପତି, ପରମା ନନ୍ଦ ସାହୁ, ଦୟା ସାଗର ସାହା, ଗୋବର୍ଦ୍ଧନ ସାହୁ, ରଘୁରାଜ ସିଂ ସେନାପତି ମଂଚାସୀନ ଥିଲେ। ସଭା ପୂର୍ବରୁ ଇଷ୍ଟଦେବୀ ମା ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଷମାନିଧି ଝାଙ୍କର ସଂଯୋଜନା କରିଥିଲେ । ଆଲୋଚନା ପର୍ଯ୍ୟାଲୋଚନା ପରେ ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ନିର୍ବାଚନ କରଯାଇଥିଲା ଓ ଦୁଇବର୍ଷ କାର୍ଯ୍ୟକାଳ ପାଇଁ ସଭାପତି ରସ ରାଜ ସା, ଉପସଭାପତି ସୁରେନ୍ଦ୍ର ଖମାରି, ଉପେନ୍ଦ୍ର ଭୋଇ, ସମ୍ପାଦକ ବୁଦ୍ଧଦେବ ବିଶି, ସହସମ୍ପାଦକ ଗୋବର୍ଦ୍ଧନ ସାହୁ ଓ ସୁଜାତା ଦିଶିରି, କୋଷାଧ୍ୟକ୍ଷ ପଂଚାନନ ଦଳପତି ,ସହ ମୋହନ ବିଶି, ସଂଗଠନ ସମ୍ପାଦକ ବିରେନ୍ଦ୍ର ଦେହୁରି, ସଦସ୍ୟ ଗୋପ ବାରିକ, ଚିତରଞ୍ଜନ ସା, ଅନ୍ତର୍ଯ୍ୟାମୀ ମହାକୁର, ପଙ୍କଜ ବାରିକ, ଦୀନବନ୍ଧୁ ଦିଶିରି, ଗଙ୍ଗା ଭୋଇ, ହଲଧର ସାହ,ପୁରନ୍ଦର ଭୋଇ, ବିନୋଦ ବିହାରୀ ଭୋଇ, ସବିତା ସାହୁ, ତୃପ୍ତି ଦ୍ୱାରୀ ମନୋନୀତ ହୋଇଥିଲେ। ଉପଦେଷ୍ଟା ରୁପେ ମୋହନ ଦ୍ୱାରୀ, ପରମାନନ୍ଦ ସାହ, ଦୟା ସାଗର ସାହ, ରଞ୍ଜନ ମହଲା ଶିବ ଥାନପତି ମନୋନୀତ ହୋଇଥିଲେ ଓ ଦ୍ୱିତୀୟ ଅଧିବେଶନ ଅପରାହ୍ନରେ ନୂତନ କର୍ମକର୍ତ୍ତା ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ ଓ ଏହି କାର୍ଯ୍ୟକ୍ରମକୁ ବଲାଙ୍ଗୀର ସହରାଂଚଳ ସଂସ୍ଥା କର୍ମକର୍ତ୍ତା ଓ ସଭ୍ୟଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଶେଷରେ ଦ୍ୱିତୀୟା ଦେହରି ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳୁଛି ହେକ୍ଟର ହେକ୍ଟର ଶାଳ ଜଙ୍ଗଲ



ଚିତ୍ରଡ଼ା, ୨୦/୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ଅଞ୍ଚଳରେ ରହିଥିବା ହେକ୍ଟର ହେକ୍ଟର ଶାଳ ଜଙ୍ଗଲ ଏବେ ଜଳୁଛି। ଜଙ୍ଗଲ ସୁରକ୍ଷା ପାଇଁ ପାଣି ଭଳି ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ଜଙ୍ଗଲ ନିଆଁକୁ ନିର୍ବାପିତ କରିବା ପାଇଁ କାହାର ଦାୟିତ୍ୱ କିମ୍ବା ଦୃଷ୍ଟି ଥିଲା ପରି ଲାଗୁନାହିଁ। ଯାହାଫଳରେ ଜଙ୍ଗଲ ହୁତୁହୁତୁ ହୋଇ ଜଳୁଥିଲେ ସୁଦ୍ଧା ନା ବନ ବିଭାଗ ନା ଅଗ୍ନିଶମ ବିଭାଗ ବନାଗ୍ନି ନିୟନ୍ତ୍ରଣ ପାଇଁ ଉଦ୍ୟମ କରୁଛି। ସେପଟେ ବନାଗ୍ନି ଯୋଗୁଁ ହାହାକାର କରୁଛନ୍ତି ପଶୁପକ୍ଷୀ ଓ ସରୀସୃପ। ଜଙ୍ଗଲ ନିଆଁରେ ବିଭିନ୍ନ ପ୍ରଜାତିର ପକ୍ଷୀ, ଶାଳ, ପିଆଶାଳ, ଶାଗୁଆନ୍ ଭଳି ମୂଲ୍ୟବାନ ଗଛ ସହିତ ହଜାର ହଜାର ପ୍ରଜାତିର ଔଷଧୀୟ ଗୁଳ୍ମ ପୋଡ଼ି ଯାଉଛି। ମୋରଡ଼ା ବ୍ଲକ୍ ଅଞ୍ଚଳରେ ରହିଥିବା ବିଶାଳ ଶାଳ ଜଙ୍ଗଲ ରାସଗୋବିନ୍ଦପୁର ରେଞ୍ଜ ଓ ବେତନଟୀ ରେଞ୍ଜ ଅଧୀନରେ ରହିଛି। ଏତେ ବଡ଼ ଜଙ୍ଗଲର ଦେଖାରଖା ଦାୟିତ୍ୱ ମୁଷ୍ଟିମେୟ କର୍ମଚାରୀଙ୍କ ଦ୍ୱାରା କଦାପି ସମ୍ଭବ ନୁହେଁ। ସୁତରାଂ ଏ ନେଇ ବ୍ୟାପକ ଜନସଚେତନତା, ବିଭିନ୍ନ ସଙ୍ଗଠନ,ଏସ୍‌ଏଚ୍‌ଜି ମହିଳାମାନଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଜଙ୍ଗଲ ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କଲେ ଜଙ୍ଗଲ ସୁରକ୍ଷା ସମ୍ଭବ ହୋଇପାରିବ। ଏଥିସହିତ ମନୁଷ୍ୟକୃତ ଜଙ୍ଗଲ ନିଆଁ ଓ ସେଥିରେ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ବନାଗ୍ନି କମିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।
ଏ ସମ୍ପର୍କରେ ବେତନଟୀ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚରାଯିବାରୁ ସେ କହିଥିଲେ, ଜଙ୍ଗଲ ନିଆଁକୁ ଏଡ଼ାଇବା ଲାଗି ବନ ବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା ସାଙ୍ଗକୁ ବିବିଧି ପଦକ୍ଷେପ ନିଆଯାଉଛି। ତେବେ ଗୋଟିଏ ସ୍ଥାନରୁ ନିଆଁ ଲିଭାଇବା ବେଳକୁ ଅନ୍ୟ ଏକ ସ୍ଥାନରେ ନିଆଁ ଲାଗୁଥିବାରୁ ସବୁ ସ୍ଥାନରେ ବନାଗ୍ନି ପ୍ରଶମିତ କରିବା ବନ ବିଭାଗ ପକ୍ଷରେ ସମ୍ଭବ ହେଉନାହିଁ। ଜନସାଧାରଣ ସ୍ୱଇଚ୍ଛାରେ ଜଙ୍ଗଲର ସୁରକ୍ଷା ପାଇଁ ଆଗଭର ହେଲେ ଜଙ୍ଗଲ ଜଳିବା କମିଯିବ ବୋଲି ସେ କହିଛନ୍ତି। ପ୍ରକାଶଥାଉକି, ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ପାଇଁ ଗୋଟିଏ ପଟେ ବନ ବିଭାଗ କର୍ମଚାରୀ ଫାୟାର ଲାଇନ୍ କାଟୁଥିବା ବେଳେ ଜୀବନକୁ ବାଜି ଲଗାଇ ବ୍ଲୋୟର ମେସିନ୍ ଯୋଗେ ଝଡ଼ିଥିବା ପତ୍ର ଓ ଶୁଖିଲା ଡାଳପତ୍ର ସଫା କରୁଛନ୍ତି। ଅଥଚ ଦୁର୍ବୃତ୍ତମାନେ ଅନ୍ୟ ସ୍ଥାନରେ ନିଆଁ ଲଗାଇ ଦେଉଥିବାରୁ ହେକ୍ଟର ହେକ୍ଟର ଜଙ୍ଗଲ ଜଳି ଯାଉଛି।

# ତୀବ୍ର ଗତିରେ ଚାଲିବ ମେଡିକାଲ କଲେଜ ଓ ହସପିଟାଲ ଦାବି

କେନ୍ଦ୍ରାପଡ଼ା, ୨୦/୦୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ଦାବିର ଜିଲ୍ଲା ସ୍ତରୀୟ ବୈଠକ ପ୍ରାଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସଂଗଠନର ସଂପାଦକ ଆଇନଜିବୀ ରମଣୀ ରଂଜନ ରାଉତରାୟ, ବିଗତ ୧୫ ତାରିଖ ଆନ୍ଦୋଳନ କାର୍ଯ୍ୟକ୍ରମର ସମୀକ୍ଷା ସହିତ ଲୋକମାନଙ୍କର ପୂର୍ଣ୍ଣ ସମର୍ଥନ ମିଳିଲା ତାହାର ଭୂୟସୀ ପ୍ରଶଂସା ସହିତ ଯେପର୍ଯ୍ୟନ୍ତ ଜିଲ୍ଲାରେ ମେଡିକାଲ କଲେଜ ଆଣ୍ଡ ହସପିଟାଲ ପ୍ରତିଷ୍ଠା ହୋଇନାହିଁ, ସେପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ନିଷ୍ପତି ନିଆଯାଇଛି । ଆବାହକ ପ୍ରଫୁଲ୍ଲ କୁମାର ଦାସ, ଆଦିକନ୍ଦ ରାଉଳ, ଗୟାଧର ଧଳ, ଫକିର ଚରଣ ଖଟୁଆ, ମୁକ୍ତାର ଖାଁ ପ୍ରଭୃତି ବକ୍ତବ୍ୟ ରଖିଥିଲେ। ଆସନ୍ତା ମାର୍ଚ୍ଚ ମାସ ୨୩ ସୁଧା ଜିଲ୍ଲାର ୯ଟି ବ୍ଲକ ଓ ୨ଟି ମ୍ୟୁନିସିପାଲିଟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରି ପ୍ରଶାସନକୁ ଅଚଳ କରିବାକୁ କେନ୍ଦ୍ରାପଡା ବ୍ଲକର ଆବାହକ ଭାଗିରଥୀ ଜେନା, ରାଜକନିକାର ଆବାହକ ମଙ୍ଗୁଳି ବେହେରା, ଗୁଣନିଧି ବଳ, କାଳିପ୍ରସାଦ ନାୟକ, ଦାମୋଦର ଧଳ, ଆଳି ବ୍ଲକର ଆବାହକ ରବିନାରାୟଣ ବେହେରା, ସେହାନା ବେଗମ, ପଟ୍ଟାମୁଣ୍ଡାଇ ବ୍ଲକର ରାଜକୁମାର ବିଶ୍ୱାଳ ପ୍ରଭୃତି ଯୋଗଦାନ କରି ୯ଟି ବ୍ଲକ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଶପଥ ଗ୍ରହଣ କରିଥିଲେ।

# ରାଧାମୋହନ ଗଡ଼ନାୟକ

## ବାଦଲ ଭୂୟାଁ



ରାଧାମୋହନ ଗଡ଼ନାୟକ ଜଣେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସମ୍ମାନ ପ୍ରାପ୍ତ ଓଡ଼ିଆ କବି ଥିଲେ। ତାଙ୍କର କବିତା ଗୁଡ଼ିକରେ ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି ଲକ୍ଷ୍ୟ କରାଯାଏ। ସବୁଜ ଗୋଷ୍ଠୀର ସାହିତ୍ୟ ସାଧନା କାଳରେ ଏକକ କବି ଭାବରେ ସେ ପରିଚିତ ଥିଲେ। ରାଧାମୋହନ ୧୯୧୧ ଭାଦ୍ରବ କୃଷ୍ଣପକ୍ଷ ତୃତୀୟାରେ ଅନୁଗୋଳ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ। ଅନୁଗୋଳରେ ମଧ୍ୟମ ଇଂରାଜୀ ସ୍କୁଲରେ ପାଠ ପଢୁଥିବା ସମୟରେ ସେ କବିତା ଲେଖାଲେଖିରେ ମନ ବଳାଇଥିଲେ। ଉଚ୍ଚଶିକ୍ଷାରୁ ବଞ୍ଚିତ ରାଧାମୋହନ ୧୯୨୭-୧୯୨୮ ମସିହାରେ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ମିଶ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଅନେକ ଦେଶତ୍ମବୋଧକ କବିତା ଲେଖିଥିଲେ। ୧୯୨୭ ବେଳକୁ ତାଙ୍କର ରଚିତ ଅନେକ କବିତା 'ସହକାର', 'ନବଯୁଗ', 'ପଞ୍ଚାମୃତ', 'ଉତ୍କଳ ସାହିତ୍ୟ', 'ଗଡ଼ଜାତ ବାସିନୀ' ଆଦି ପତ୍ରିକାରେ ପ୍ରକାଶିତ ହୋଇ ଅନେକ ଖ୍ୟାତି ଅର୍ଜନ କରିଥିଲେ। ଏହାପରେ ସେ ସମ୍ପୂର୍ଣ୍ଣ ଭାବରେ ଦେଶସେବାରେ ସମୟ ଦେଇଥିଲେ। ଉତ୍କଳ ସାହିତ୍ୟ ସମ୍ମିଳନୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆଦି ଅନେକ ଅନୁଷ୍ଠାନରେ ସେ ସଭାପତି ଓ ଉପସଭାପତି ଭାବରେ ଦାୟିତ୍ୱ ତୁଲାଇଥିଲେ। ତେବେ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଥିଲା। ତାଙ୍କର ମୃତ୍ୟୁ ୨୦୦୦ ମସିହା ୨୧ ଫେବୃଆରୀରେ ହୋଇଥିଲା।


+ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫,


# ଶ୍ରୀ ମା'

## ଶ୍ୟାମ ସୁନ୍ଦର ସାମଲ



ଭାରତୀୟ ଆଧ୍ୟାତ୍ମିକ ଗୁରୁ ଶ୍ରୀ ମା'। ତାଙ୍କ ପ୍ରକୃତ ନାମ ମୀରା ଅଲ୍‌ଫାସା। ପିଲା ଦିନୁ ମହାପୁରୁଷମାନଙ୍କୁ ସାକ୍ଷାତ କରି ସେମାନଙ୍କ ସହ ଆଧ୍ୟାତ୍ମିକ ଆଲୋଚନା କରୁଥିଲେ। ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ଦର୍ଶନ କରିବା ପରେ ନିଜକୁ ତାଙ୍କଠାରେ ସମର୍ପି ଦେଲେ। ସୂଚନାଥାଉକି ୧୮୭୮, ଫେବୃୟାରୀ ୨୧ରେ ଶ୍ରୀମା ପ୍ୟାରିସ୍ ସହରରେ ଜନ୍ମଗ୍ରହଣ କରିଥିଲେ । ଏକ ଧନାଢ୍ୟ ପରିବାରରେ ଜନ୍ମଗ୍ରହଣ କରିଲେ ମଧ୍ୟ ତାଙ୍କ ମନରେ କେବେ ଗର୍ବ, ଅହଂକାର ବସାବାନ୍ଧି ପାରିନଥିଲା । ତୁଳସୀ ଦୁଇପତ୍ରରୁ ବାସିବା ପରି ସେ ନିଜ ଜ୍ଞାନ ବୁଦ୍ଧି ବଳରେ ସାରା ସଂସାରକୁ ଆଲୋକ ଦେଖାଇଛନ୍ତି । ଏହାପରେ ଶ୍ରୀ ମା'ଙ୍କ ତତ୍ତ୍ୱାବଧାନରେ ପଣ୍ଡିଚେରୀ ଆଶ୍ରମ ପରିଚାଳିତ ହେଲା। ୧୯୨୬ ଶେଷ ବେଳକୁ ଆଶ୍ରମର ସବୁ ଦାୟିତ୍ୱ ତାଙ୍କୁ ସମର୍ପଣ କରି ଶ୍ରୀଅରବିନ୍ଦ ଅନ୍ତରାଳକୁ ଚାଲିଗଲେ। ତାଙ୍କ ଦେହାନ୍ତ ପରେ ମାନସିକ ଆଘାତ ହୋଇଥିଲେ ହେଁ ଶ୍ରୀ ମା'ଙ୍କ ସାଧନାରେ କୌଣସି ବ୍ୟାଘାତ ଆସି ନଥିଲା। ବିଶ୍ୱର କୋଣ ଅନୁକୋଣରୁ ସାଧକଙ୍କ ସଂଖ୍ୟା ବଢ଼ି ଚାଲିଥିଲା। ଆଶ୍ରମ ବିଦ୍ୟାଳୟ ଥିଲା ମା'ଙ୍କର ପ୍ରମୁଖ ଅବଦାନ। ୧୯୬୨ରୁ ମା' ହୃଦ୍‌ରୋଗରେ ପଡ଼ିଲେ। ଅସୁସ୍ଥତା ସତ୍ତ୍ୱେ ତାଙ୍କ ସାଧନା ଓ ଆଶ୍ରମର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ଚାଲିଥିଲା। ୧୯୭୩ ନଭେମ୍ବର ୧୭ ରାତିରେ ମା'ଇହଲୋକ ତ୍ୟାଗ କଲେ। ନିଷ୍ଠାର ସହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିବା ବ୍ୟକ୍ତି ନିକଟରେ କୌଣସି କାର୍ଯ୍ୟ କଷ୍ଟସାଧ୍ୟ ନୁହେଁ ବୋଲି ସେ କହିଥିଲେ। ୧୯୨୦ ସାଲରେ ମା'ଙ୍କୁ କେହି ଜଣେ ପ୍ରଶ୍ନ କରିଥିଲେ ସେ ଭାରତକୁ ଆସିଲେ କାହିଁକି ? ଶ୍ରୀ ଅରବିନ୍ଦଙ୍କୁ ଜାଣିଲେ କିପରି ? ମା' ତାହାର ଉତ୍ତର ଖଣ୍ଡିଏ ପତ୍ରରେ ଦେଇଥିଲେ । ସେଥିରେ ମା' ଉଲ୍ଲେଖ କରିଥିଲେ ଯେ ସେ କୌଣସି ବିଶେଷ ଭଗବତ୍ କର୍ମ ସମ୍ପାଦନ ଉଦ୍ଦେଶ୍ୟରେ ପ୍ରେରିତ ହୋଇଛନ୍ତି । ତାଙ୍କ ଉଦ୍ଦିଷ୍ଟ କର୍ମ ସମ୍ବନ୍ଧରେ ପ୍ରଥମ ଜ୍ଞାନ କେବେ ଆସିଲା ସେ ବିଷୟରେ ମା' କହିପାରିନଥିଲେ। ହେଲେ ମନ ଓ ମସ୍ତିଷ୍କର ପରିପକ୍ୱତା ସହ ସେହି ଚେତନା କ୍ରମଶଃ ପରିସ୍ଫୁଟ ଓ ପ୍ରତିଫଳିତ ହୋଇଥିଲା । ୧୧ରୁ ୧୩ ବର୍ଷ ମଧ୍ୟରେ ଶ୍ରୀମା'ଙ୍କ ମଧ୍ୟରେ ଆପେ ଆପେ ଆଧ୍ୟାତ୍ମିକ ଅନୁଭୂତି ଆସିଲା । ଏହାଫଳରେ ସେ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ମିଳନ ସମ୍ଭବ ନିଶ୍ଚିତ ବୋଲି ଜାଣିଲେ। ଦିବ୍ୟଜୀବନ ଲାଭ ଦ୍ୱାରା ଜଗତରେ ତାଙ୍କୁ ଅଭିବ୍ୟକ୍ତ କରିପାରିବା ମଧ୍ୟ ସମ୍ଭବ ହେବ । ଏହି ଅନୁଭୂତିକୁ କିପରି ସାର୍ଥକ ଓ କାର୍ଯ୍ୟକାରୀ କରିହେବ, ତାହା ସେ ଶୋଇବା ଅବସ୍ଥାରେ ଶିକ୍ଷା କରୁଥିଲେ । ୧୯୭୮ ଫେବୃଆରୀ ୨୧ରେ ଶ୍ରୀ ମା'ପ୍ୟାରିସ୍‌ରେ ଜନ୍ମ ଗ୍ରହଣ କରିଥିଲେ।


+ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ,
ଶ୍ରୀସତ୍ୟସାଇ ସେବା ସମିତି, କଟକ,
ମୋ: ୯୭୭୮୬୩୫୯୨୬


# ଅଣ୍ଡା ଓ ଦହି ଦୂର କରିବ ଚନ୍ଦାପଣ : ଜାଣନ୍ତୁ ଏଥିରୁ ମୁକ୍ତି ପାଇବାର ଘରୋଇ ଉପଚାର

ପ୍ରତ୍ୟେକ ଲୋକ କେବେ ନ କେବେ ବାଳ ଝଡିବା ସମସ୍ୟା ଦେଇ ଗତି କରିଥିବ ନିଶ୍ଚୟ । ବାଳ ଝଡିବାର ଅନେକ କାରଣ ରହିଥାଏ । ଯେପରି ଡାଏଟ୍ ଏବଂ ଷ୍ଟ୍ରେସ୍ । କିନ୍ତୁ କିଛି ଲୋକଙ୍କୁ ଅଧିକ ମାତ୍ରାରେ ଏହି ସମସ୍ୟାର ସାମ୍ନା କରିବାକୁ ପଡେ । ଧୀରେ ଧୀରେ ଚନ୍ଦାପଣ ଏମାନଙ୍କ ଠାରେ ଦେଖିବାକୁ ମିଳେ । ଏଥିରୁ ମୁକ୍ତି ପାଇଁ ଏଭଳି କିଛି ଜିନିଷ ବ୍ୟବହାର କରନ୍ତୁ ଯାହା ଦ୍ୱାରା ବାଳ ଝଡିବା କମ୍ ହେବା ସହ ଗ୍ରୋଥ୍ ହେବା ଆରମ୍ଭ ହୋଇଥାଏ । ତେବେ ଆସନ୍ତୁ କିଛି ଘରୋଇ ଟିପ୍ସ ବିଷୟରେ ଆଲୋଚନା କରିବା..

**ମସାଜ :**ସ୍କାଲ୍ପରେ ମସାଜ କରିବା ଦ୍ୱାରା ବ୍ଲଡ୍ ସରକ୍ୟୁଲେସନ୍ ବଢିଥାଏ । ଯାହା ଦ୍ୱାରା ହେୟାର ଗ୍ରୋଥ ମଧ୍ୟ ଭଲ ହୋଇଥାଏ । ତେଣୁ ଯେକୌଣସି ଭଲ ହେୟାର ଅଏଲ ନେଇ ହାଲୁକା ହାତରେ ମସାଜ କରନ୍ତୁ ।

**ନଡିଆ ତେଲ :** ନଡିଆ ତେଲ ସ୍କାଲ୍ପକୁ ମଜବୁତ କରିଥାଏ । ଏଥିରେ ଫ୍ୟାଟକ୍ ଏସିଡ୍ ରହିଥାଏ, ଯାହା ବାଳକୁ ସଫ୍ଟ କରିବା ସହ ବାଳ ଝଡିବା ସମସ୍ୟା କମ୍ କରିଥାଏ । ସପ୍ତାହକୁ ଅତି କମ୍ ?ରେ ୨ ଥର ନଡିଆ ତେଲ ମମସାଜ କରନ୍ତୁ । ଶାମ୍ପୁ କରିବା ପୂର୍ବରୁ ବା ସାରାରାତି ରଖନ୍ତୁ ।

**ଅଁଳା :** ଅଁଳାରେ ଫ୍ୟାଟି ଏସିଡ୍ ଭରପୁର ମାତ୍ରାରେ ରହିଥାଏ । ଯାହା ବାଳକୁ ମଜବୁତ କରିବାରେ ସାହାଯ୍ୟ କରେ । ଏଥିରେ ଥିବା ଫ୍ୟାଟି ଏସିଡ୍ ସମୟ ପୂର୍ବରୁ ବାଳକୁ ଧଳା ହେବାକୁ ଦିଏନାହିଁ ।

**କାଷ୍ଟର ଅଏଲ୍ ବା ଜଡା ତେଲ :** ଜଡା ତେଲ କେଶ ପାଇଁ ଚମତ୍କାରୀରୁ କମ୍ ନୁହେଁ । ଏଥଇରେ ପ୍ରୋଟିନ୍ ?, ଭିଟାମିନ୍-ଇ ଏବଂ ବିଭିନ୍ନ ପ୍ରକାରର ମିନେରାଲ୍ସ ଥାଏ । ଏହି ତେଲକୁ ସିଧା ସଳଖ କେଶରେ ଲଗାଯାଏ ନାହିଁ । ଏହାକୁ ଅଲିଭ୍ ଅଏଲ୍ ବା ନଡିଆ ତେଲରେ ମିଶାଇ ଲଗାଯାଏ ।

**ପିଆଜ ରସ :** ପିଆଜ ରସ ବ୍ଲଡ ସରକ୍ୟୁଲେସନ୍ କୁ ବଢାଇଥାଏ, ଯାହା ଦ୍ୱାରା କେଶର ଗ୍ରୋଥ ଭଲ ହୋଇଥାଏ । ଏଲୋପୋସିୟା ଏରିଟା ନାମକ ରୋଗରୁ ମୁକ୍ତି ପାଇବା ପାଇଁ ପିଆଜ ରସ ଭଲ କାମ ଦେଇଥାଏ । ଏହି ରୋଗ କାରଣରୁ ଶରୀରର ବିଭିନ୍ନ ସ୍ଥାନରୁ ବାଳ ଝଡିବା ଆରମ୍ଭ ହୁଏ । ଶ୍ୟାମ୍ପୁ କରିବାର ୧୫ ମିନିଟ୍ ପୂର୍ବରୁ ପିଆଜ ରସ ଲଗାଇବା ଉଚିତ ।

**ଲେମ୍ବୁ :** ଲେମ୍ବୁ ବାଳ ପାଇଁ ଅନେକ ଲାଭଦାୟକ ହୋଇଥାଏ । ଏହା ଦ୍ୱାରା ବାଳ ଧ୍ରୁତ ଗତିରେ ବଢିଥାଏ । ଲେମ୍ବୁକୁ ସିଧାସଳଖ ଆପଣ ବାଳରେ ଲଗାଇପାରିବେ ନାହିଁ କୌଣସି ତେଲରେ ମିଶାଇ ଲଗାଇବେ ।

**ଅଣ୍ଡା ମସ୍କ :** ଏହି ମାସ୍କ ବାଳ ପାଇଁ ଲାଭଦାୟକ ହୋଇଥାଏ । ଏଥିରେ ୭୦ ପ୍ରତିଶତ କ୍ୟାରେଟିନ୍ ପ୍ରୋଟିନ୍ ଥାଏ ଯାହା ଡ୍ୟାମେଜ୍ ଓ ଡ୍ରାଏ ବାଳକୁ ସପ୍ଟ କରିବାରେ ସାହାଯ୍ୟ କରେ । ୨ଟି ଅଣ୍ଡାରେ ୨ ଚାମଚ ଦହି ମିଶାଇ ଶ୍ୟାମ୍ପୁ କରିବାର ୩୦ ମିନିଟ୍ ପୂର୍ବରୁ ଲଗାନ୍ତୁ ।



# ସ୍ମରଣୀୟ ସାଧକ ରାଧାମୋହନ ଗଡ଼ନାୟକ

## ବୈଷ୍ଣବ ମେହେର



ଓଡ଼ିଆ ସାହିତ୍ୟକୁ ନିଜ ଉଚ୍ଚକୋଟିର ସୃଷ୍ଟି ମାଧ୍ୟମରେ ଋଦ୍ଧିମନ୍ତ କରିଥିବା ଅନନ୍ୟ ସାହିତ୍ୟ ସାଧକଙ୍କ ମଧ୍ୟରେ ରାଧାମୋହନ ଗଡ଼ନାୟକ ସୁପରିଚିତ ଉଚ୍ଚାରଣ । ଗାଥା କବିତା ରଚନାକୁ ସେ ଏକ ନୂତନ ଓ ସ୍ୱତଂତ୍ର ଦିଗ ଦେଖାଇଥିଲେ । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସମ୍ମାନପ୍ରାପ୍ତ ପଦ୍ମଶ୍ରୀ ରାଧାମୋହନଙ୍କ କବିତାରେ ପୁରି ରହିଛି ସ୍ୱଦେଶୀ ପ୍ରୀତି ଓ ସବୁଜ ସୌନ୍ଦର୍ଯ୍ୟର ପରିଭାଷା । କବିତାର ଶୈଳି, ଲାଳିତ୍ୟ,ଗାମ୍ଭୀର୍ଯ୍ୟକୁ ନେଇ ତାଙ୍କ ରଚନା ଥିଲା ସ୍ୱତଂତ୍ର ଓ ପ୍ରଣିଧାନଯୋଗ୍ୟ । ଓଡ଼ିଶାର ପରମ୍ପରା, ଇତିହାସ, ସଂସ୍କୃତି, କିମ୍ବଦନ୍ତୀ, କାହାଣୀକୁ ନିଜ ରଚନାରେ କାବ୍ୟ ରୂପ ଦେଇ ଏ ମାଟିର ଲୋକପ୍ରିୟତାକୁ ଅନେକାଂଶରେ ସେ ଜାତୀୟ ସ୍ତରକୁ ପରିବର୍ଦ୍ଧିତ କରିଥିଲେ । କାବ୍ୟନାୟିକା, କୈଶୋରିକା, ପଶୁପକ୍ଷୀର କାବ୍ୟ, ଉତ୍କଳିକା, ଦୀପଶିଖା, ସୂର୍ଯ୍ୟ ଓ ଅନ୍ଧକାର, ଶାମୁକାର ସ୍ୱପ୍ନ ଆଦି ଓଡ଼ିଆ ସାହିତ୍ୟକୁ କବି ରାଧାମୋହନଙ୍କ ଅନବଦ୍ୟ କୃତି । ଏହା ଛଡ଼ା ସେ ମହାଯାତ୍ରାର ଶେଷ ସର୍ଗ, ମାଳିନୀ ନଦୀର ଢେଉ, କୁହୁଡ଼ିର ଇତିକଥା, ଖଦଡ଼ ଓ ଅନ୍ୟାନ୍ୟ କବିତା, ଆଉ ଜଣେ, ଦେଶ ବିଦେଶର ପ୍ରେମ କବିତା, ସେକ୍ସପିୟରଙ୍କ ସନେଟ୍, ସ୍ମରଣିକା, ହିରାଖଣ୍ଡ ଗାଥା, ମୌସୁମୀ, ନବଜାତକ, ଦୁଇଟି ତାହାର ଡେଣା, ଗାନ୍ଧୀ ଗାଥା, ସୌରଭ, ଅର୍ବାଚୀନ ତାରା ଆଦି ମୂଲ୍ୟବାନ କାବ୍ୟ, କାବ୍ୟ ନାଟିକା, ଶିଶୁ କବିତା, ଅନୁବାଦ କବିତା ଆଦି ରଚନା ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କ ସମୃଦ୍ଧ ଅବଦାନ ।

୧୯୧୧ ମସିହା ଅଗଷ୍ଟ ୨୫ ତାରିଖରେ ସେତେବେଳର ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ କଲଣ୍ଡାପାଳ ଗ୍ରାମରେ ଜନ୍ମଗ୍ରହଣ କରିଥିବା କବି ରାଧାମୋହନ ୧୯୧୯ ରେ ମାତ୍ର ଆଠ ବର୍ଷ ବୟସରେ ତାଙ୍କ ଜୀବନର ପ୍ରଥମ କବିତା 'ତାରା' ରଚନା କରି ଲୋକ ଲୋଚନକୁ ଆସିପାରିଥିଲେ । ଦେଶପ୍ରେମୀ ରାଧାମୋହନ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ସକ୍ରିୟ ଭାବରେ ଅନ୍ଦୋଳନରେ ଯୋଗ ଦେବା ସହ ନିଜ ଶିକ୍ଷା ଗ୍ରହଣ ମଧ୍ଯ ଜାରି ରଖିଥିଲେ । ରାଧାମୋହନଙ୍କ ଛାତ୍ର ଜୀବନର ଏକ ଘଟଣାକୁ ଜାଣି ଆଶ୍ଚର୍ଯ୍ଯ ହେବାକୁ ହୁଏ ଯେ, ସେ କଟକ ସ୍ଥିତ କ୍ରାଏଷ୍ଟ କଲେଜରେ ଆଇ.ଏ. ପାଠ ପଢୁଥିବା ବେଳେ ତାଙ୍କ ରଚିତ 'କାବ୍ୟ ନାୟିକା' ଉକ୍ତ ଶ୍ରେଣୀର ପାଠ୍ୟ ପୁସ୍ତକର ଅର୍ନ୍ତଭୁକ୍ତ ଥିଲା । ଯାହା ବିଶ୍ୱର ଖୁବ କମ୍ କବି ଲେଖକଙ୍କ ଜୀବନରେ ଘଟି ଥାଏ । 'ସୂର୍ଯ୍ୟ ଓ ଅନ୍ଧକାର' କବିତା ସଙ୍କଳନ ପାଇଁ ୧୯୭୫ ମସିହାରେ ରାଧାମୋହନ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । ଏଥିସହ ୧୯୭୫ରେ ନୀଳଶୈଳ, ୧୯୮୮ରେ ନନ୍ଦିଘୋଷ ଓ ବିଷୁଭ ପୁରସ୍କାର, ୧୯୯୩ରେ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ୧୯୯୭ରେ ଉତ୍କଳ ରତ୍ନ, ୧୯୯୯ରେ ଉତ୍କଳଶ୍ରୀ ଓ ପ୍ରଥମ ସ୍ୱାଭିମାନ ପୁରସ୍କାର ଏବଂ ୧୯୯୦ ମସିହାରେ କେନ୍ଦ୍ର ସରକାରଙ୍କ ଠାରୁ ମର୍ଯ୍ୟାଦାଜନକ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ହେବା ତାଙ୍କ ସଫଳ ସୃଜନଶୀଳ ଜୀବନକୁ ପରିପ୍ରକାଶ କରେ । ଦେଶ ସ୍ୱାଧୀନତା ପୂର୍ବରୁ ରାଧାମୋହନଙ୍କ ରଚିତ ଅନେକ କାବ୍ୟ କବିତା ଉତ୍କଳ ସାହିତ୍ୟ, ନବଯୁଗ, ସହକାର, ପଂଚାମୃତ ଆଦି ଲୋକପ୍ରିୟ ପତ୍ରିକାରେ ପ୍ରକାଶିତ ହୋଇ ସେତେବେଳେ ବହୁଳ ପାଠକୀୟ ଆଦୃତି ଲାଭ କରିଥିଲା । ଉତ୍କଳ ସାହିତ୍ୟ ସମ୍ମିଳନୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଭଳି ଅନେକ ସଂଭ୍ରାନ୍ତ ସାହିତ୍ୟ ଅନୁଷ୍ଠାନ ମାନଙ୍କର ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ରହି କବି ରାଧାମୋହନ ନିଷ୍ଠାର ସହ ନିଜ ଦାୟିତ୍ୱ ନିର୍ବାହ କରିଯାଇଛନ୍ତି । ଓଡ଼ିଆ ସାହିତ୍ୟରେ ଶେଷତ୍ୱ ହାସଲ କରିଥିବା କବି ରାଧାମୋହନ ଗଡ଼ନାୟକ ୨୧ ଫେବୃଆରୀ ୨୦୦୦ ମସିହାରେ ଇହଧାମ ତ୍ୟାଗ କରିଥିଲେ ହେଁ ତାଙ୍କର ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ଓ କାଳଜୟୀ ସୃଷ୍ଟି ନିମନ୍ତେ ସେ ଚିରଅମର ହୋଇ ରହିବେ ।


+ ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫



## ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଯୋଜନା "ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସହାୟତା"

ଆମ ରାଜ୍ୟ ଓଡ଼ିଶାରେ ୫୯୩୪୩ ହେକ୍ଟର ପରିମିତ ପ୍ରାୟ ୬୪୦୦୦ ଗ୍ରାମ ପଞ୍ଚାୟତ ପୋଖରୀ ଅଛି। ଏଥିରୁ ଅଧିକାଂଶ ପୋଖରୀ ଅବ୍ୟବହୃତ ହୋଇ ରହିଛି। ୨୦୧୮ ମସିହାରେ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଏକ ନୀତି ନିର୍ଦ୍ଧାରଣ କରାଯାଇ ପଞ୍ଚାୟତ ପୋଖରୀ ଗୁଡ଼ିକୁ ମାଛ ଚାଷ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ଦୀର୍ଘମିଆଦି (୩ ରୁ ୫ ବର୍ଷ) ସୂତ୍ରରେ ଲିଜ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏହାପରେ ୨୦୧୮-୧୯ ରୁ ମିଶନଶକ୍ତି, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଓ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗର ମିଳିତ ଉଦ୍ୟମରେ "ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସହାୟତା" ନାମରେ ଏକ ରାଜ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି।



**ଯୋଜନାର ଲକ୍ଷ:**

ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ଏହା ଆର୍ଥିକ ସ୍ୱାବଲମ୍ବୀର ସୁଯୋଗ ସୃଷ୍ଟି କରିବ। ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ହେବା ସହ ଗ୍ରାମାଞ୍ଚଳରେ ଅପପୁଷ୍ଟି ଦୂରୀକରଣ ଓ ସାଧାରଣରେ ମାଛ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବ।

**ଯୋଜନାର କାର୍ଯ୍ୟକାରିତା:**

ଏହି କାର୍ଯ୍ୟକ୍ରମର ବିପୁଳ ସଫଳତା ପରେ ମିଶନ ଶକ୍ତି ଅଧିନ ପ୍ରାୟ ୬୦୦୦ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ୨୦୨୧-୨୨ ରୁ ୨୦୨୩-୨୪ ମଧ୍ୟରେ ଚିହ୍ନଟ କରାଯାଇ ଏହି ଯୋଜନାରେ ସାମିଲ କରାଯିବ। ପଞ୍ଚାୟତ ପୋଖରୀକୁ ଚିହ୍ନଟ କରାଯାଇ ମହିଳା ଗୋଷ୍ଠୀମାନଙ୍କୁ ଦୀର୍ଘମିଆଦି ସୂତ୍ରରେ ଲିଜ ପ୍ରଦାନ କରାଯିବ। ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ମାଛଚାଷ ନିମନ୍ତେ ନିୟମିତ ବୈଷୟିକ ପରାମର୍ଶ ପ୍ରଦାନର ବ୍ୟବସ୍ଥା କରାଯାଇଛି। ମାଛଚାଷ ପାଇଁ ଆବଶ୍ୟକ ଉନ୍ନତ ଯାଆଁଳ, ମାଛଖାଦ୍ୟ, ସାର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ବାବଦରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ଟ.୧,୫୦,୦୦୦/- ଉପରେ ୬୦ ପ୍ରତିଶତ ଅର୍ଥାତ ହେକ୍ଟର ପ୍ରତି ସର୍ବାଧିକ ଟ୯୦,୦୦୦/- ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି।

**ମାଛ ଚାଷ ପାଇଁ ମିଳୁଥିବା ସହାୟତା ( ୧ ହେକ୍ଟର ପରିମିତ ପୋଖରୀ ପାଇଁ)**

| ପ୍ରକଳ୍ପର ନାମ | ୟୁନିଟ୍ | ୟୁନିଟ୍ ମୂଲ୍ୟ (ଟଙ୍କାରେ) | ମହିଳା ଗୋଷ୍ଠୀଙ୍କ ସହଯୋଗ (ଟଙ୍କାରେ) | ସରକାରୀ ରିହାତି (ଟଙ୍କାରେ) | ମୋଟ ମୂଲ୍ୟ ଟଙ୍କାରେ |
|---|---|---|---|---|---|
| ପୋଖରୀ ହୁଡ଼ା ମରାମତି ଦଳ ନିରାକରଣ ଓ ଅନ୍ୟାନ୍ୟ | - | - | ୫,୦୦୦ | - | ୫,୦୦୦ |
| ଜଳ ପରିଚାଳନା, ଚୂନ ଓ ସାର ଇତ୍ୟାଦି | - | - | ୫,୦୦୦ | - | ୫,୦୦୦ |
| ବଡ଼ ଅଙ୍ଗୁଳିକା ଯାଆଁଳ | ୨୭୦୦ ଗୋଟି | ୧୨.୫୦ | - | ୩୩,୭୫୦ | ୩୩,୭୫୦ |
| ମହୁରାଳି/ଚିଙ୍ଗୁଡ଼ି/ ଅନ୍ୟ ଛୋଟ କାର୍ପ ମାଛ ଯାଆଁଳ | ୨୫ କି.ଗ୍ରା. | ୪୦୦.୦୦ | - | ୧୦,୦୦୦ | ୧୦,୦୦୦ |
| ମାଛ ଖାଦ୍ୟ | ୨୭୦୦ କି.ଗ୍ରା. | ୩୨.୦୦ | ୪୦,୧୫୦ | ୪୬,୨୫୦ | ୮୬,୪୦୦ |
| ଫାର୍ମ ମଜୁରୀ ଓ ଅମଳ ଖର୍ଚ୍ଚ | - | - | ୯,୮୫୦ | | ୯,୮୫୦ |
| ମୋଟ ମାଛଚାଷ ଖର୍ଚ୍ଚ | - | - | ୬୦,୦୦୦ | ୯୦,୦୦୦ | ୧,୫୦,୦୦୦ |

ଗାଁ ପୋଖରୀରେ ମାଛ ଚାଷ, ମହିଳାଙ୍କୁ କରିବ ସଶକ୍ତ।

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍ କାର୍ଯ୍ୟାଳୟରେ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

ଜିଲ୍ଲା ମତ୍ସ୍ୟ ଅଧିକାରୀ, ମୟୁରଭଞ୍ଜ, ବାରିପଦା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୧ ଫେବୃଆରୀ ୨୦୨୩, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମନରେଗାର ମହତ୍ତ୍ୱ...

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ କାର୍ଯ୍ୟକାରୀ ହେବାକୁ ସତର ବର୍ଷ ହେଲାଣି। ଏହି ଯୋଜନା ବାବଦରେ ଯୁକ୍ତିଯୁକ୍ତ ଆଶ୍ୱସ୍ତିର ସହିତ କୁହାଯାଇପାରେ ଯେ ଏହି କାର୍ଯ୍ୟକ୍ରମ ଯେଉଁ ଉଦ୍ଦେଶ୍ୟ ନେଇ ଆରମ୍ଭ କରାଯାଇଥିଲା, ଅର୍ଥାତ ଏହାର ଯାହା ଲକ୍ଷ୍ୟ ଥିଲା: ଭାରତର ଗ୍ରାମୀଣ ଗରିବ ଲୋକମାନଙ୍କୁ କର୍ମନିଯୁକ୍ତି ଯୋଗାଇବା ଏବଂ ସେମାନଙ୍କର ଜୀବିକାର୍ଜନରେ ଉନ୍ନତି ଘଟାଇବା, ତାକୁ ଏହା ଅନେକାଂଶରେ ପୂରଣ କରି ପାରିଛି। ୨୦୦୬ରେ ଯେତେବେଳେ ଏହି ଯୋଜନା ଆରମ୍ଭ କରାଗଲା, ଏଥିପାଇଁ ବ୍ୟୟ ହେବାକୁ ଥିବା ଅର୍ଥରାଶିକୁ ଯେଉଁମାନେ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ, ସେମାନେ ଆଶଙ୍କା ବ୍ୟକ୍ତ କରିଥିଲେ ଯେ ଅର୍ଥ ହଡ଼ପ କରିବାପାଇଁ ଏହା ମଧ୍ୟସ୍ଥିମାନଙ୍କ ନିମନ୍ତେ ଆଉ ଏକ ସୁଯୋଗ ହେବ। ମନରେଗା ଏକ ଚାହିଦା-ପ୍ରଚୋଦିତ ଯୋଜନା, ଯାହା କେବଳ ଲକ୍ଷ୍ୟଭୁକ୍ତ ବର୍ଗଙ୍କୁ ଅଧିକ ପରିମାଣରେ ଅନ୍ତର୍ଭୁକ୍ତ କରିବ ଏବଂ ବାଟମାରଣା ପ୍ରତି ସେତେ ଉନ୍ମୁକ୍ତ ହେବନାହିଁ ଭଳି ଯୁକ୍ତିକୁ ସେମାନେ ଅଗ୍ରାହ୍ୟ କରିଥିଲେ। କିନ୍ତୁ ଏକ ଦଶନ୍ଧିରୁ ଅଧିକ ସମୟ ପରେ ସେହି ନିନ୍ଦୁକମାନେ ଅଧିକାଂଶ ପରିମାଣରେ ଭୁଲ୍ ପ୍ରମାଣିତ ହୋଇଛନ୍ତି। ଅଧ୍ୟୟନ ପରେ ଅଧ୍ୟୟନ ଗ୍ରାମାଂଚଳରେ ଏହାର ଶୁଦ୍ଧ ସକରାତ୍ମକ ପ୍ରଭାବ ସମ୍ପର୍କରେ ଆଶ୍ୱସ୍ତ କରାଇଛି। ଗ୍ରାମାଂଚଳରେ କାମଧନ୍ଦାର ତିରୋଟ ସମୟ ସହିତ ମରୁଡ଼ି, ଫସଲ ହାନି ଇତ୍ୟାଦି ଭଳି ବିପର୍ଯ୍ୟୟ ସମୟରେ ଏହା ଲୋକମାନଙ୍କ ପାଇଁ କର୍ମନିଯୁକ୍ତିର ଏକ ଉତ୍ସ ଭାବରେ କାମ କରିବା ସହିତ ସେମାନଙ୍କ ପରିବାର ପ୍ରତିପୋଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛି। ଏହା ଗିରବ ଲୋକମାନଙ୍କ ପାଇଁ ଏକ ବୀମା ଭଳି କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଅଧିକ ଖାଦ୍ୟ ସୁରକ୍ଷା ଯୋଗାଇବା ସହିତ ଘରୋଇ ଉପଭୋଗ ବା କଞ୍ଜମ୍ପସନ୍ କ୍ଷେତ୍ରରେ ଉନ୍ନତି ଆଣି ଏକ ଦୃଢ଼ କଲ୍ୟାଣକାରୀ ସାଧନ ଭାବରେ ନିଜକୁ ପ୍ରମାଣିତ କରି ପାରିଛି।

ମହାମାରୀ କରୋନା କାଳରେ ଏକଥା ଆହୁରି ଅଧିକ ସ୍ପଷ୍ଟ ଭାବରେ ସାବ୍ୟସ୍ତ ହୋଇ ପାରିଥିଲା, ଯେତେବେଳେ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା ହେବାପରେ ଲକ୍ଷଲକ୍ଷ ପ୍ରବାସୀ ଶ୍ରମିକ ସହରାଂଚଳରେ କାମଧନ୍ଦା ହରାଇ ସେମାନଙ୍କ ଗାଁକୁ ଫେରିବାପରେ ଏହି ଯୋଜନା ଅଧୀନରେ ହେଉଥିବା ଶାରୀରିକ କଠିନ କାର୍ଯ୍ୟ କରି ନିଜର ପରିବାର ଚଳାଇବାରେ ସମର୍ଥ ହୋଇଥିଲେ। ଏଥିରେ ଅବଶ୍ୟ ଦ୍ୱିରୁକ୍ତି ନାହିଁ ଯେ ଏହି ଯୋଜନାରେ କିଛି ଅର୍ଥ ବାଟମାରଣା ହୋଇଛି, ଦେୟ ପ୍ରଦାନଜନିତ ବିଳମ୍ବରୁ ଏହା ମୁକ୍ତି ପାଇ ପାରିନାହିଁ ଏବଂ ଅସମ କାର୍ଯ୍ୟାନ୍ୱୟନ ଭଳି କେତେ ସମସ୍ୟା ଦେଇ ମଧ୍ୟ ଏହା ଗତି କରିଛି। ପୁଣି କେବଳ ସଡ଼କ କି ଜଳସେଚନ ଉଦ୍ଦେଶ୍ୟରେ କେନାଲ ବା ପୋଖରୀ, ଗଡ଼ିଆ ଇତ୍ୟାଦିରୁ ଆଗକୁ ଯାଇ ଏହି ଯୋଜନା ଅଧୀନରେ ସେଭଳି ବିଶେଷ ଉପଯୋଗୀ ସମ୍ପତ୍ତି ସୃଷ୍ଟି କରାଯାଇପାରିନାହିଁ। ତେବେ ମୋଟାମୋଟି ଅନେକ ନୟନରୁ ଏହି ଯୋଜନାର ଉଦ୍ଦେଶ୍ୟ ଯଥାର୍ଥରେ ସାବ୍ୟସ୍ତ ହୋଇଥିବା ଜଣାପଡ଼ିଛି। କିନ୍ତୁ କେନ୍ଦ୍ର ସରକାର ଏହାକୁ ଏକ ଆର୍ଥିକ ବୋଝ ଭାବରେ ଗ୍ରହଣ କରୁନଥିବାରୁ ଏହି ଯୋଜନାର ଆବଶ୍ୟକତା ପ୍ରତି କଦାଚିତ୍ ଆଗ୍ରହ ଭାବ ପ୍ରଦର୍ଶନ କରିଛନ୍ତି। ଏହାର ଉଦାହରଣ ଭାବରେ ନିଆଯାଇପାରେ ଏହି ଯୋଜନା ନିମନ୍ତେ କେନ୍ଦ୍ରୀୟ ବ୍ୟୟବରାଦ୍ଦକୁ, ଯାହା ଅନେକ ଉତ୍‌ଥାନ ପତନ ଦେଇ ଏଯାବତ୍ ଗତି କରି ଆସିଛି। ସଦ୍ୟତମ ଉଦାହରଣ ଭାବରେ ନିଆଯାଇପାରେ ଆର୍ଥିକ ବର୍ଷ ୨୦୨୩ରେ ଏଥିପାଇଁ କେନ୍ଦ୍ର ବଜେଟରେ ୨.୧୪ ପ୍ରତିଶତ ବ୍ୟବସ୍ଥା କରାଯାଇଥିବାବେଳେ ୨୦୨୪ ଆର୍ଥିକ ବର୍ଷରେ ଏହାକୁ ୧.୩୩ ପ୍ରତିଶତକୁ ହ୍ରାସ କରାଯିବାକୁ। ପୁନଶ୍ଚ, ଏହା ହୋଇଛି ସେତିକିବେଳେ, ଯେତେବେଳେ କି ଏହି ଯୋଜନାରେ କାମ ପାଇଁ ମଜୁରି ପ୍ରଦାନରେ ବିଳମ୍ବ ହେବା ସହିତ କମ୍ ପରିମାଣର ଅର୍ଥ ଆବଣ୍ଟିତ ହୋଇଛି। ଏହା ମଧ୍ୟ ଯୋଜନାର ଚାହିଦାକୁ କମାଇ ଦେଇଛି, ଯାହା ମଧ୍ୟରେ ଅଛି ଏହି କାମ ପାଇଁ ପ୍ରକୃତ ଚାହିଦାର ଏକ ଅଂଶ ଭାବରେ ଆନୁଷ୍ଠାନିକ ଚାହିଦା।

ଏତଦ୍‌ବ୍ୟତୀତ ଆଧାର ସଂଯୋଗ-ଆଧାରିତ ମଜୁରି ପ୍ରଦାନ ଉଭୟ କର୍ମଚାରୀ ଏବଂ ଶ୍ରମିକମାନଙ୍କ ପାଇଁ ଯୋଜନାକୁ କାର୍ଯ୍ୟକାରୀ କରାଯିବା ସମୟରେ ଅନେକ ଅସୁବିଧା ସୃଷ୍ଟି କରିବା ସହିତ ନା ତ କମାଇ ପାରିଛି ଦୁର୍ନୀତିକୁ, ନା ହ୍ରାସ କରି ପାରିଛି ମଜୁରି ପ୍ରଦାନରେ ବିଳମ୍ବକୁ। ଆଉ ଏବେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ଗିରିରାଜ ସିଂହ କହିଛନ୍ତି ଯେ ଏହି ଯୋଜନରେ ବ୍ୟୟ କରାଯାଉଥିବା ଅର୍ଥରାଶିର ଅବଦାନ ନିମନ୍ତେ ଏଥିସମ୍ପର୍କିତ ଆଇନରେ ସଂଶୋଧନ କରାଯିବ। ସୂଚନାଯୋଗ୍ୟ ବ୍ୟୟ କରାଯାଉଥିବା ଅର୍ଥରାଶିର ଅବଦାନ ନିମନ୍ତେ ଏଥି ସମ୍ପର୍କିତ ଆଇନରେ ସଂଶୋଧନ କରାଯିବ। ସୂଚନାଯୋଗ୍ୟ ଯେ ମନରେଗା ଯୋଜନାରେ ମଜୁରି ବାବଦକୁ ପ୍ରଦାନ କରାଯାଉଥିବା ସମ୍ପୂର୍ଣ୍ଣ ଅର୍ଥ ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦ ପ୍ରତିଶତ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରାଯାଇଆସୁଛି।

# ମାତୃଭୂମି, ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ....



**ଡ଼ଃ.ଅରୁନ୍ଧତୀ ଦେବୀ**

ମା' ଓ ମାଟିର ଭାଷା ହିଁ ମାତୃଭାଷା। ଏହା ସଂସ୍କୃତିର ବାହକ ଓ ସଂହତିର ଉତ୍ସ। ଏହା ଅଗଣିତ ମଣିଷକୁ ଯୋଡ଼ିଦିଏ ଏକ ସୂତ୍ରରେ। ଉନ୍ମାଦାତ୍ରୀ ମାଆ ଓ ମାତୃଭୂମି ସହିତ ତା'ର ଆତ୍ମିକ ସମ୍ପର୍କକୁ ଅନୁଭବ କରି ଭକ୍ତକବି ମଧୁସୂଦନ ରାଓ ଗାଇଛନ୍ତି - ମାତୃଭୂମି, ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ। ମାତୃଭାଷାର ସମ୍ମାନ ହିଁ ଜାତିର ସମ୍ମାନ। ସେଥିପାଇଁ ଆପଣା ଭାଷାକୁ ନେଇ ଗର୍ବ ଅନୁଭବ କରେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଜାତି। ମାତ୍ର ଜାତୀୟ ସ୍ୱାଭିମାନୀ ଯେଉଁଠି ଖର୍ବୀକୃତ, ସେଠାରେ ଦୁର୍ବଳ ହୁଏ ଭାଷାର ବ୍ୟବହାରିକ ଦିଗ। ସେହି ସ୍ୱାଭିମାନର ସଂକଟ ଯୋଗୁ ଓଡ଼ିଆ ଭାଷା ଆଜି ନାନା ବିରୋଧାଭାସ ଓ ବେଦନାବୋଧର ସମ୍ମୁଖୀନ। ପାଣିପବନରେ ବଢ଼ନ୍ତି କିନ୍ତୁ ଘରେ, ବାହାରେ ଓ ସାଧାରଣରେ ଯଥେଷ୍ଟ ଇଂଲିଶ ଭାଷା ବ୍ୟବହାର କରି ପ୍ରଦର୍ଶନ କରନ୍ତି ଆପଣା ପାଣ୍ଡିତ୍ୟ। କାର୍ଯ୍ୟାଳୟରେ ନଥିପତ୍ର ଇଂଲିଶରେ ଲେଖି ଉଲ୍ଲଂଘନ କରନ୍ତି ଭାଷା ଆଇନ। ଏମାନଙ୍କ ଦୃଷ୍ଟିରେ ଓଡ଼ିଆ ଭାଷା ଜ୍ଞାନବିଜ୍ଞାନର ଭାଷା ନୁହେଁ କି ବିକାଶର ମାଧ୍ୟମ ନୁହେଁ। ଏହା କେବଳ ହଳିଆ, ମୂଲିଆ ଓ ଅପାଠୁଆଙ୍କ କଥିତ ଭାଷା। ଏହି ଭ୍ରାନ୍ତ ଭାବନା ନେଇ ଏମାନେ ଓଡ଼ିଆରେ ଲେଖାପଢ଼ା ନକରିପାରିବାକୁ ଗୌରବ ବୋଲି ଭାବନ୍ତି ଏବଂ ନିଜ ପିଲାମାନଙ୍କୁ ପଢ଼ାନ୍ତି ଇଂଲିଶ ମାଧ୍ୟମ ବିଦ୍ୟାଳୟରେ। ମାତୃଭାଷା ଗୋଟିଏ ଜାତିର ଜୀବନଚର୍ଯ୍ୟାର ବାହକ। ମାତ୍ର ଓଡ଼ିଆ ଭାଷାର ସେ ବ୍ୟବହାରିକ ଉପଯୋଗିତା ଓ ସାର୍ବଭୌମ ମର୍ଯ୍ୟାଦାକୁ ଉଜୁଡ଼ିଯିବା ଅବସ୍ଥାକୁ ଟାଣିନେଲାଣି ଆମ ଇଂଲିଶ ମନସ୍ତତା। ସ୍କୁଲ, କଲେଜ, କଚେରୀ, ରାସ୍ତାଘାଟ ଓ ବ୍ୟବସାୟ ପ୍ରତିଷ୍ଠାନର ବିଜ୍ଞାପନ ଫଳକ ତଥା ନିମନ୍ତ୍ରଣ ପତ୍ର ଆଦି ସବୁଠି ଇଂଲିଶ ଭାଷାର ପ୍ରାଧାନ୍ୟ। ସଂସ୍କୃତିର ରକ୍ଷକ କୁହାଯାଉଥିବା ଗଣମାଧ୍ୟମ ଆଉ ବହନ କରୁନି ଭାଷା ସୁରକ୍ଷାର ଗୁରୁଦାୟିତ୍ୱ। ଲେଖାକୁ ଓଜନଦାର କରିବା ପ୍ରୟାସରେ ଗଣମାଧ୍ୟମ ବହୁଳ ମାତ୍ରାରେ ବ୍ୟବହାର କରୁଛି ଇଂଲିଶ ଶବ୍ଦ। ଶିକ୍ଷା କ୍ଷେତ୍ରରୁ ବି ତାର ଅପସାରଣ ପାଇଁ ଚାଲିଛି ରୀତିମତ ଷଡ଼ଯନ୍ତ୍ର। ଯେଉଁ ରାଜ୍ୟରେ ଅର୍ଦ୍ଧେକ ଛାତ୍ରଛାତ୍ରୀ ଇଂଲିଶ ମାଧ୍ୟମରେ ପଢ଼ନ୍ତି ଏବଂ ବାକି ଅର୍ଦ୍ଧେକ ପଢୁଥିବା ସ୍କୁଲଗୁଡ଼ିକରେ ଓଡ଼ିଆ ଶିକ୍ଷକ ନଥାନ୍ତି, ସେ ରାଜ୍ୟରେ ଓଡ଼ିଆ ଭାଷାର ଭବିଷ୍ୟତ ଅନ୍ଧାରରେ ଜର୍ଜରିତ ହେବା ସ୍ୱାଭାବିକ।

ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା। ଭକ୍ତ କବି ମଧୁସୂଦନଙ୍କ ପଂକ୍ତି ବୋଧହୁଏ ମିଳିତ ଜାତିସଂଘ ପ୍ରତିନିଧିମାନେ ଶୁଣିଥାଇ ନପାରନ୍ତି, କିନ୍ତୁ ଏହାର ସାରମର୍ମକୁ ସେମାନେ ଠିକ୍ ଭାବେ ବୁଝିସାରିଛନ୍ତି। ଅର୍ଥାତ୍ ମଣିଷ ଜାତି ଏବଂ କୌଣସି ଏକ ସମ୍ପ୍ରଦାୟର ଉନ୍ନତି ଲାଗି ଏହାର ଭାଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଅନୁଭବ କରି ମାତୃଭାଷା ଲାଗି ଦିନଟିଏ ଉତ୍ସର୍ଗ କରିଛି ବିଶ୍ୱ ସମୁଦାୟ। ବିଶ୍ୱର କୋଣଅନୁକୋଣରେ ପ୍ରଚଳିତ ଲକ୍ଷ ଲକ୍ଷ ଭାଷାର ସୁରକ୍ଷା ତଥା ପ୍ରଚାର ଏବଂ ପ୍ରସାର ଲାଗି ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଫେବୃଆରୀ ୨୧ରେ ପାଳିତ ହେଉଛି ଅନ୍ତର୍ଜାତୀୟ ମାତୃଭାଷା ଦିବସ। ମାତୃଭାଷା ଓ ସାଂସ୍କୃତିକ ବିବିଧତା ତଥା ବହୁ ଭାଷାବାଦକୁ ପ୍ରୋତ୍ସାହିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ଏହି ଦିବସର ପାଳନ ଲାଗି ୧୭ ନଭେମ୍ବର ୧୯୯୯ରେ ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଏବଂ ସଂସ୍କୃତି ସଙ୍ଗଠନ ପକ୍ଷରୁ ପ୍ରଥମେ ଘୋଷଣା କରାଯାଇଥିଲା। ୨୦୦୦ ମସିହାରୁ ବିଧିବଦ୍ଧ ଭାବେ ଏହାର ପାଳନ ହୋଇଆସୁଛି। ଏପରିକି ୨୦୦୮ରେ ଜାତିସଂଘର ସାଧାରଣ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇ ସେହି ବର୍ଷକୁ ଅନ୍ତର୍ଜାତୀୟ ମାତୃଭାଷା ବର୍ଷ ଭାବେ ପାଳନ କରାଯାଇଥିଲା। ଏହି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବା ପଛରେ ମଧ୍ୟ ରହିଛି ଏକ ପ୍ରମୁଖ କାରଣ। ୧୯୫୨ ଫେବୃଆରୀ ୨୧ରେ ବାଙ୍ଗଲାଦେଶର ରକ୍ତାକ୍ତ ଭାଷା ଆନ୍ଦୋଳନର ସ୍ମରଣ ଉଦ୍ଦେଶ୍ୟରେ ଏହି ଦିନକୁ ଚୟନ କରାଯାଇଥିଲା। ବଙ୍ଗଳା ଭାଷାକୁ ପୂର୍ବ ପାକିସ୍ତାନର ଅନ୍ୟତମ ଜାତୀୟ ଭାଷା ମଧ୍ୟରେ ସ୍ଥାନିତ କରିବା ଲାଗି ୧୯୫୨ ଢ଼ାକାରେ ବଡ଼ଧରଣର ଛାତ୍ର ଆନ୍ଦୋଳନ ଦେଖାଦେଇଥିଲା। ଢ଼ାକା ବିଶ୍ୱବିଦ୍ୟାଳୟ ଜଗନ୍ନାଥ କଲେଜ ଏବଂ ଢ଼ାକା ମେଡ଼ିକାଲ କଲେଜର ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପାକିସ୍ତାନ ସରକାର ଏହି ଆନ୍ଦୋଳନକୁ ପୋଲିସ ଲଗାଇ ଦମନ କରିଥିଲେ। ପୋଲିସ ଗୁଳିରେ ବହୁ ସଂଖ୍ୟକ ଆନ୍ଦୋଳନକାରୀ ଛାତ୍ର ପ୍ରାଣ ହରାଇଥିଲେ। ସେମାନଙ୍କ ବଳିଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ କାନାଡ଼ାରେ ରହୁଥିବା ରଫିକୁଲ୍ ଇସ୍‌ଲାମ ନାମକ ଜଣେ ବ୍ୟକ୍ତି ୧୯୯୮ରେ ଜାତିସଂଘର ତତ୍କାଳୀନ ମହାସଚିବ କୁଫି ଆନ୍ନନ୍‌ଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବିଶ୍ୱର କୋଣ ଅନୁକୋଣରେ ପ୍ରଚଳିତ ଅନେକ ଭାଷାକୁ ବିଲୁପ୍ତ ମୁହଁରୁ ରକ୍ଷା କରିବା ଲାଗି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବାକୁ ରଫିକୁଲ୍ ନିବେଦନ କରିଥିଲେ। ତାଙ୍କ ଆବେଦନକୁ ଗ୍ରହଣ କରି ଆନ୍ନନ୍ ଏ ଦିଗରେ ପଦକ୍ଷେପ ଆରମ୍ଭ କରିଥିଲେ। ପରିଣାମ ସ୍ୱରୂପ ୧୯୯୯ ନଭେମ୍ବରରେ ୟୁନେସ୍କୋର ସାଧାରଣ ସମ୍ମିଳନୀରେ ଏହାକୁ ଗ୍ରହଣ କରାଯାଇଥିଲା। ଏହାପରେ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ପାଳନ କରାଯିବା ସହ ଜାତିସଂଘର ସମସ୍ତ ରାଷ୍ଟ୍ର ମାତୃଭାଷାର ପ୍ରଚାର ପ୍ରସାର ଲାଗି ନିଜ ନିଜ ସ୍ତରରେ ଅଭିଯାନ ଚଳାଇବେ ବୋଲି ୨୦୦୯ ମେ ୧୬ ବୈଠକରେ ଜାତିସଂଘ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହା ପରଠାରୁ ଫ୍ରାନସ୍ ପ୍ୟାରିସ୍‌ରେ ଥିବା ୟୁନେସ୍କୋ ମୁଖ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱର ପ୍ରତିଟି ଦେଶରେ ଏହି ଦିବସ ପାଳନ କରାଯାଇଛି। ବିଶ୍ୱବାସୀଙ୍କ ପାଇଁ ଶିକ୍ଷା ଏବଂ ଶିକ୍ଷା ଜରିଆରେ ସମସ୍ତଙ୍କ ଭବିଷ୍ୟତ ସୁରକ୍ଷିତ କରିବା ମଧ୍ୟ ଏ ବର୍ଷ ମାତୃଭାଷା ଦିବସର ଏକ ପ୍ରମୁଖ ଉଦ୍ଦେଶ୍ୟ ରହିଛି।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

# ମାତୃମନ୍ତ୍ର-ମାତୃଭାଷା



**ଉମେଶ ଚନ୍ଦ୍ର ପାତ୍ର**

ଜାତିସଂଘର ଅନୁମୋଦନ କ୍ରମେ ୨୦୦୦ ମସିହାରୁ ସମଗ୍ର ବିଶ୍ୱରେ ଫେବୃଆରୀ ୨୧ ତାରିଖକୁ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ' ଭାବେ ପାଳନ କରାଯାଉଛି । ଐତିହ୍ୟ - ସଂସ୍କୃତି - ପରମ୍ପରା ରକ୍ଷା ପାଇଁ ମାତୃଭାଷା ଏକ ବଳିଷ୍ଠ ମାଧ୍ୟମ । ମାତୃଭାଷାକୁ ଉପେକ୍ଷା କରି କୌଣସି ଜାତି ବଡ଼ହୋଇନାହିଁ କି ହୋଇପାରିବ ନାହିଁ । ଏ ବାବଦରେ ସର୍ଭିଙ୍କୁ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଫେବୃଆରୀ ୨୧ ତାରିଖକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ପାଳନ କରିବା ପାଇଁ ୟୁନେସ୍କୋ ପକ୍ଷରୁ ପ୍ରଥମେ ୧୯୯୯ରେ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ଅବିଳମ୍ବେ ଜାତିସଂଘ ସ୍ୱୀକୃତି ପ୍ରଦାନ କରିଥିଲା । ତେବେ ଫେବୃଆରୀ ୨୧ କାହିଁକି ? ଏହା ଏକ ଐତିହାସିକ ଦିବସ । ୧୯୫୨ ମସିହାରେ ଏହି ଦିନରେ ମାତୃଭାଷାର ସୁରକ୍ଷା ପାଇଁ ପୁଲିସ ଗୁଳିର ଶିକାର ହୋଇଥିଲେ ବାଙ୍ଗଲାଦେଶର ଏକାଧିକ ମାତୃଭାଷାପ୍ରେମୀ ବାଙ୍ଗଲାଭାଷୀ ଛାତ୍ର ଓ ବୁଦ୍ଧିଜୀବୀ । ବାଙ୍ଗଲାଦେଶର ଜନ୍ମ ପୂର୍ବରୁ ତାହାକୁ ପୂର୍ବ ପାକିସ୍ତାନ କୁହାଯାଉଥିଲା ଏବଂ ଅଧିକାଂଶ ନାଗରିକ ଥିଲେ ବାଙ୍ଗଲାଭାଷୀ । ପାକିସ୍ତାନ ସରକାର ପୂର୍ବ ପାକିସ୍ତାନୀଙ୍କ ଉପରେ ବଳପୂର୍ବକ ଉର୍ଦ୍ଦୁ ଭାଷା ଲଦିଦେବାରୁ, ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆନ୍ଦୋଳନ ଦମନ କରିବା ପାଇଁ ପୁଲିସ୍ ଢ଼ାକା ଉଚ୍ଚ ନ୍ୟାୟାଳୟ ନିକଟରେ ଗୁଳି ଚଳାଇବାରୁ ଟଳିପଡ଼ିଥିଲେ ଏକାଧିକ ଭାଷାପ୍ରେମୀ । ମାତୃଭାଷାର ସୁରକ୍ଷା ପାଇଁ ଏ ଭଳି ପ୍ରାଣବଳି ଅନନ୍ୟ । ତେଣୁ ଏହି ଦିନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ । ମା'ଡାକ ହେଉଛି ମଣିଷର ଆଦି ଭାଷା ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ। ମା' ଡାକରେ ମଣିଷ ମନରେ ପ୍ରଜ୍ୱଳିତ କାମାଗ୍ନି ଅଚିରେ ପ୍ରଶମିତ ହୁଏ - ଯିଏ ସମ୍ବୋଧନ କରେ ଏବଂ ଯିଏ ସମ୍ବୋଧିତା ହୁଏ, ଉଭୟତଃ। ଏହା ଏକ ମନସ୍ତାତ୍ତ୍ୱିକ ସତ୍ୟ ଯେ ମନରେ ମାତୃଭାବ ଜାଗରିତ ହେଲେ ମଣିଷର କାମପ୍ରବୃତ୍ତି ଅମଦମିତ ହୁଏ । ପ୍ରାଚୀନ ଭାରତର ଇତିହାସ କହେ ଜଗଜ୍ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା । ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା। ଆମର ପ୍ରାଚୀନ ସଂସ୍କୃତିର ସେହି ଗୌରବମୟ ଐତିହ୍ୟଗୁଡ଼ିକ ଆଜି ନାନା କାଳ୍ପନିକ ଉପାଖ୍ୟାନ ମଧ୍ୟରେ ତାତ୍ପର୍ଯ୍ୟ ହରାଇ ବସିଛି । ଶ୍ରୀ ଶ୍ରୀ ଠାକୁର ଏ ଯୁଗର ଝିଅମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି - ମା' ମୋର, ଝିଅ ମୋର, ତୁମର ସେବା, ତମର ଚାଲିବା, ତୁମର ଚିନ୍ତା, ତୁମର କହିବା - ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ - ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦଗଦ କଣ୍ଠରେ ମା' ମୋର, ଜନନୀ ମୋର କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି - ତେବେ ହିଁ ତୁମେ ଝିଅ - ତେବେ ହିଁ ତୁମେ ସତୀ ।

ଦୁଃଖର କଥା - ଆଜି ସେହି ପାବନମନ୍ତ୍ର, ସେହି ଅମୃତବୋଳା ମା'ଡାକ ଆମର ବାସ୍ତବ ଜୀବନରୁ ହଜିଯିବାକୁ ବସିଛି । ଆମର ଉତ୍କଟ ସାହେବୀ ରୋଗ ଏବଂ ପବ୍ଲିକ ସ୍କୁଲ ଗୁଡ଼ିକ ଦୌଲତରୁ ଆମର ପିଲାମାନେ ମା' ଡାକ ଭୁଲି ଯାଉଛନ୍ତି। ତାହା ବଦଳରେ ମମ୍ମି, ମମ୍, ମାମା ଇତ୍ୟାଦି ନାନା ପ୍ରକାର ଡାକ ତାଙ୍କ ମୁହଁରୁ ଶୁଣି ମା'ବାପାମାନେ ପ୍ରଭୂତ ଆତ୍ମସନ୍ତୋଷ ଲାଭ କରୁଛନ୍ତି । ଆମେ ଭୁଲିଯାଉଛୁ ଯେ ପ୍ରାଚୀନ ଭାରତୀୟ ସଂସ୍କୃତିକୁ ଅନୁସରଣ କରି ହିଁ ପାଶ୍ଚାତ୍ୟ ଭାଷାଜ୍ଞାନ ସମୃଦ୍ଧ ହୋଇଛି । ସଂସ୍କୃତ - 'ମାତୃଃ ଶବ୍ଦରୁ ଇଂଲିଶ ଶବ୍ଦ 'ମଦର' ସୃଷ୍ଟି ହୋଇଛି । ଆମ ମାତୃଭାଷାର ଦୟନୀୟ ପରିଣତି ମଧ୍ୟ ଲକ୍ଷ କରିବା କଥା । ଥରେ ୟୁକେଜିରେ ପଢୁଥିବା ମୋର ଜଣେ ନାତି କୌତୂହଳବଶତଃ ଗୋଟିଏ ଜିନିଷର ଦାମ ପଚାରିବାରୁ ମୁଁ କହିଲି ସାତଟଙ୍କା । ସେ ବୁଝି ନପାରି ନିଜର ମା'ଙ୍କୁ ପଚାରିଲା - ସାତଟଙ୍କା କେତେ? ମା' ବୁଝାଇଦେଲେ - ସେଭେନ ରୁପିଜ। ସେତେବେଳେ ଯାଇ ବୁଝିଲା। ପବ୍ଲିକ ସ୍କୁଲରେ ପଢୁଥିବା ମୋର ଆଉ ଜଣେ ନାତିକୁ ଥରେ କହିଲି - ଆମେ ଶନିବାର ବୁଲିଯିବା । ସେ ବୁଝି ନପାରି ତା'ର ବାପାଙ୍କୁ ପଚାରିଲା - ଶନିବାର କ'ଣ? ବାପା ବୁଝାଇଦେଲେ ସଟରଡେ । ତା ପରେ ବୁଝିଲା । ଚିରଦିନ ଦେଖିଛି ଛୋଟ ପିଲାଟିଏ ସ୍କୁଲକୁ ଗଲେ ପ୍ରଥମେ ମାଷ୍ଟ୍ରେ ତାଙ୍କୁ ଅ-ଆ ଶିଖାଉଥିଲେ । ମାତ୍ର ପବ୍ଲିକ ସ୍କୁଲଗୁଡ଼ିକରେ ଏଲକେଜି ଏବଂ ୟୁକେଜି ଶ୍ରେଣୀରେ ପ୍ରଥମେ ଇଂଲିଶ ଏବଂ ହିନ୍ଦୀ ପଢ଼ା ଆରମ୍ଭ ହେଉଛି । ତୃତୀୟ ବର୍ଷ, ଅର୍ଥାତ୍ ଷ୍ଟାଣ୍ଡାର୍ଡ଼ ୱାନ କ୍ଲାସରେ ଓଡ଼ିଆ ପଢ଼ାର ହାତଖଡ଼ି ହେଉଛି । ସେମାନେ ପ୍ରାର୍ଥନା କରନ୍ତି ଇଂଲିଶରେ, ନଚେତ୍ ହିନ୍ଦୀରେ। ଏସବୁ ଦେଖି ମନେହେଉଛି ହୁଏତ ଅଦୂର ଭବିଷ୍ୟତରେ ଆମର ପାଠୁଆ ପିଲାଙ୍କୁ ଓଡ଼ିଆ ବୁଝିବା ପାଇଁ ଦୋଭାଷୀର ସାହାଯ୍ୟ ନେବାକୁ ପଡ଼ିବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଆଗ ପିଲା ନିଜର ମାତୃଭାଷା ଶିଖି ତା'ପରେ ଯେତେ ଭାଷା ଶିଖିପାରେ ସେତେ ଭଲ । କିନ୍ତୁ ସେ କଥା ଶୁଣୁଛି କିଏ ? ପବ୍ଲିକ୍ ସ୍କୁଲଗୁଡ଼ିକ ଓଡ଼ିଶାର ଭୌଗୋଳିକ ସୀମା ମଧ୍ୟରେ ଥାଇ ମଧ୍ୟ ଓଡ଼ିଆ ଭାଷା ଶିକ୍ଷାକୁ ଉପଯୁକ୍ତ ଗୁରୁତ୍ୱ ଦେଉନାହାନ୍ତି । ମୋଟ କଥା, ପବ୍ଲିକ ସ୍କୁଲ ଗୁଡ଼ିକର ଯଥେଷ୍ଟ ସିଲାବସ୍ ଉପରେ ଅଙ୍କୁଶ ଲଗାଇ ନପାରିଲେ କିଛି ବର୍ଷ ମଧ୍ୟରେ ହିଁ ଅଧିକାଂଶ ଭାରତୀୟ ଭାଷା ବିଲୁପ୍ତି ଘଟିବ । ଆମର ସଂସ୍କୃତି ଏବଂ ଆଭିଜାତ୍ୟର ଏହି ଦୟନୀୟ ଅବସ୍ଥା ଲକ୍ଷ୍ୟ କରି ଶ୍ରୀ ଶ୍ରୀ ଠାକୁର ଦିନେ କ୍ଷୋଭର ସହିତ କହିଥିଲେ - 'ବୁଝି ଦେଖ - ତୁମର ଏହି ଆଭିଜାତ୍ୟ ଓ ସଂସ୍କାର କେତେଟା ଶ୍ରେୟ ଓ ପ୍ରେୟ, ଯାହା ଲାଭ କରିବାକୁ ହୁଏ କେତେ କେତେ ଜୀବନ ପ୍ରବାହର ଭିତର ଦେଇ, ସେହି ଆଦର୍ଶ, ଧର୍ମ ଓ କୃଷ୍ଟିର ଅନ୍ୱିତ ଚଳନରେ, ଅସ୍ତି-ବୃଦ୍ଧିର ତାପସ, ପରିଚର୍ଯ୍ୟା ନେଇ, ଆଉ ତୁମର ବ୍ୟକ୍ତିତ୍ୱ ପ୍ରବୃତ୍ତିର ପରାମର୍ଶଣୀ ଦୌରାତ୍ମ୍ୟରେ ଯେତେବେଳେ ହିଁ ସେହି ଆଭିଜାତ୍ୟ ମୁଣ୍ଡରେ କୁଠାରାଘାତ କରି ପରପଦଲେହୀ ଅନ୍ୟର ଭାଷା, ଅନ୍ୟର ବେଶ, ଖାଦ୍ୟ, ଚାଲିଚଳନ, ଉପଭୋଗ ଇତ୍ୟାଦିରେ ଆତ୍ମବିକ୍ରୟ କରେ, ତାହା ଯେ କେତେ ମର୍ଯ୍ୟାଦାହାନିକର, କେତେ ଅପମାନକର, ଆଉ କେତେ ଦୈନ୍ୟର - ତାହା କହିବା ବାହୁଲ୍ୟ। (ଆର୍ଯ୍ୟକୃଷ୍ଟି - ୧୯୪) । ସ୍ମରଣ ରଖିବାକୁ ହେବ - ଅନ୍ୟ ଠାରୁ ପୋଷଣ ଗ୍ରହଣ କରି ନିଜର ଭାଷା ଏବଂ ସଂସ୍କୃତିକୁ ଉନ୍ନତ କରାଯାଇପାରେ, ମାତ୍ର ନିଜତ୍ୱ ହରାଇ ଅନ୍ୟକୁ ଅନୁକରଣ କରି କେହି କେବେ ଶ୍ରେୟର ଅଧିକାରୀ ହୋଇପାରିବେ ନାହିଁ।

+ଲିଭର ବିଶେଷଜ୍ଞ ଓ ସହ-ପ୍ରତିରତ୍ୱିକ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭




## ବସନ୍ତ ଋତୁ ଆଗମେ

**ସୁରେନ୍ଦ୍ର ନାଥ ସାହୁ**

ଢଳିଣ ମେଲାଣି ମାଗିଗଲେ ଶୀତ
ବସନ୍ତ ଋତୁ ଆଗମେ
ପ୍ରକୃତି ଖୋଲଇ ଅନନ୍ୟ ପସରା
ସଜହୋଇ ଧରା ଧାମେ।
ଦକ୍ଷିଣା ପବନ ସହଜେ ହରେ ମନ
ପୁଲ୍ଲକ ଭରେ ମରମେ
ନବ ପଲ୍ଲବୀତ ପତ୍ରେ ସୁଶୋଭିତ
ବକ୍ଷ ହସେ ରଙ୍ଗ ସଙ୍ଗମେ।
ବୋଉଳା ବାସଇ ଆମ୍ର ବନ ଦିହ
ଆନନ୍ଦ ଭରଇ ମନେ
କଳକଣ୍ଠି ଖେଳେ ଗାଇଣ ସଙ୍ଗୀତ
ମୋହଇ ମଧୁର ତାନେ।
ପଳାଶ ଫୁଲର ମଞ୍ଜୁଳ ପେଣ୍ଡାରେ
ରକ୍ତିମ ଆଭା ମଣ୍ଡଇ
ଅଶୋକ ସ୍ତବକ ଦେଖିଲେ ଭାବୁକ
ଯାଉଅଛି ମନ ହୋଇ।
ରଜନୀ ଦେହରେ ଅତର ବୋଳଇ
ରଜନୀ ଗନ୍ଧା ତରୁଣୀ
ଚୋରା ଚଇତିର ସରୁ ଚୁମ୍ବନ ପାଇ
ଚନ୍ଦନ ବାସେ ଭିଣି ଭିଣି।
ମଳୟଜ ଶୀତ ସୁଖରେ ଭରେ ଚିତ୍ତ
ନବ ଉନ୍ମାଦନା ଆବାହନୀ
ଅପାର ଶୋଭାରେ ରୂପବତୀ ସରି
ଛବିଳ ଲାଗେ ଧରଣୀ।
ମଧୁକର ଭଅଁର ଦେଇ ଗୁଣୁ ରୋଳ
ମଧୁ ମିଳନେ ପାଗଳ
ନାନାଦି ରଙ୍ଗ ଜାତି କଙ୍କୀ ପ୍ରଜାପତି
ବୁଲନ୍ତି ଡାଳରୁ ଡାଳ।
ହଂସୀ ହଂସରାଳୀ କରୁଥାନ୍ତି କେଳି
ଜୀବନ ଭୋଗର କାଳ
ସିନ୍ଦୁରୀ ସକାଳର ଗୋଧୂଳି ବେଳର
କଳରବେ ପୁରେ କୋଳ।
ମହା ଶୀବରାତ୍ରୀ ପରମ ପବିତ୍ର ପର୍ବ
ଜାଗର ଜାଳିବେ ହିନ୍ଦୁ
ପାପ ଧୋଇଯିବ ସଂସାରେ ଖେଳିବ
ଭକ୍ତି ରସ ମହା ସିନ୍ଧୁ।
ରବି ଫସଲ ଦେଖି ଚାଷି ପୁଅ ଆଖି
ଉଲ୍ଲାସେ ରହଇ ଲାଖି
ଦୋଳଯାତ୍ରା ସାରି ଫଗୁଣ ନିରିମାଖି
ଦେବ ରଙ୍ଗ ଆମକୁ ମାଖି।
ଚଇତ ଶୁକ୍ଳ ପକ୍ଷ ପ୍ରତିପଦା ତିଥିରେ
ହିନ୍ଦୁ ନବ ବର୍ଷ ଆସିବ
ସବୁଠାରୁ ପୁରୁଣା ଆମ ଦିନ ଗଣନା
ଦୁନିଆକୁ ବତାଇବ।

କଳମ୍ବ (ଡିହସାହି)
ପୋଲସରା, ଗଞ୍ଜାମ- ୭୬୧୧୦୫
(ମୋ) ୮୧୨୮୯୧୯୨୫୬

## ଋତୁରାଜ ବସନ୍ତ

**ଅଳକା ରାୟ**

ଶେଷ ଋତୁ, ଅଥଚ
ଋତୁମାନଙ୍କ ରଜା
ଋତୁରାଜ ବସନ୍ତ
ସମସ୍ତ ସମ୍ଭାର ଘେନି
ରାଜ କରୁଛି ଧରଣୀ ବୁକୁରେ
ହସି ଉଠୁଛି ବସୁନ୍ଧରା
ତୃପ୍ତି ହେଉଛନ୍ତି ଚୈତ୍ର ଓ ବୈଶାଖ।

ପୁଷ୍ପ ରତ୍ନରେ ବିଭୂଷିତ ହୋଇ
ପଧାରିଛି ବସନ୍ତ ରଜା
ସବୁଜ ରଙ୍ଗର ପଥେ ପଥେ
ଭରି ଦେଇଛି ଅଭିନନ୍ଦନର ମୁକ୍ତା।

ମଳୟର ତାଳେ ତାଳେ
ନାଚିଉଠୁଛି ପରିମଳ
ତରୁଶାଖାରେ ସମିରଣ ତାଳେ
ଖେଳିଯାଏ ଶିହରଣ।

ଦ୍ରୁମ ଲତାର ଅଙ୍ଗେ ଅଙ୍ଗେ
ଭରିଦିଏ ନବପଲ୍ଲବ
ଗହଳ ପତ୍ରସମ୍ଭାରରେ
ବିଭୂଷିତ ହୋଇ
ଶ୍ୟାମଳଶ୍ରୀ ଧାରଣ କରନ୍ତି
ବନସ୍ପତି ଗଣ।

ମନ୍ଦ ମଳୟ ସମିରଣେ
ବିଚ୍ଛୁରିତ ହୁଏ ସୁଗନ୍ଧ ଫୁଲ
ଅଶୋକ,ବାସଙ୍ଗ ଓ କାଞ୍ଚନ ର
ପଳାଶ ଫୁଲର ଲୋହିତ ବର୍ଣ୍ଣରେ
ସୁଶୋଭିତ ହୁଅନ୍ତି ତରୁ ଲତା ଗଣ।

ଧଳା ଧଳା ଆମ୍ବ ବଉଳରେ
ଟିକି ଟିକି ଆମ୍ବ ଗଣ
ମଳୟର ତାଳେ ତାଳେ
କୋଇଲି ଗାଏ କୁହୁତାନ।

କଳା କଳା ଭଅଁର ଆଉ
ଚିତ୍ର ବିଚିତ୍ର ପ୍ରଜାପତି ଗଣ
ମଧୁପାନ ଆଶା ନେଇ
ଉଡି ବୁଲନ୍ତି ଉନ୍ମୁକ୍ତ ଡେଣା ଧରି
ଏ ଫୁଲରୁ ସେ ଫୁଲ।

ସମୀରର ଲହରିରେ
ଦୋଳାୟିତ ବୃକ୍ଷ ଲତା
ଦିଶନ୍ତି ସତେ ଯେପରି
ଦୋଳି ଖେଳୁଛନ୍ତି ପ୍ରକୃତି ମାତା।

+ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

## ପୁନଶ୍ଚ ପ୍ରେମ !

**ଅରୁଣ କୁମାର ତ୍ରିପାଠୀ**

ତୁମକୁ ପର କରି ବର୍ଷେ ବିତିଗଲାଣି
ବହୁତ ମନେ ପଡ଼ି
କୋହରେ ଉତୁରି ଅନେକ ଥର
ମୋ ଭାବନାକୁ ହତ୍ୟାକରି
ଆଉ ସ୍ୱପ୍ନରେ ବି ଆସୁନଥିଲ !
ହେଲେ ଆଜି ହଠାତ୍ କିଆଁ
ଶୀତୁଆ ସକାଳରେ ଦିଅ ନିମନ୍ତ୍ରଣ
ତୁମ ଭାବନା ସବୁ
ଦୂର ପର୍ବତ ମଧ ଦେଶ ଭେଦି ଥିବା
ନଇରୁ ହୁଏ ସମୁଦ୍ ଗତ
କଅଁଳ ଅଂଶୁ କିରଣେ
କୋହ ସବୁ ତୁମର ହୁଅନ୍ତି ପ୍ରକିର୍ତ୍ତୀତ
ତମକୁ ତ ଭୁଲି ସାରିଲିଣି
ପୁଣି ହେତୁ ରଖିବାର ପୁଣି
କିଆଁ ସୁଯୋଗ ଦିଅ ?
ଆଉ ଥରେ କି ହଜେଇ ପାରିବି
ମୋ ସକାଳ ଓ ପୁଣି ସଞ୍ଜ
ଭାବନା ତ ସବୁ କେବେଠାରୁ
ହେଇଗଲାଣି ଦହଗଞ୍ଜ !
ତୁମ ତେଜରାଶୀ ମୋ ମଥା ଆଉଁଶି
ଦିଏ ମୋତେ ନିମନ୍ତ୍ରଣ
ହେଲେ ଗତ ସଂବତ୍ସରରୁ
ତୁମ ମରୀଚିକା ଯିଏ
ମୋ ପାଖରେ ଅଛି
ସିଏ ହାତଠାରି କୁହେ
ଇଏ ଏକ ଦିବାସ୍ୱପ୍ନ !

+ଜୟପୁର
ମୋ: ୯୦୭୮୮୩୮୬୨୭



## ଭଙ୍ଗା ଆଇନା

**ନିରଞ୍ଜନ ସାହୁ**

ଜୀବନରେ ଯେବେ ଝଡ଼ଝଞ୍ଜା ଆସି
ଓଲଟପାଲଟ କଲା
ଭାଗ୍ୟଟା ଭଗାରୀ ପାଲଟି ଯାଇକି
କରିଦେଲା ଦରମଲା ।

କାଳ ବୈଶାଖୀ ତାଣ୍ଡବ ରଚିଲା
ପରାୟେ ଭାଗ୍ୟର ଖେଳ
ସବୁ ସରିଗଲା ସବୁ ହଜିଗଲା
ଆସିଲା ଦୁର୍ଦ୍ଦିନ ବେଳ
କାହିଁକି ଏମିତି ଅଚାନକ ହୁଏ
କିଏ ବୁଝାଇବ ଭଲା ।

ଭାଗ୍ୟ ବଦଳାଇ ଦେଲା ନିମିଷକେ
ଜୀବନର ମାନଚିତ୍ର
ନିତି ପୁଜୁଥିବା ପ୍ରଭୁ ଭଗବାନ
ସାଜିଲେ କେବେ କି ମିତ୍ର
ଲୁହ ଆଞ୍ଜୁଳିରେ ମୁହଁ ଦିଶିଯାଏ
ଆଇନାଟା ଭାଙ୍ଗିଗଲା ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୧ ଫେବୃଆରୀ, ମଙ୍ଗଳବାର, ୨୦୨୩

# କବିତାମାଳା

## ରାସ୍ତା

ଭରତ ଚନ୍ଦ୍ର ଦାଶ



ରାସ୍ତା
ଶୋଇପଡିଛି ଥକ୍କାରେ
କେଉଁ ଅନନ୍ତକାଳରୁ
ଜନସମଷ୍ଟି
ସୃଷ୍ଟି ହେବାକାଳରୁ
ଚାଲିବା ଆରମ୍ଭ ହୋଇଛି ଯେ
ଆଜିଯାଏ ଚାଲୁଛନ୍ତି
ଚାଲୁଥିବେ ଭବିଷ୍ୟତର
ସମୟଥିବାଯାଏ, ରାସ୍ତାଥିବାଯାଏ।
କାହିଁ କେହି କେବେବି
ପଚାରିନାହିଁ ରାସ୍ତାକୁ
ତା'ର ଦୁଃଖ କ'ଣ
ଅବସୋସ କ'ଣ
ରାସ୍ତା ତ ନିରବତାର ପ୍ରତୀକଟିଏ
ସେ ଦେଖେ,ଅନୁଭବ କରେ
ପଥିକର ଗତି,ପ୍ରଗତି
ତାର ସ୍ୱପ୍ନ ଓ ସମ୍ଭାବନାକୁ
ପହଞ୍ଚାଇ ଦିଏ ତାର
ଗନ୍ତବ୍ୟସ୍ଥଳରେ
ଭୁଲ କରେନି
ପଥହଡା ହୁଏନି ପଥିକ ।

ରାସ୍ତା
ଦିନେ ହଠାତ
ଚେଇଁ ଉଠିଲା
ସ୍ୱପ୍ନଭଙ୍ଗ ହେଲା
ତାର କଠିନ
ହାଡୁଆ ଛାତି ଉପରେ
କିଏ ଦୁଇ ଜଣ ଚାଲିଛନ୍ତି
ରାଜକୁମାର ନିଶ୍ଚୟ
ବିଶାଳ ବପୁ ତେଜଦୀପ୍ତ ଶରୀର
କାନ୍ଧରେ ଧନୁ ଓ ତୀର
ଆଖିରେ କାହାକୁ ଖୋଜିବାର
ଦୁର୍ବାର ଅଭୀପ୍ସା
ଏ କ'ଣ ହଠାତ୍
କାହିଁକି ଅଟକିଗଲା ପାଦ
ଗୋଟିଏ ଇସାରାରେ
ପାଦତଳର ଶୁଷ୍କ ପତ୍ର
ବାହାରକଲା ଅନୁଜ
ଏ କ'ଣ ଆଶ୍ଚର୍ଯ୍ୟ
ଆଶିଷର କରସ୍ପର୍ଶରେ
ପକ୍ଷୀଟି ହେଲା ନିର୍ବାଣପ୍ରାପ୍ତ
ରାସ୍ତାର ମନକଥା
ବୁଝିପାରିଲେ ବୋଧହୁଏ ଅନ୍ତର୍ଯ୍ୟାମୀ
ବନ୍ଧାହେଲା ସାଗରରେ ସେତୁ
ରାସ୍ତାର ଏକ ପରିମାର୍ଜିତ ରୂପ ।

ରାସ୍ତା
କେତେ ଘଟଣା ଦୁର୍ଘଟଣାର
ପ୍ରତ୍ୟକ୍ଷଦର୍ଶୀ
ଶୌର୍ଯ୍ୟବୀର୍ଯ୍ୟରେ ସେ
ବେଶ୍ ଚର୍ଚ୍ଚିତ ହୋଇଛି
ଅଶୋକଙ୍କ ଠାରୁ ଆକବର
ଶେରଶାହା ଠୁଁ ଆଲେକ୍ସଣ୍ଡାର
ସମସ୍ତେ ତ ରାସ୍ତାର
ପ୍ରଶସ୍ତିରେ ଶତମୁଖ
ରାସ୍ତା ସର୍ବଂସହା
ଜନନୀ ଧାତ୍ରୀରୂପରେ
ନରକୁ ନାରାୟଣ କରିଛି
ଔଦ୍ଧତ୍ୟ ଓ ଅହଂକାରରେ
କେତେକ ଦାନବ ପାଲଟିଛନ୍ତି
ପଥ ହୁଡିଛନ୍ତି ରାସ୍ତାଚ୍ୟୁତ ହୋଇ
ଅବାଟରେ ଚାଲି ଠିକ୍
ଦୁର୍ଯ୍ୟୋଧନ ଦୁଃଶାସନ ପରି ।

ରାସ୍ତା ପଥ ଦେଖାଏ
ସ୍ୱର୍ଗକୁ, ପୁଣ୍ୟକୁ, ନିର୍ବାଣକୁ
ରାସ୍ତା ବେଳେବେଳେ
ପଥହୁଡା ପାଇଁ
ମୃତ୍ୟୁର ସୌଦାଗର ସାଜେ
ନର୍କକୁ , ପାପକୁ, ଯନ୍ତ୍ରଣାକୁ ।

♥ସଦସ୍ୟ,ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର- ୭୫୬ ୧୨୬
ମୋ: ୯୪୩୭୩୭୨୧୬୬

## ବାସର ରାତିର ଦୀପ

ପ୍ରଣତି ଆଚାର୍ଯ୍ୟ ମିଶ୍ର



ବାସର ରାତିର ଦୀପ ଜଳୁଥାଉ ସାରାରାତି
ମୁକ୍ତାପରି ଝଲସିବ ପ୍ରିୟା ଚାନ୍ଦ ମୁହଁ
ସରମୀ ଲତା ପରି ସରମୀ ଯିବ ସେ
ଛୁଇଁ ଦେଲେ ତା ପାଦ ପାଉଁଜି
ତାମସୀ ରାତି, ଭରୁଥିବ ତାତି ।

ଲାଜର ଗହଣା ଖୋଲିଯିବ ଆପେ ଆପେ
କବରୀରୁ ଫିଟିଯିବ ରଜନୀଗନ୍ଧାର ହାର
ମହକିତ ହେବ ମନ, ପୁଲକିତ ହେବ ତନୁ
ଛାତିର ସ୍ପନ୍ଦନ ଦେହ ବନ୍ଧନରେ
ଉଛୁଳା ନଈପରି ବଢି ବଢି ଯାଉଥିବ ।

ତୃଷିତ ଅଧରେ ମଧୁର ଦଂଶନର ଜ୍ୱାଳା
କରିବାକୁ ଉପସମ ଯାଚି ଦେଉଥିବ,
ଆଞ୍ଜୁଳାକୁ ଆଞ୍ଜୁଳାଏ ନିଳସୁଖ
ନନ୍ଦନବନ ସମ ତୁମ ହୃଦଘରେ,
ବସା ବାନ୍ଧି ଗଢୁଥିବି ପ୍ରଣୟ କୋଣାର୍କ ।

ପ୍ରୀତିର ମଦିରା ପିଇ ପ୍ରେମ ସାଗରର
ଗଭୀରତା ମାପୁଥିବ ମନ
ଥରୁଥିବ ଦେହ, ହସୁଥିବ ଜହ୍ନ
ଲାଜର ଅବିର ବୋଳି ହୋଇ ଅଜଣା,
ଅକୁହା ସୁଖ ଓ ତୃପ୍ତିର ଭାବ ଦିଆନିଆ ।

କମନୀୟ କାବ୍ୟ ହୋଇ ପୃଷ୍ଠା ପରେ ପୃଷ୍ଠା
ଲେଉଟାଉ ଥିବ,
ପଢୁଥିବି ତୁମ ଭିଜା ଓଠ ଧାରେ
ଅସଜଡା ନରମ ଶେଯରେ ନହୁଲି
ନିଆଁର ତାତି
ତରଳିଯିବ ଏ ଦୁଷ୍ଟ ବିଦଗ୍ଧ ବୟସ
ରଙ୍ଗିନ୍ ତୁମ ଶୃଙ୍ଗାର ଅଙ୍ଗରେ ।

ସ୍ୱର୍ଗୀୟ ଏ ପ୍ରେମର ସାକ୍ଷୀ ଥିବ ଇନ୍ଦୁ,
ରୂପସୀ ରାତିର ଦୀପ ଜଳୁଥିବ ସାରାରାତି ।

♥ନୟାଗଡ଼
ମୋ:୯୪୩୭୬୪୨୯୪୭

## ରବୀନ୍ଦ୍ର ସେତୁ

ନୀଳମଣି ଚାନ୍ଦ



ସବୁଦିନେ ତୁମ ଝୁଲିବାର ଆନନ୍ଦରେ
ମୁଁ କେମିତି ଦୁଃଖର ପୁଟ ଦେଇଥାନ୍ତି
ଚାଲୁଚାଲୁ ଭାବିଲି କହିଦେବି
ତୁମେ ହୁଗୁଳିକୁ ଦେଖ
ଆଉ ହୁଗୁଳି ତୁମକୁ ଦେଖୁଥାଉ
ତୁମେ ହାଓଡା ଷ୍ଟେସନକୁ ଚାହଁ
ସେ ତୁମକୁ ଚାହୁଁଥାଉ ଏମିତି ଚିରକାଳ।

ଭସାଣି ଦିନ କେତେ ଦୁର୍ଗାମୂର୍ତ୍ତି
ବିସର୍ଜନ ହେବାବେଳେ
ତୁମେ ଚାହିଁ ରହିଥାଅ
ତୁମ ଆଖିରେ ନ ଥାଏ ଲୁହ
ଅନ୍ତରରେ ନ ଥାଏ କୋହ
ସେମିତି ଝୁଲୁଥାଅ ବରଓହଳ ପରି।

ଆମର କେଇଦିନର ସମ୍ପର୍କରେ
ଭଙ୍ଗା ପଡିବା କ'ଣ ଦର୍କାର
କୋଲକତାକୁ ଯିବାବେଳେ
ବାଟମଙ୍ଗଳାପରି ପ୍ରବେଶପଥରେ ଥାଇ
ସେ ଦିନ ପଥ ଦେଖେଇଥିଲ
ଆଉ କହିଲ, ବିଶ୍ୱଯୁଦ୍ଧ ବେଳଠୁ
ମୁଁ ଏଇଠି ରହିଛି
ସେବା କରିଚାଲିଛି,ମୋଟେ ଥକିଯାଇନି ।

ହାଓଡ଼ା ବ୍ରିଜରୁ ରବୀନ୍ଦ୍ର ସେତୁ
ନାମ ବଦଳିବାରେ ନଥାଏ ଦୁଃଖ
ନ ଥାଏ ସୁଖ
ଖୋକନଦା' କହିବା କଥା ଶୁଣିଛି
ରବୀନ୍ଦ୍ର ସେତୁ ଆମ ଗର୍ବ ଗୌରବ
କୋଲକତାର କିଛି ରୋଚକ କାହାଣୀ
ତା'କୁ ବେଶ୍ ଜଣା।

ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

## ପ୍ରତୀକ୍ଷା

କବିତା ପଣ୍ଡା



ଭାରି ନିଛାଟିଆ ଲାଗେ ଆଜି ମୋତେ
ଏକୁଟିଆ ରହି ରହି
ବୁଝିଲା ମନ ତ ଅବୁଝା ସାଜି ମୋ
ଯାଇଛି ଏରୁଣ୍ଡି ଡେଇଁ ।

ଏ ଦେହ ଦେଉଳେ ଶୂନ୍ୟ ମନ୍ଦିରରେ
ଉଡୁଛି ଶ୍ରୀହୀନ ବାନା
ପୂଣ୍ୟର ଦେବତା କେବେ ଯେ ଫେରିବ
ମନ ତ ବୁଝୁନି ଜମା ।

ପ୍ରତୀକ୍ଷାର ଗୀତ ଗାଉଛି ଗାଇବ
ସାଜି ପୂଜାରିଣୀ ମୁହିଁ
ମୋ ହୃଦ ସନ୍ୟାସୀ କେବେ ସେ ଫେରିବ
ରହିଛି ପଥକୁ ଚାହିଁ ।

+ ମଂଗଳପୁର, ସୋର, ବାଲେଶ୍ୱର

## ଗଛ

ଦୀପକ କୁମାର ମିଶ୍ର

ପାତାଳର ରହସ୍ୟମୟ
ଅତାଳ ଅନ୍ଧାରର ସାନ୍ଦ୍ରତା
ଗୁମୁଟଘର ସଦୃଶ
ଶୁଭେ ନିରବ ପ୍ରତିଧ୍ୱନିର
ଘୁମୁରା ଘୁମୁରା ଘନଘଟା
ଆଲୁରୁବାଲୁରୁ ଛନ୍ଦାଛନ୍ଦି
ଅଡୁଆତଡୁଆ ମୂଳଦୁଆ
ନିପାଣିଆ ନିପାଣିଆ ଶୁଖିଲା ଦେହରେ
ସବୁଜ, ପାଉଁଶ, ଧୂସର ବର୍ଣ୍ଣର
ଫେଣ୍ଟାଫେଣ୍ଟି ବର୍ଣ୍ଣବିକାରତା
ଶୁଭେ ପତ୍ରଝଡ଼ା ପରର
ପକ୍ଷୀଙ୍କର ନୀଡ଼ଭଙ୍ଗା ଜନିତ
ବିକାରଗ୍ରସ୍ତ ଆତୁରତା ।

ଚେରରୁ ମୂଳ, ମୂଳରୁ ଅଗ୍ର
କେବେ ସବୁଜ କେବେ ଶୁଷ୍କ
ଆକାଶକୁ ଛୁଇଁବାର ଇଚ୍ଛାରେ
ମୋହାଛନ୍ନ ମୁହଁ
କାଠହଣା ଚଢେଇର ଚୁମ୍ବନ
କୁରାଢ଼ିର ହନନ
ବାଟୋଇର ଗୀତ
ପ୍ରଣୟର ନାଟକ
ହଜିଯାଏ, ଝୁମିଯାଏ,
ହସିପଡ଼େ, ଭାଙ୍ଗିପଡ଼ି ସହିଯାଏ
ଦିଏ ଆହତ ହରିତକଣାରେ
ଜିଇଁବାର ସବୁଜ ସଙ୍କେତ ।

ସମର୍ପିତ ନିଟୋଳ ଯୌବନ
ବର୍ତ୍ତମାନର ନୁଆଣି ବାର୍ଦ୍ଧକ୍ୟ
ସଂଘର୍ଷରତ ସର୍ଜନାର ସଙ୍ଗୀତରେ
ବାଣ୍ଟେ ସଞ୍ଜିବନୀର ଅମ୍ଳଜାନ
ପ୍ରତାରିତ ଲୁଣ୍ଠିତ ପ୍ରହାରିତ
ଝୁଙ୍କିପଡିଚି ଭୂଇଁରେ
ଆସ, ଚେଙ୍କ, ନିଅ ଧାପ
ମଞ୍ଜିରୁ ମଶାଣି
ଦୀର୍ଘକାୟ ମହାଯାତ୍ରା
ବାଇ ଚଢେଇର ଗୀତ ଟିକେ ଶୁଣେଇ ଦିଅ
ଏଇ ଅବାଞ୍ଛିତ ଅନ୍ତିମ ଇଚ୍ଛା ।

+ ଭୁବନେଶ୍ୱର
(ମୋ) ୮୨୮୦୨୧୧୦୦୦

## ସ୍ୱାଧୀନ ହେବାକୁ ଚାହେଁ ନାହିଁ

ପ୍ରଦୀପ ଜେନା



ସ୍ୱାଧୀନ ହେବାକୁ ଚାହେଁ ନାହିଁ
ତୁମ ଅଧୀନ ହେବାକୁ ଚାହେଁ
ତୁମ ଅଧୀନରେ ରହିଲେ ଜୀବନ
ସୁଖର ଶିଖର ଛୁଏଁ ।
ତୁମକୁ ଛାଡ଼ି ଯେ ତୁମକୁ ହୁଡ଼ି ଯେ
ପ୍ରବୃତ୍ତି ପଥରେ ଧାଏଁ
ଦୁଃଖ ଅବସାଦ ଜୀବନରେ ତାର
ଚିର ସହଚର ହୁଏ
ତୁମ କୃପା ବିନା ସବୁ ତୁଚ୍ଛ ସିନା
ଜିଇଁବା ସମ୍ଭବ ନୁହେଁ ।
ଯୁକ୍ତ ହେବାକୁ ଚାହେଁ ତୁମ ସାଥେ
ମୁକ୍ତି ମୋ ଲୋଡ଼ାନାହିଁ
ଭାବବନ୍ଧନରେ ତୁମସହ ମୋତେ
ବାନ୍ଧି ରଖ ହେ ସାଇଁ
ତୁମରି ବନ୍ଧନ ଅମୃତ ସମାନ
ସେଇ ମୋତେ ଖୁସି ଦିଏ ।

♥ଲକ୍ଷ୍ମୀପାଦ, ପ୍ଲଟ ନଂ ୩ ଇ/୧୦୧୮
ସେକ୍ଟର-୧୩, ମର୍କତନଗର (ସିଡିଏ)
କଟକ-୭୫୩୦୧୪
ମୋ: ୯୯୩୮୫୨୦୩୭୧

## ଅମର ପ୍ରେମ

ରାହାସ କୁମାର ବେହେରା



ଯେବେ ତୁମେ ପ୍ରିୟା ଦେଇଥିଲ ସ୍ନେହେ
ସଜ ଗୋଲପର କଢ଼ି
ଆମ ପ୍ରେମ ସେବେ ମହକି ଉଠିଲା
ଆଗକୁ ଯାଇଛି ମାଡି ।

ଦେଇଥିବା ତୁମ ଲାଲ ଗୋଲାପଟି
ଆମ ପ୍ରେମ ମୂକ ସାକ୍ଷୀ
ଖୋଲିଦେଲେ ବହି ଉଙ୍କିମାରେ ସ୍ମୃତି
ଉଡ଼ିବୁଲେ ପ୍ରେମ ପକ୍ଷୀ ।

ଶୁଖି ଯାଇଛି ତା' ପ୍ରତିଟି ପାଖୁଡା
ଦେଖିଦେଲେ ମନ ତାଜା
ଅଦୃଶ୍ୟ ସେ ପ୍ରେମ ଅନେକ ଉତ୍ସବ
ଅବେଳେ ପଡୁଛି ଖୋଜା ।

ସେ ଫୁଲେ ରହିଛି ପ୍ରଥମ ପରଶ
ପହିଲି ପ୍ରେମର ଭାଷା
ଆଗେଇ ଯାଇଛି ଭଲ ପାଇବା ମୋ
ତୁମକୁ ପାଇବା ନିଶା ।

ଗୋଲାପ ଫୁଲର ସବୁଜ ପତରେ
ପ୍ରେମର ବନ୍ଧନ ଯେତେ
ଥାଉ ଯେତେ କଣ୍ଟା ଅବା ଅସୁବିଧା
ତୁମକୁ ଝୁରୁଛି ସେତେ ।

ତେଣୁ ଆମ ପ୍ରେମ ଗୋଲାପୀ ସୁନ୍ଦର
ସୁଖଦ ମଧୁର ଗୀତି
ରଖିଛି ସାଇତି ହୃଦୟ ମନ୍ଦିରେ
ହେବନାହିଁ ତାର ଇତି ।

ଜୀବ ଥିବା ଯାଏ ଶୁଖିଲା ଫୁଲରେ
ଖୋଜୁଥିବି ସେଇ ମୁଖ
ଅମର ପ୍ରେମର ହେବ ଜୟ ଗାନ
ମିଳୁଥିବ ସ୍ୱର୍ଗ ସୁଖ ।

♥ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ: ୭୫୯୦୧୫
ମୋ :୯୪୩୮୧୧୪୩୬୮

## ଫିକା ଫଗୁଣ

ସୁବ୍ରତ କୁମାର ଜେନା



କାହିଁ ଆଗ ଭଳି ମୁଁ ରଙ୍ଗର ମାୟାରେ ପଡୁନି,
ବୋଧେ ହୁଏ କିଛି ପରିବର୍ତ୍ତନ ଘଟିଛି ମୋଠି,
ନହେଲେ ଆଉ କିଛି ବୋଧେ ନୂଆ ହେବାକୁ ଯାଉଛି,
ତଥାପି ମନରେ କାହିଁକି ସଂଶୟର ଆସ୍ତରଣ,
କିଛି ଭଲ ହେଉ ହେଉ ଭେଲ ହେବନିତ ?

ତାହେଲେ ଆକାଶର ଏପରି ଅବସ୍ଥା ଯେ ?
ଆଖି ପାଉନଥିବା ଦୂର ନୀଳ ଦିଗନ୍ତର
ଏ ପାଖରୁ ସେ ପାଖକୁ କିଏ କାହିଁ ରଙ୍ଗାଇଲା ଧୁସରରେ,
ଏ କଣ ହୋଇଛି ଆକାଶର ସହମତିରେ ?
ନା ଆତଙ୍କର କଳା ପାହାଡ଼ ଆକ୍ରମଣ କରିଛି ଅତର୍କିତ ଆସି,
ଲୁଟିବାକୁ ଚନ୍ଦନ ବନର ଚନ୍ଦନକୁ ?

ଫଗୁଣ ଆସି ଯିବା ଯିବା ହେବା ଉପରେ,
ଧୀରେ ଧୀରେ ରଙ୍ଗ ସବୁ ଏକଜୁଟ ହେଲେଣି,
ଜିଦକରି ବସିଛନ୍ତି ରଙ୍ଗାଇବେ ଯାହାକୁ ସାମ୍ନାରେ ପାଇବେ,
ହେଲେ ମୁଁ..... ?
ମୁଁ ଗୋଟେ ଦୀର୍ଘଶ୍ୱାସ ଭରା ଅବଶୋଚନା,
ଇଛାକରିବି ଦେଖି ପାରୁନି ସଠିକତାକୁ ଦୃଶ୍ୟପଟ୍ଟରେ,
ସବୁଆଡେ ଦେଖାଯାଏ ମୋତେ ମୋ ଓଲଟ ପ୍ରତିବିମ୍ବ,
ଓଃ...ମୁଁ ଆଜି ଘେରିଯାଇଛି ଚକ୍ରବ୍ୟୁହରେ !
ହେଲେ ଜାଣେନା ଏହାର ସୂତ୍ରଧର କିଏ ?

ଏ ଆକାଶ, ଏ ଫଗୁଣ ସବୁଯାକ ମନୁଆ,
ସବୁବେଳେ ଦେଖାନ୍ତି କିଛି ଆଉ ବାସ୍ତବତା କିଛି ଅଲଗା,
ଏମିତିରେ ମୁଁ କେମିତି ପରଖିବି ମୋର ଆତ୍ମୀୟଙ୍କୁ,
ପାରେନି ଜାଣି କଣ ହେବ ଏହାର ଯୋଗ୍ୟତାର ପରିଧି ?
ହୁଏତ ମୁଁ ହୋଇପାରେ ଜଡ଼ବାଦୀ ନହେଲେ ବାସ୍ତୁବାଦୀ,
ନହେଲେ ଶେଷରେ .....ଓଃ ଆଉ କିଛି ପାରେନା ଜାଣି,
କିଏ ମୋତେ ଦେବ ସେହି ମନ୍ତ୍ର,
ମୁଁ, ଆକାଶ, ଫଗୁଣ ଆଉ ତୁମକୁ
ଗୋଟିଏ ଫ୍ରେମରେ ବାନ୍ଧିବାକୁ ଚାହେଁ,

ନା, ଆଉ କିଛି ଅଭିଳାଷ ନାହିଁ ଜୀବନରେ ମୋର।

♥ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

## ଏଇତ ଜୀବନ

ବାବାଜୀ ଚରଣ ଜେନା



ବୟସର ଅପରାହ୍ନେ
ଆଖି ଯେବେ ଓଦାହୁଏ
ଲକ୍ଷସ୍ଥଳ ପାଖେ ଥାଇ
ଜାଣିଶୁଣି ହାରିଯାଏ
ବନ୍ଧୁ,ଏଇ ତ' ଜୀବନର ନିଛକ ଛବିଟିଏ ।

ବୁଲିବାକୁ ମନା ଏଠି
ଏଇ କାଠଯୋଡି କୂଳେ
ସ୍ୱପ୍ନ ଦେଖିବାକୁ ମନା
ଏଇ ଫୁଲ ସହରରେ
ଲୁହକୁ ଲୁଚାଇ ଦେଇ
ଭିଡରେ ମୁଁ ଚାଲୁଥାଏ
ବନ୍ଧୁ, ଏଇ ତ ଜୀବନର ନିଛକ ଛବିଟିଏ ।
ସାରା ସହରଟା ଏଠି
ବୁଜି ଦେଇଛି ତା ଆଖି
ସବୁ ସତ ମିଛର ତ
ଏଇବର ଗଛ ସାକ୍ଷୀ
ନଦେଖିଲା ପରି ସିଏ
ଅଭିନୟ କରୁଥାଏ
ବନ୍ଧୁ,ଏଇତ ଜୀବନର ନିଛକ ଛବିଟିଏ ।

♥ଅହଲ୍ୟା ନିବାସ,ପୋପରଡା
ନୂଆବଜାର, କଟକ୪
ମୋ: ୯୪୩୭୮୩୪୭୧୯

## ବଉଳିଆ ପବନ

ଦିପ୍ତିମୟୀ ପଣ୍ଡା

ବଉଳିଆ ପବନ ଦେଇଗଲା ଚିଠି
ରଙ୍ଗମାଖି ଫଗୁଣ ହସିଲା ମୁରୁକି
ଝୁଲପା ଝୁଲପା ଆମ୍ବବଉଳ
ଗଛକୁ ଦେଇଛି ଢାଙ୍କି ।

ବଉଳ ମଧ୍ୟେ ଶାଗୁଆ ପତର
ଖେଳୁଛି ଲୁଚକାଳି
ମହମହ ବାସରେ
ତନୁମନ ନେଉଛି କିଣି ।

ପ୍ରେମରଙ୍ଗରେ ରଙ୍ଗେଇ
ରାଜକୁମାରୀ ପଳାସ କହୁଛି ମନକଥା
ପ୍ରିୟସୀକୁ କ୍ଷଣେ ଦେଖିବା ପାଇଁ
ପଠେଇଦେଇଛି ବାରତା ।

ବଉଳିଆ ପବନ ଆଜି ସାଜିଛି ତା ଦୂତ
ଘନ ରାତ୍ରିର ଶୁଭ ଘଡିରେ
ମେଳ ଦୁହିଁଙ୍କୁ କରିବା ପାଇଁ
ପ୍ରତିଜ୍ଞା କରିଛି ଅବଶ୍ୟ ।
କୋଇଲିର କୁହୁ ତାନ
ହୃଦେ ଝରାଉଛି ପ୍ରେମଝଙ୍କାର
ପୁଲକିତ ସ୍ୱରମୂର୍ଚ୍ଛନାରେ
ଉତ୍ଫୁଲ୍ଲିତ ମନଯୁଗଳ ।

ଗ୍ରାମ/ପୋଷ୍ଟ-ଦେଓଗାଁ
ଜିଲ୍ଲା-ବରଗଡ଼

## ପାପ ସମ୍ପର୍କ

ସିଦ୍ଧେଶ୍ୱର ତ୍ରିପାଠୀ

କେମିତି ମାପିବ ମୋ ଦେହ ଉଷ୍ମତା
କାହା କୁଳବଧୂ ହୋଇ
ମହାପାପୀ ବୋଲି ଦୁନିଆ କହିବ
ତୁମକୁ ଦେଲେ ମୁଁ ଛୁଇଁ ।
ଅତୀତର ତୁମ କୁଆଁରୀ ବୟସ
ଆଦ୍ୟ ଯଉବନ ଦେହ
ବାଡୁଅ ପାଣିରେ ଗାଧେଇଲା ପରେ
ବଦଳିଛି ପରିଚୟ ।
ଗହନ ରାତିରେ ଗହଣା ଉତାରି
ପାଖେ ପାରିବିନି ସୋଇ
କେମିତି ମାପିବ ମୋ ଦେହ ଉଷ୍ମତା
କାହା କୁଳବଧୂ ହୋଇ ।
ବିତାଇ ଦିଅଗୋ ଦିବସ ରଜନୀ
ତୁମରି ସିନ୍ଦୁର ସାଥେ
ଅଲାଜୁକି ବୋଲି ଦୁନିଆଁ କହିବ
ହାତ ରଖିଲେ ମୋ ହାତେ ।
ମୁହଁ ଫେରେଇ ତ କେବେଠୁ ଯାଇଛ
ହାତ ଠାରି ଡାକ କାହିଁ
କେମିତି ମାପିବ ମୋ ଦେହ ଉଷ୍ମତା
କାହା କୁଳବଧୂ ହୋଇ ।

♥କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

## ଋଣ ଗ୍ରସ୍ତ

ବିବୁଲ ମହାକୁର



ସମ୍ପର୍କର ମୂଳଧନ ଅଜାଡ଼ି ଦେଲୁ
ବନ୍ୟା ବିଭୀଷିକା ସମୟରେ,
ଯେବେ ସରକାରୀ ରିଲିଫ୍
ଅଗମ୍ୟ ଥିଲା
ମୋ ଦୁର୍ଭେଦ୍ୟ ଜୀବନରେ ।

ବନ୍ୟା ପ୍ରଭାବରେ ବାଲିଚର
ପ୍ରକୃତି ତ ସ୍ତବ୍ଧ,
ଫୁଙ୍ଗୁଳା ହୃଦୟ କଉଠି
ଶ୍ମଶାନ ଖୋଜୁଛି
ପୁଣି କଉଠି ଖୋଜୁଛି
ଆପଣା ପଣର ଚାଳ ଛପର ଘର ।

ସମୟ ସହ ସୁଧ ହିସାବ
ନିଆଁ କୁ ପବନ ପରି,
ଲିଭିବାର ନାଁ ନିଏନି
ସତେ ବା ଧ୍ୱଂସ କରି ହିଁ ଛାଡ଼ିବ ।

ଅସମୟର ମୂଳ ସିନା
ଦୂବ ପରି,
ସୁଧ ଆଜି ଭୂଇଁରୁ ଉଠି
ଆକାଶ ଯାଏ
ତାଳ ଗଛ ପରି ଦଣ୍ଡାୟମାନ ।
ଆତ୍ମୀୟତାର ଏ ଚକ୍ରବୃଦ୍ଧି ସୁଧ
ଆଜି ସପନରେ କବାଟ ପିଟେ,
ମୋ ଆଠଗୁଣ୍ଠ ଜମି ଜବ୍ଦ ହେବ କି ?
ଜମିଦାରୀ ସୁଧ ପଇଠରେ ।
ଶରୀରକୁ ନିଆଁ କେମିତି ପୋଡ଼ିବ
ଲୁଣକୁ ଋଣ ନାହିଁ,
ବିଲୁଆ ଗଧିଆ
ରାମ୍ପିସାରିଲା ପରେ ବି
ଆଜି ଆତ୍ମା ଋଣ ଗ୍ରସ୍ତ ।

+ବୁର୍ଡ଼ା, ଲୋଇସିଂହା, ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨

## ସହଯୋଗ ଫାଉଣ୍ଡେସନ ପକ୍ଷରୁ ସମାଜସେବା କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୦/୦୨ (ନି.ପ୍ର): ସହଯୋଗ ଫାଉଣ୍ଡେସନ ପକ୍ଷରୁ ନିଆରା ସମାଜସେବା କାର୍ଯ୍ୟକ୍ରମ ସାମ୍ନାକୁ ଆସିଛି । ଭୀମଭୋଇ ମେଡ଼ିକାଲ୍ କଲେଜ ହସ୍ପିଟାଲ୍ କ୍ୟାମ୍ପସ୍‌ରେ ରବିବାର ଦିନ ସର୍ବସାଧାରଣଙ୍କ ପାଇଁ ପ୍ରଦାନ କରାଯାଉଛି ନିଶୁଳ୍କ ମଧ୍ୟାହ୍ନ ଭୋଜନ । ଶହ ଶହ ରୋଗୀଙ୍କ ପରିଜନ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପକୃତ ହୋଇ ପାରୁଥିବା ଦେଖିବାକୁ ମିଳିଛି । ଆଜି ୧୭ତମ ରବିବାର ଅବସରରେ ଅନ୍ନପୂର୍ଣ୍ଣା ନାମ ବହନ କରିଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'କୋଶଳ ପ୍ରବାହ'ର ସଂପାଦକ ଆନନ୍ଦଚନ୍ଦ୍ର ସାହୁ ଯୋଗଦାନ କରି ସହଯୋଗ ଫାଉଣ୍ଡେସନ୍‌ର ଏଭଳି ଜନହିତକର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଛନ୍ତି । ମୁଖ୍ୟ ଆକର୍ଷଣୀୟ ଦିଗ ହେଲା, ଏହି କାର୍ଯ୍ୟକ୍ରମ ଯେଭଳି ନିଆରା ଏହାର ଆହ୍ୱାନ ମଧ୍ୟ ବେଶ୍ ସ୍ୱତନ୍ତ୍ର । ସଂପୂର୍ଣ୍ଣ ଲୋକଙ୍କ ସହଯୋଗରେ ହିଁ ଏହି ନିଶୁଳ୍କ ମଧ୍ୟାହ୍ନ ଭୋଜନ ବଂଟନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏଥିରେ ଯେକେହି ବି ସାମିଲ୍ ହୋଇପାରିବେ । ପିଲାଙ୍କ ଜନ୍ମଦିନ ହେଉ, ବିବାହ ବାର୍ଷିକୀ ହେଉ କିମ୍ବା ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଅଥବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବି ଯେକେହି ଗୋଟିଏ ରବିବାରର ଅନ୍ନ ଖର୍ଚ୍ଚ ବହନ କରି ଏହି ସମାଜସେବାରେ ସାମିଲ୍ ହୋଇପାରିବ ଏବଂ ଅପୂର୍ବ ଆନନ୍ଦ ମଧ୍ୟ ପ୍ରାପ୍ତ ହେବ । ମାନବ ସେବା, ମାଧବ ସେବା ମହାମନ୍ତ୍ରରେ ବିଶ୍ୱାସ ରଖୁଥିବା ଏହି ସହଯୋଗ ଫାଉଣ୍ଡେସନ୍ ରବିବାର ଦିନ ସରକାରୀ ଆହାର କେନ୍ଦ୍ର ବନ୍ଦ ରହୁଥିବାରୁ ରୋଗୀମାନଙ୍କ ପରିଜନ ଯେପରି ମଧ୍ୟାହ୍ନ ଭୋଜନ ପାଇଁ ହଇରାଣ ହେବେ ନାହିଁ, ସେ ଦିଗରେ ଚିନ୍ତା କରି ପ୍ରତ୍ୟେକ ରବିବାର ଠିକ୍ ଦିନ ସାଢେ ୧୨ଟା ସମୟରେ ଭୀମଭୋଇ ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍ କ୍ୟାମ୍ପସ୍‌ର ବ୍ଲଡ୍ ବ୍ୟାଙ୍କ୍ ସାମ୍ନାରେ ନିଶୁଳ୍କ ମଧ୍ୟାହ୍ନ ଭୋଜନ ବିତରଣ କାର୍ଯ୍ୟକ୍ରମ ହାତକୁ ନେଇଛି । ସହଯୋଗ ଫାଉଣ୍ଡେସନ୍‌ର ଏଭଳି ନିଃସ୍ୱାର୍ଥପର ଲୋକାଭିମୁଖୀ ସମାଜସେବା ସମାଜ ପାଇଁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଛି ।

## ହାଇୱା ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ: କ୍ଷତିପୂରଣ ଦାବିରେ ପୋଡ଼ାଜଳା ଓ ରାସ୍ତା ଅବରୋଧ



ଡେରାବିଶ, ୨୦/୦୨ (ନି.ପ୍ର): କେନ୍ଦ୍ରାପଡ଼ା ସଦର ଥାନା ବସ୍ତୁର ବାଲିଘାଟରେ ହାଇୱା ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାର ଖବର ମିଳିଛି । ଏହାପରେ ସେଠାରେ ଉତ୍ତେଜନା ଦେଖାଦେଇଛି । ଉତ୍ତ୍ୟକ୍ତ ଲୋକେ ବାଲିଘାଟରେ ଥିବା ବାଲି ମାଫିଆଙ୍କ ଅସ୍ଥାୟୀ ଘରକୁ ଜାଳିଦେଇଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ, ଆଜି ସକାଳ ପ୍ରାୟ ସାଢ଼େ ୯ଟା ବେଳେ ହାଇୱା ଗାଡ଼ି ଧକ୍କାରେ ଲକ୍ଷ୍ମଣ ମଲ୍ଲିକ(୪୭) ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ଏହାପରେ ପୋଡ଼ାଜଳା କରିବା ସହ ହାଇୱାକୁ ଭାଙ୍ଗି ଦେଇଥିଲେ ଉତ୍ତ୍ୟକ୍ତ ଲୋକେ । ତେବେ ଚାଳକ କୌଶଳକ୍ରମେ ଖସିଯାଇଥିଲା । ଖାଲି ସେତିକି ନୁହେଁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି କେନ୍ଦ୍ରାପଡ଼ା -ପାଟକୁରା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ମୃତକଙ୍କର ଶବକୁ ବ୍ୟବଚ୍ଛେଦ ଲାଗି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

## ବିଧାୟକଙ୍କ ଗାଁକୁ ଭଲ ରାସ୍ତା ନାହିଁ



ତେନ୍ତୁଳିଖୁଣ୍ଟି, ୨୦/୦୨ (ନି.ପ୍ର): ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ନିଜ ଗାଁ ପାତ୍ରପୁଟକୁ ସଂଯୋଗ କରୁଥିବା ରାସ୍ତା କଦର୍ଯ୍ୟ ଅବସ୍ଥାରେ ରହିଛି । ବାରମ୍ବାର ମରାମତି ସହ ନିର୍ମାଣ ସତ୍ତ୍ୱେ କିଛିଦିନ ମଧ୍ୟରେ ପୁଣି ସାଂଘାତିକ ଅବସ୍ଥାକୁ ଚାଲି ଆସୁଛି । ତେଣୁ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଥିବା ଏହି ରାସ୍ତା ବର୍ତ୍ତମାନ ଯାତାୟାତ ନିମନ୍ତେ ସମ୍ପୂର୍ଣ୍ଣ ଅନୁପଯୋଗ ହୋଇପଡ଼ିଛି ।

ତେନ୍ତୁଳିଖୁଣ୍ଟି-ନବରଙ୍ଗପୁର ମୁଖ୍ୟ ରାସ୍ତାର ପୂଜାରୀଗୁଡା ଠାରୁ ୭କିଲୋମିଟର ଦୂର ଅଞ୍ଚଳଗୁମ୍ମା ପର୍ଯ୍ୟନ୍ତ ପିଡବ୍ଲୁଡି ପକ୍ଷରୁ ରାସ୍ତା ନିର୍ମାଣ ହୋଇଛି । କିନ୍ତୁ, ଅନେକସ୍ଥାନ ଖରାପ ଏବେ ହେବାକୁ ବସିଲାଣି । ୩.୭୫ ମିଟର ବିଶିଷ୍ଟ ରାସ୍ତାର ଉଭୟ ପାର୍ଶ୍ୱରେ ବୁସ୍ କଟିଂ ହେଉନି । ଫଳରେ, ରାସ୍ତାପାର୍ଶ୍ୱରେ ଲଟାବୁଦା ଉଠି ରାସ୍ତା ସମ୍ପୂର୍ଣ୍ଣ ସଂକୀର୍ଣ୍ଣ ହୋଇଯାଇଛି । ସେହିପରି, ଅଞ୍ଚଳଗୁମ୍ମାଠାରୁ ପାତ୍ରପୁଟ ପର୍ଯ୍ୟନ୍ତ ସାଢ଼େ ୪କିଲୋମିଟର ଦୂର ବିଧାୟକଙ୍କ ଗ୍ରାମ ପାତ୍ରପୁଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୬ବର୍ଷ ପୂର୍ବେ ରାସ୍ତା ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ଏହି ରାସ୍ତା ଯାତାୟାତ ନିମନ୍ତେ ସମ୍ପୂର୍ଣ୍ଣ ଅନୁପଯୋଗୀ । ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ରାସ୍ତାରୁ ପିଚୁଉଠି ମାଟି ଦେଖାଗଲାଣି । ଏହି ରାସ୍ତାରେ ରହିଥିବା ଚିତ୍ରକୋଟ ଗ୍ରାମରେ ମଧ୍ୟ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲେ ସୁଦ୍ଧା ଡ୍ରେନେଜ୍ ବ୍ୟବସ୍ଥା ପାଇଁ ବିଭାଗ ଭୁଲିଯାଇଥିବାରୁ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି । ରାସ୍ତାର ଖରାପ ଅବସ୍ଥା ଯୋଗୁ ଯାତାୟାତ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୧୯୬୭ରୁ ୧୯୯୮ ମସିହା ପର୍ଯ୍ୟନ୍ତ ପାତ୍ରପୁଟ ଗ୍ରାମର ସ୍ୱର୍ଗତ ଖଗପତି ପ୍ରଧାନୀ ଲଗାତାର ୯ଥର ନବରଙ୍ଗପୁର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ତାଙ୍କ ଭାଇ ଗୋପୀନାଥ ପ୍ରଧାନୀ ବହୁବାର ପାତ୍ରପୁଟ ସରପଞ୍ଚ ଏବଂ ୧୯୯୭ରୁ ୨୦୦୨ମସିହା ପର୍ଯ୍ୟନ୍ତ ଜିଲ୍ଲା ପରିଷଧ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସାଂସଦ ସ୍ୱର୍ଗତ ଖଗପତି ପ୍ରଧାନୀଙ୍କ ପୁତୁରା ତଥା ଗୋପୀ ପ୍ରଧାନୀଙ୍କ ପୁତ୍ର ସଦାଶିବ ପ୍ରଧାନୀ ୨୦୧୯ ମସିହାରୁ ନବରଙ୍ଗପୁର ବିଧାୟକ ଅଛନ୍ତି । ୧୯୭୨ ମସିହାରେ ତତ୍କାଳୀନ ପୂର୍ତ୍ତ ବିଭାଗ ମନ୍ତ୍ରୀ ଡମ୍ବରୁ ମାଝୀ ନିଜସ୍ୱ ପ୍ରଚେଷ୍ଟାରେ ମୂଷାମୁଣ୍ଡିଗୁଡା ଠାରୁ ଭାୟା ଅଞ୍ଚଳଗୁମ୍ମା ଦେଇ ପାତ୍ରପୁଟ, ଝରିଗୁମ୍ମା ଓ କଣ୍ଟାଗାଁ ଦେଇ ପାପଡାହାଣ୍ଡି ବ୍ଲକ୍‌ର ସେମଳା ପର୍ଯ୍ୟନ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନକୁ ନେଇଥିଲେ । କିନ୍ତୁ, ପାତ୍ରପୁଟ ଗ୍ରାମର ଗୋଟିଏ ପରିବାରରୁ ସାଂସଦ, ବିଧାୟକ ଓ ଜିଲ୍ଲା ପରିଷଦ ସଭାପତି ନିର୍ବାଚିତ ହୋଇଥିଲେ ସୁଦ୍ଧା ଗାଁ ରାସ୍ତା ନବୀକରଣ ତଥା ପ୍ରଶସ୍ତୀକରଣ ନହେବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି ।

## ମେଗା ଜଳ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ମାଲକାନଗିରି, ୨୦/୦୨ (ନି.ପ୍ର): ମାଲକାନଗିରି ଜିଲା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିରେ ସର୍ବଦା ରହିଛି । ଜିଲାର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ତେବେ ଜିଲାରେ ପାନୀୟ ଜଳ ସମସ୍ୟା ଦୂର କରିବାକୁ ଗତମାସରେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲାର କାଲିମେଳା ବ୍ଲକରେ ୨ଟି, ମାଲକାନଗିରି, ମାଥିଲି ବ୍ଲକରେ ଗୋଟିଏ ଲେଖାଏ ମୋଟ ୪ଟି ମେଗା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।ଏଥିପାଇଁ ୪୬୫ କୋଟି ଟଙ୍କା ମଞ୍ଜୁର ହୋଇଛି । ଏହି ୪ଟି ପ୍ରକଳ୍ପ ଦ୍ୱାରା ୩୫ଟି ପଂଚାୟତର ୨୩୧ଟି ଗ୍ରାମର ୩୮ ହଜାର ୮୮୬ ପରିବାରର ୧ଲକ୍ଷ ୭୭ ହଜାର ୪୨୪ ଜଣ ଜନସାଧାରଣ ଉପକୃତ ହେବେ । ଦାୟିତ୍ୱ ନେଇଥିବା ଠିକାଦାରମାନେ ମଧ୍ୟ ଇତିମଧ୍ୟରେ ରାସ୍ତା କଡ଼ରେ ପାଇପ୍ ଜମା କରିବା ସହ କେତେକ ଅଂଚଳରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ତେବେ ଏହି ମେଗା ଜଳପ୍ରକଳ୍ପର ଦୀର୍ଘ ସ୍ଥାୟିତ୍ୱ ଉପରେ ପ୍ରଶାସନ ସବୁ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଉଛି ।

ଅନ୍ୟପକ୍ଷରେ ପୂର୍ବରୁ ମାଲକାନଗିରି ଜିଲାରେ ପାନୀୟ ଜଳ ଯୋଗାଣ ପାଇଁ ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଂଚାୟତର ୨୫୪ ଗ୍ରାମ ପାଇଁ ୯୨୫ ନଳକୂପ, ୪୯୮ ପାଇପ ଜଳ ଯୋଗାଣ, କାଲିମେଳା ବ୍ଲକର ୨୩ ପଂଚାୟତର ୧୪୫ଟି ଗ୍ରାମକୁ ୨୬୮୫ ନଳକୂପ, ୭ ପାଇପ ଜଳ ଯୋଗାଣ, ଖଇରପୁଟ ବ୍ଲକର ୧୧ ପଂଚାୟତର ୧୪୩ ଗ୍ରାମ ନିମନ୍ତେ ୧୧୦୧ ନଳକୂପ, ୨୦୫ଟି ପାଇପ ଜଳ ଯୋଗାଣ, କୋରୁକୋଣ୍ଡା ବ୍ଲକର ୧୨ ପଂଚାୟତର ୧୨୦ ଗ୍ରାମକୁ ୧୩୫୬ ନଳକୂପ, ୬୨ଟି ପାଇପ ଜଳ ଯୋଗାଣ, ମାଲକାନଗିରି ବ୍ଲକର ୧୯ ପଂଚାୟତର ୧୩୭ ଗ୍ରାମକୁ ୨୨୪୪ଟି ନଳକୂପ, ୧୫ଟି ପାଇପ ଜଳ ଯୋଗାଣ, ମାଥିଲି ବ୍ଲକର ୨୦ ପଂଚାୟତର ୧୪୫ ଗ୍ରାମ ପାଇଁ ୧୯୮୮ ନଳକୂପ, ୧୮୦ ପାଇପ ଜଳ ଯୋଗାଣ ଓ ପଡ଼ିଆ ବ୍ଲକର ୮ ପଂଚାୟତର ୪୮ ଗ୍ରାମ ଲାଗି ୧୦୪୦ ନଳକୂପ ବ୍ୟବସ୍ଥା କରାଯାଇଛି । ତେବେ ମାଲକାନଗିରି ଜିଲାରେ ମୋଟ ୧୧,୩୩୯ନଳକୂପ ଓ ୯୬୭ ପାଇପ ଜଳ ଯୋଗାଣ ନେଇ ବ୍ୟବସ୍ଥା ଥିବା ବେଳେ ଭୂତଳ ଜଳ ନିମ୍ନସ୍ତର ହେବା ଯୋଗୁ ପ୍ରାୟ ୫୦ ପ୍ରତିଶତ ନଳକୂପ ଓ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ହୋଇପଡ଼ିଛି । ଯେଉଁ ନଳକୂପର ପାଣି ବ୍ୟବହାର କରାଯାଉଛି ସେହି ସବୁ ପାଣିରେ ଲୌହ ଅଂଶ ଅଧିକ ଥିବାରୁ ଲୋକେ କିଡ୍‌ନୀ ଓ ପେଟବ୍ୟଥା ରୋଗର ଶିକାର ହେଉଛନ୍ତି ।

ଜିଲା ପାଇଁ ଘୋଷଣା ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଯେଉଁ ଟେଣ୍ଡର ସବୁ ହୋଇଛି, ଟେଣ୍ଡର ପାଇଥିବା ଠିକାଦାରମାନେ ପାଇପ ବିଛାଇବା, ପ୍ରତି ଗ୍ରାମର ଘରେ ଘରେ ପାଣି ଯୋଗାଇବା ପାଇଁ ପାଇପ ସଂଯୋଗ ଦେବା ଏବଂ ଯେଉଁ କମ୍ପାନୀ ପାଇପ ଯୋଗାଇଛି ସେମାନେ ନିଜ କାର୍ଯ୍ୟ ପରେ ତାଙ୍କ ଅର୍ଥ ନେଇଯିବେ । ମାତ୍ର ଏହି ପ୍ରକଳ୍ପ ଦୀର୍ଘଦିନ ଧରି ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇପାରିବ କି ନାହିଁ ସେ ନେଇ ଆଲୋଚନା ହେଉଛି । ପୂର୍ବରୁ ଜିଲାରେ ଶହ ଶହ କୋଟି ଟଙ୍କାର ନଳକୂପ ଓ ପାଇପ ଯୋଗେ ଜଳ ଯୋଗାଣ ହୋଇଥିଲେ ମଧ୍ୟ ଅଧିକାଂଶ ଅଂଚଳରେ ଏସବୁ ଫେଲ୍ ମାରିଛି । ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ନଜିର ରହିଛି । ଏହି ମେଗା ପାନୀୟ ଜଳ ପ୍ରକଳ୍ପ ଯେପରି ଲୋକଙ୍କୁ ଦୀର୍ଘ ବର୍ଷ ଧରି ଜଳ ଯୋଗାଇପାରିବ ସେନେଇ ବଡ଼ ବଡ଼ ବୋର୍‌ୱେଲ୍ ଗଭୀର ଭାବେ ଖୋଳାଯିବାକୁ ସାଧାରଣରେ ମତ ପ୍ରକାଶ ପାଉଛି । ନଚେତ୍ ସମୟକ୍ରମେ ଏହି ମେଗା ଜଳ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ ।

## ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି

କେନ୍ଦ୍ରାପଡ଼ା, ୨୦/୦୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉଦ୍‌ବେଗ ଜନକ ଥିବାବେଳେ ନାରୀ ନିର୍ଯାତନା, ଶିଶୁ ଅପହରଣ, କୁକର୍ମ, ରାହାଜାନୀ, ନିଶା କାରବାର ଆଦି ଅପରାଧିକ ମାମଲା ବଢ଼ିବାରେ ଲାଗିଛି । ମୁଖ୍ୟମନ୍ତ୍ରୀ ନିଜ ହାତରେ ଗୃହ ବିଭାଗ ରଖିଥିବାବେଳେ ଏହାର କାର୍ଯ୍ୟକଳାପ ଅତ୍ୟନ୍ତ ସଂକଟ ଜନକ ଅବସ୍ଥାରେ ଗତି କରୁଛି । ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଏହାର ଜ୍ୱଳନ୍ତ ଉଦାହରଣ । ବିଜେଡିର ନେତା ମନ୍ତ୍ରୀମାନେ ବହୁ ଅପରାଧିକ ମାମଲାରେ ସିଧା ସଳଖ ସଂପୃକ୍ତ ଥିବାବେଳେ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଅଭିଯୋଗ କରି ବିଜେପି ଯୁବମୋର୍ଚ୍ଚା କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରାଯାଇଛି । ତିନିମୁହାଣୀ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ବିନ୍ଦୁ ସାଗର ଦାସଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦକ କ୍ରୀଷ୍ଣପଦ ମଣ୍ଡଳଙ୍କ ସଂଯୋଜନାରେ ଆୟୋଜିତ ଏହି ବିକ୍ଷୋଭରେ ଜିଲ୍ଲା ସଭାପତି କିଶୋର କୁଜମାର ପଣ୍ଡା, ସାଧାରଣ ସମ୍ପାଦକ ଅଭିମନ୍ୟୁ ଗୋଛାୟତ, ଲଳିତ ବେହେରା, ସୁନାକର ବେହେରା, ଅମୃତ ମହାନ୍ତି, ନେହେରୁ ସାହୁ, ଅମିତାବ ସୁଆର, ଶୋଭନ ଆଚାର୍ଯ୍ୟଙ୍କ ସମେତ ବହୁ ଯୁବମୋର୍ଚ୍ଚା କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବଲାଣି ଅଂଚଳରେ ବେଆଇନ ମଦର ବନ୍ୟା: ଅବକାରୀ ଓ ପୋଲିସ ବିଭାଗ ନିରବ

ବଲାଣି, ୨୦/୦୨ (ନି.ପ୍ର): ସୀମାନ୍ତ ତଥା ଖଣି ଅଂଚଳ ବଲାଣିରେ ବେଆଇନ ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଅବକାରୀ ଓ ପୋଲିସ ବିଭାଗ ଏଠାରେ ନିଦାବିଷ୍ଟ ପାଲଟିଛି । ଏହି ଥାନା ଅଂଚଳର ଆରୟା କଲୋନୀକୁ ଲାଗି ଗୋଟିଏ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ରହିଥିବା ବେଳେ ଚମ୍ପୁଆ ନାଳ ନିକଟସ୍ଥ ଆମ୍ବ ବାଗାନ ଠାରେ ଗୋଟିଏ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପି ଖୋଲା ବିଦେଶୀ ମଦ ଦୋକାନ ରହିଛି । ଅନ୍ୟପକ୍ଷରେ ଏହି ଥାନା କ୍ଷେତ୍ରରେ କୌଣସି ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଦୋକାନ ନଥିବା ସ୍ଥଳେ ବଲାଣି ଥାନା କ୍ଷେତ୍ରରେ ମାଳମାଳ ଦେଶୀ ଓ ବିଦେଶୀ ମଦ ବେଆଇନ ଭାବରେ ବିଭିନ୍ନ ସ୍ଥାନରେ ହାତ ପାହାନ୍ତାରେ ମିଳି ପାରୁଛି । ଉଭୟ ସ୍ୱୀକୃତିପ୍ରାପ୍ତ ମଦ ଦୋକାନରୁ ଏହି ସବୁ ସ୍ଥାନକୁ ବେଆଇନ ଭାବରେ ଦିନରାତି ମଦ ଚୋରା ଚାଲାଣ କରାଯାଉଥିବା ସ୍ଥଳେ ସ୍ଥାନୀୟ ପୋଲିସ ଏହାକୁ ରୋକିବାରେ ବିଫଳ ହୋଇଛି । ଉଭୟ ସ୍ୱୀକୃତିପ୍ରାପ୍ତ ମଦ ଦୋକାନରୁ ବୋତଲ ବୋତଲ ମଦ ଚୋରା ଚାଲାଣ କରାଯିବା ସହିତ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡରୁ ମଧ୍ୟ ଚୋରାରେ ବିଦେଶୀ ମଦ ବଲାଣି ଅଂଚଳକୁ ଚାଲାଣ କରାଯାଉଛି । ତେବେ ଝାଡ଼ଖଣ୍ଡ ରାଜ୍ୟରୁ ଚୋରା ଚାଲାଣ କରାଯାଉଥିବା ମଦ ବ୍ୟତୀତ ସ୍ୱୀକୃତିପ୍ରାପ୍ତ ମଦ ଦୋକାନରୁ ବେଆଇନ ମଦ ଦୋକାନକୁ ଚୋରା ଚାଲାଣ ହେଉଥିବା ବିଦେଶୀ ମଦ ଗୁଡିକ ନକଲି ମଦ ବୋଲି ଅଭିଯୋଗ ହେଉଛି । ଏହି ନକଲି ମଦ ଗୁଡିକର ବୋତଲ ଓ ପେକିଙ୍ଗ ଅବିକଳ ଅସଲି ମଦ ଭଳି ହୋଇଥିବା ବେଳେ ଏହା ଭିତରେ କ୍ଷତିକାରକ ମଦ ରହୁଛି ବୋଲି ଅଭିଯୋଗ ହେଉଛି । ତେବେ ଅସଲି ଓ ନକଲି ବିଦେଶୀ ମଦ ଦିନ ରାତି ଚୋରା ଚାଲାଣ କରାଯାଉଥିଲେ ହେଁ ନା ଅବକାରୀ ବିଭାଗ ଧରୁଛି ନା ସ୍ଥାନୀୟ ପୋଲିସ ଧରିପାରୁଛି । ହାତ ପାହାନ୍ତାରେ ଏହି ବେଆଇନ ମଦ ମିଳିଯାଉଥିବାରୁ ବଲାଣି ଅଂଚଳରେ ନାବାଳକ ମାନେ ମଧ୍ୟ ଉକ୍ତ ନିଶାର ବଶବର୍ତ୍ତୀ ହେଉଥିବାର ପରିଲକ୍ଷିତ ହେଉଛି । ଏହା ବ୍ୟତୀତ ଏହି ମଦ ଯୋଗୁଁ ଦିନକୁ ଦିନ ଅଂଚଳରେ ଘରୋଇ ହିଂସା ବୃଦ୍ଧି ପାଉଛି । ଖୋଲା ଖୋଲି ଭାବରେ ବେଆଇନ ମଦ ବ୍ୟବସାୟ ଯୋଗୁଁ ଅବକାରୀ ବିଭାଗ ଓ ପୋଲିସ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ ମଦ ବେପାରୀଙ୍କ ଅବକାରୀ ଓ ପୋଲିସ ବିଭାଗ ସହିତ ମଧୁଚନ୍ଦ୍ରିକା ରହୁଥିବା ନେଇ ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି କିଛି ସମାଜସେବୀ ଅଭିଯୋଗ କରିଛନ୍ତି । ବଲାଣି ଅଂଚଳର ଶାନ୍ତି ନଗର, ବାକରାଢ଼ିପା, ଗୁରୁଦ୍ୱାରା ହଟିଂ, ଆତ୍ରି ହଟିଂ, ଡବ୍ଲ୍ୟୁ ହଟିଂ, କିରିବୁରୁ ହିଲଟପ, ହରମଠ, ଲସରଦା ଆଦି ଅଂଚଳର ଅନେକ ସ୍ଥାନରେ ଅତି ସହଜରେ ଦେଶୀ ବିଦେଶୀ ମଦ ମିଳି ଯାଉଥିବା ବେଳେ ଏବେଠାରୁ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ଏହା ଉପରେ ଅଙ୍କୁଶ ନଲଗାଇଲେ ଅଞ୍ଚଳର ସାମାଜିକ ସ୍ଥିତି ବିଗିଡିଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ବାରୋ ଆଖଣ୍ଡଳ ମଣି ମନ୍ଦିର ପ୍ରାଙ୍ଗଣରେ ଜାଗର ଉପଲକ୍ଷେ ସମ୍ବର୍ଦ୍ଧନା ସଭା

କେନ୍ଦ୍ରାପଡ଼ା, ୨୦/୦୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ବାରୋ ଇଟିପୁର ଗ୍ରାମରେ ଥିବା ଗିରୀମଠ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଜାଗର ଉପଲକ୍ଷେ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ କାର୍ଯ୍ୟକ୍ରମକୁ ମଠର ମହନ୍ତ ତଥା ଆୟୋଜକ ବାବା ଧନେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଏବଂ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ପ୍ରଦୀପ କୁମାର ଦାଶ, ମୁଖ୍ୟବକ୍ତା ଭାବେ ନିକିରାଇ ଥାନାର ଭାରପ୍ରାପ୍ତ ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, ସମ୍ମାନୀୟ ଅତିଥିଭାବେ ମାନସ କୁମାର ସାହୁ, ଶିକ୍ଷାବିତ ଦୀପକ କୁମାର ସାହୁ ଓ ସମାଜସେବୀ ରମେଶ ଠାଟୋଇ ପ୍ରମୁଖ ଯୋଗଦେବା ସଂଗେ ସଂଗେ ପ୍ରଭୁ ସ୍ୱୟଂମ୍ଭୁ ଶିବ ଶଂକର ବା ବମ୍ଭ ବମ୍ଭ ଭୋଳାନାଥଙ୍କ ପୂଜାଅର୍ଚ୍ଚନା ଏବଂ ବିଧି,ବାଧାନ ଓ ରୀତି, କ୍ରାନ୍ତିକୁ ନେଇ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରତିପାଦନ କରିଥିଲେ ।

## ଶିମିଳିପାଳରେ ନେଚର କ୍ୟାମ୍ପ୍‌ର ଶୁଭ ପଡ଼ିଲା



ଯଶିପୁର, ୨୦/୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଯଶିପୁରଠାରୁ ୭୦ କିମି ଦୂର ଅସ୍ତକୁମାର ପଞ୍ଚାୟତର ନଅଣକ୍ଷ ଗ୍ରାମ ସାରଙ୍ଗ ସାହି ପଡ଼ିଆରେ ନେଚର କ୍ୟାମ୍ପ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଦୁଇଦିନିଆ ଶିମିଳିପାଳ ଗସ୍ତରେ ଆସିଥିବା ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଆଜି ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପକ୍ଷରୁ ଆଜି ଅନୁଷ୍ଠିତ ଏହି ନେଚର କ୍ୟାମ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆରସିସିଏଫ୍‌ଟି ଅଶୋକ କୁମାର, ଉତ୍ତର ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନ୍‌ର ଉପନିର୍ଦ୍ଦେଶକ ସାଇକିରଣ ଡି.ଏନ୍‌ଙ୍କ ସମେତ ବରିଷ୍ଠ ବନ ବିଭାଗ ଅଧିକାରୀ ଓ କର୍ମଚାରୀ, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି, ଏସ୍‌ଏଚ୍‌ଜି ଗ୍ରୁପ୍, ଇକୋ ଡେଭଲପ୍‌ମେଣ୍ଟ କମିଟି କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହିଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗ୍ରାମବାସୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଉପସ୍ଥିତ ପଞ୍ଚାୟତ ଜନ ପ୍ରତିନିଧିମାନେ ଶିମିଳିପାଳର ପ୍ରମୁଖ ସମସ୍ୟା ଯଥା ରାସ୍ତାଘାଟ, ପାନୀୟଜଳ ଯୋଗାଣ, ସୌର ଆଲୋକ ବ୍ୟବସ୍ଥା, ସରକାରୀ ଯୋଜନାର ସଫଳ ରୂପାୟନ ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପୂର୍ବତନ ସରପଞ୍ଚ ମହାନ୍ତି ବିରୁଆ, ବରେହିପାଣି ସମିତିସଭ୍ୟ ଜୁଝାର ବାନସିଂ, ଏସିଏଫ୍ ନିକେଶ ମହାପାତ୍ର, ନଅଣା ରେଞ୍ଜ ଅଧିକାରୀ ଶୁକ୍ରା ବିନ୍ଧାଣୀ, ବନ କର୍ମଚାରୀ ସାମୁଏଲ ମଣ୍ଡଳ, ଇଡିସିସି ସଭାପତି ଶିଙ୍ଗା ତିୟୁ, ସିକନ୍ଦର ଦେଓଗାଁ, ମାଛୁଆ ବାନରା ପ୍ରମୁଖ ଉପସ୍ଥିତ ଥିଲେ ।

## ସହର ପରି ଗାଁରେ ଅଳିଆ ଉଠା ଗାଡି ଶୁଭାରମ୍ଭ କଲେ ଜୟପୁର ବିଧାୟକ

ଜୟପୁର, ୨୦/୦୨ (ନି.ପ୍ର): ସ୍ୱଚ୍ଛ ଓ ସୁସ୍ଥ ହେବ ଗାଁ ,ପୌର ପାଳିକା ଭଳି ଘରୁ ଘରୁ ଅଳିଆ ଆବର୍ଜନା ବୋହି ନେବ ଅଳିଆ ଉଠା ଗାଡି । ଗାଁରୁ ଆରମ୍ଭ ହୋଇଛି ଏଭଳି ଅଭିନବ ପ୍ରୟାସ ଏହି ପ୍ରୟାସ ଆରମ୍ଭ କରିଛି ବୋରିଗୁମ୍ମା ବ୍ଲକ ପ୍ରଶାସନ । ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ବାହାରେ ଫୋପାଡ଼ିବା ଦ୍ୱାରା ପରିବେଶ ପ୍ରଦୂଷଣ ହେଉଥିଲା । କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଉପାନ୍ତ ଗାଁ ମାନଙ୍କରେ ବିଭିନ୍ନ ସମୟରେ ପରିବେଶ ପ୍ରଦୂଷଣ ଦ୍ୱାରା ବିଭିନ୍ନ ପ୍ରକାର ରୋଗ ବ୍ୟାପିବା ନଜର ରହିଛି । ପରିବେଶ କୁ ସଫା ସୁତୁରା କରିବା ପାଇଁ ବ୍ଲକର କାମତା, କୁମୁଲି ଏବଂ ବୋଡିଗାଁ ପଂଚାୟତରେ ଏହି ସେବା ଆରମ୍ଭ ହୋଇଛି । ତେବେ ଏହାକୁ ଆରମ୍ଭ କରିଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି । ବିଧାୟକ ବାହିନୀପତି କହିଛନ୍ତି ଯେ ବଡ଼ ବଡ଼ ସହର ପରି ଉପାନ୍ତ ଅଂଚଳରେ ଏହି ସେବା ଆରମ୍ଭ ହେବା ଦ୍ୱାରା ଗାଁ ଗହଳି ସ୍ୱଚ୍ଛ ଓ ସୁନ୍ଦର ରହିବ । ଏହା ଯଦି ସଫଳ ରୂପାୟନ ହେବ ତେବେ ନିଜ ନିର୍ବାଚନ ମଣ୍ଡଳୀର ପ୍ରତେକ ପଂଚାୟତରେ ଏହାକୁ ଆରମ୍ଭ କରିବେ ବୋଲି ମଧ୍ୟ କହିଛନ୍ତି ବିଧାୟକ । ତିନି ପଂଚାୟତର ସ୍ୱୟଂ ସହାୟକ ମହିଳା ମାନେ ଏହାକୁ ଚଳାଇବା ଜଣା ପଡ଼ିଛି । ଏହା ଗାଡି ବେଟ୍ରି ଚାଳିତ ହୋଇଥିବା ବେଳେ ଏହାକୁ ବିଧାୟକ ପାଣ୍ଠି, ଜିଲ୍ଲା ପରିଷଦ ପାଣ୍ଠିରୁ କ୍ରୟ କରାଯାଇଥିବା ସୂଚନା ଦେଇଛନ୍ତି ବ୍ଲକ ସହାକାରୀ ଯନ୍ତ୍ରୀ ସତ୍ୟ ନାରାୟଣ ସେଠି । ସେହିପରି ଏହି ଗାଁରେ ସହର ପରି ଅଭିନ୍ନ ପ୍ରୟାସ ଆରମ୍ଭ କରିଥିବାରୁ ଏହାକୁ ସ୍ୱାଗତ କରିଛନ୍ତି ଲୋକେ । ଏହି ଭଳି ସମସ୍ୟା ଦୂରୀକରଣ ପଦକ୍ଷେପ ବ୍ଲକ ପ୍ରଶାସନ ହାତକୁ ନେଇ ଏକ ଭିନ୍ନ ପ୍ରୟାସ କରିଥିବାରୁ ବିଭିନ୍ନ ମହଲରେ ପ୍ରଶଂସାର ସୁଅ ଛୁଟୁଛି । ଏହି କାର୍ଯ୍ୟକ୍ରମରେ ବୋରିଗୁମ୍ମା ବିଡ଼ିଓ ପ୍ରଣୟ ରଂଜନ ବେହେରା,ସହକାରୀ ଯନ୍ତ୍ରୀ ସତ୍ୟ ନାରାୟଣ ସେଠି,ଜିଲ୍ଲା ପରିଷଦ ପିଙ୍କୁ ଶଥପଥୀ,କାମତା ସରପଂଚ ବାସନ୍ତୀ ଯାନୀ, ମାଳତୀ ଯାନୀ, କୁମୁଲି ସରପଂଚ ପାର୍ବତୀ ଯାନୀ, ସମିତି ସଭ୍ୟ ପଦ୍ମିନୀ ଯାନୀ,ବୋଡିଗା ସରପଂଚ କରୁଣା ବଡନାୟାକ ,ଗ୍ରାମବାସୀ ଏବଂ କଂଗ୍ରେସ କର୍ମୀ ମାନେ ଉପସ୍ଥିତ ଥିଲେ ।

## ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଛି



ଉଦଳା, ୨୦/୦୨ (ନି.ପ୍ର): ଏପରି ଅଭିଯୋଗଟିଏ ଆସିଛି ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ରାଜାବସା ଗ୍ରାମରୁ । ଏହି ଗ୍ରାମର ବାସିନ୍ଦା ମଲ୍ଲି ହେମ୍ବ୍ରମଙ୍କ ସ୍ୱାମୀ ଧୁନ୍ଦା ହେମ୍ବ୍ରମ ରୋଗରେ ପିଡ଼ିତ ହେଲେ । ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଶ୍ରୀଦାମଚନ୍ଦ୍ରପୁର ଓ ପରେ ବାରିପଦା ଡ଼ାକ୍ତରଖାନାକୁ ନିଆଗଲା । ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଧୁନ୍ଦାଙ୍କର ଦେହାନ୍ତ ହୋଇଗଲା । ଇତି ମଧ୍ୟରେ ଦିର୍ଘ ୨ ବର୍ଷ ସମୟ ଅତିକ୍ରାନ୍ତ ହୋଇଗଲାଣି । ମଲ୍ଲିଙ୍କର ବୟସ ୫୫ ଛୁଇଁଲାଣି । ବିଧବା ଭତା ପାଇବା ପାଇଁ ସେ ଆବେଦନ କରିଛନ୍ତି । କିନ୍ତୁ ସ୍ୱାମୀଙ୍କର ଦେହାନ୍ତ ପ୍ରମାଣପତ୍ର ନ ଦେଲେ ଭତା ମିଳିବ ନାହିଁ ବୋଲି ଭତା ବିକାଗ କହିବା ଫଂଳରେ ସେ ବାରିପଦା ଡ଼ାକ୍ତରଖାନାକୁ ବାରମ୍ୱାର ଦୌଡୁଛନ୍ତି । କିନ୍ତୁ ଦୁଇ ବର୍ଷ ସମୟ ବିତି ଯାଇଥିଲେ ମଧ୍ୟ ସେ ଏ ପର୍ଯ୍ୟନ୍ତ ପ୍ରମାଣପତ୍ର ପାଇପାରି ନାହାଁନ୍ତି । ମଲ୍ଲିଙ୍କର ପିଲା ପିଲି ମଧ୍ୟ ନାହାଁନ୍ତି ସେ ଖୁବ ଅସହାୟ ଅବସ୍ଥାରେ ବର୍ତମାନ ବାଧ ହୋଇ ତାଙ୍କର ବାପ ଘରେ ଆଶ୍ରୟ ନେଇଛନ୍ତି । ଦିନ ମଜୁରିଆ ଭାବରେ କାମ କରି ନିଜର ଗୁଜୁରାଣ ମେଂଟାଉଛନ୍ତି । କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

## ନବ ଦାସଙ୍କ ହତ୍ୟା ଆକ୍ସିଡେଂଟାଲ ଡେଥ୍ ନୁହେଁ : ନରସିଂହ ମିଶ୍ର

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ନବ ଦାସଙ୍କ ହତ୍ୟା ଆକ୍ସିଡେଂଟାଲ ଡେଥ ନୁହେଁ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ଏ ସମ୍ପର୍କିତ ସାମ୍ବାଦିକ ମାନଙ୍କ ପ୍ରଶ୍ନରେ ସେ କହିଛନ୍ତି ଯେ ଏହି ହତ୍ୟାକାଣ୍ଡ ହଠାତ ହୋଇନାହିଁ । ଏହା ଆକ୍ସିଡେଣ୍ଟାଲ ଡେଥ୍ ନୁହେଁ । ଏହା ବହୁ ଦିନର ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି । ନବ ଦାସଙ୍କ ମୃତ୍ୟୁ ଘଟଣା ସ୍ଥଳରେ ହୋଇଛି । ତଦନ୍ତକାରୀ ସଂସ୍ଥା ଉପରେ ଲୋକଙ୍କ ସନ୍ଦେହ ବଢୁଛି ବୋଲି ସେ କହିଛନ୍ତି ।

# ଉଦ୍‌ଯାପିତ ହେଲା ରାଇବଣିଆ ଲୋକ ମହୋତ୍ସବ

ଜଳେଶ୍ୱର, ୨୦/୦୨ (ନି.ପ୍ର): ବୀରଯୋଦ୍ଧା ରାଇବଣିଆ ମାଟିରେ ଭାଷା, ସାହିତ୍ୟ, ସଂସ୍କୃତି ଲୋକକଥା, ଲୋକନୃତ୍ୟ ଓ ପରମ୍ପରାକୁ ନେଇ ଆରମ୍ଭ ହୋଇଥିବା ରାଇବଣିଆ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଛି । ଶେଷ ଦିନର ମଂଚ ଆଦିବାସୀଙ୍କ ଉଦ୍ଦେଶ୍ୱରେ ସମର୍ପିତ ହୋଇଥିଲା । ଆୟୋଜିତ ସଭାରେ ଆସେକା ସଂଗଠନର ଚକ୍ରଧର ହାଁସଦା, ସୋମନାଥ ହାଁସଦା, ଅର୍ଜୁନ ମାରାଣ୍ଡି, କାରୁ ମୁର୍ମୁ ଓ ବିନୋଦ ହାଁସଦା ପ୍ରମୁଖ ଶାନ୍ତାଳି ଭାଷାରେ ବକ୍ତବ୍ୟ ଦେଇ ସେମାନଙ୍କ ସଂସ୍କୃତି, ପରମ୍ପରା ଓ ଲୋକ କଥା ଓ ଲୋକ ନୃତ୍ୟ ସଂପର୍କରେ କହିଥିଲେ । ଦିନେଶ କିସ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଷ୍ଟମ ସଂଧ୍ୟା ଫୁଲଓ୍ୱାମା ସହିଦଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇ ଗଂଗାଧର ଦାସ ସଭାପତିତ୍ୱ କରିଥିଲେ । ସନ୍ଦିପ ନାରାୟଣ ଘୋଷ, ଅଜୟ ମହାନ୍ତି, ଗିରିଜା ସାସମଲ, ସୁକୁମାର ପ୍ରଧାନ, ମନିନ୍ଦ୍ର ଧର, ବଂଶୀଧର ବାରିକ, ମନୋରଂଜନ ଦାସ, ଗୌରାଙ୍ଗ ଦାସ ମହାପାତ୍ର ପ୍ରମୁଖ ସହିଦଙ୍କ ଉଦ୍ଦେଶରେ ବକ୍ତବ୍ୟ ରଖିଥିଲେ । ଏଥିରେ ସାମ୍ବାଦିକ ଆଲୋକ ଘଡେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବଂଶୀଧର ବାରିକଙ୍କ ଅଧ୍ୟକ୍ଷତାରେ ପୌରପାଳ ପ୍ରତୀପ ପ୍ରଧାନ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଭାବେ ବରିଷ୍ଠ ଆଇନ୍‌ଜିବୀ ଚିନ୍ମୟ କୁମାର ଦାସ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ କେଶରୀ ପରିଡା, ଲେଲିନ୍ ପ୍ରଧାନ ବକ୍ତବ୍ୟ ରଖିଥିବା ବେଳେ ସୁକୁମାର ପ୍ରଧାନ ଅତିଥି ଆହ୍ୱାନ ଓ ଅରୁଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ୬ଷ୍ଠ ସଂଧ୍ୟାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁକୁମାର ଘୋଷ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ଶାନ୍ତିନିକେତନର ପ୍ରାଧ୍ୟାପକ ରବିନ୍ଦ୍ର ଦାସ ଓ ମୁଖ୍ୟବକ୍ତାଭାବେ ରତ୍ନାକର ରାୟ ବକ୍ତବ୍ୟ ରଖିଥିଲେ । ବଂଶୀଧର ବାରିକ ମଂଚ ଆହ୍ୱାନ ଓ ଅନନ୍ତ ମହାନ୍ତି ଦନ୍ୟବାଦ ଅର୍ପଣ କରିଥିଲେ । ଓଡିଶା, ପଶ୍ଚିମବଂଗର ଉପାନ୍ତ ଅଂଚଳର ଶହ ଶହ ବ୍ୟକ୍ତି ମେଳାର ମଜା ନେଇଥିଲେ ।

# ବାସୁଦେବପୁରରେ ରକ୍ତଦାନ ଶିବିର ଅନୁଷ୍ଠିତ



ବାସୁଦେବପୁର, ୨୦/୦୨ (ନି.ପ୍ର): ବାସୁଦେବପୁର ଟାଉନ ହଲ ପରିସରରେ ଓଡିଶା ମୋ ପରିବାର ପକ୍ଷରୁ ବିଜୁ ଜନତା ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ବାଣୀ କଲ୍ୟାଣ ମହାନ୍ତିଙ୍କ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ସମୁଦାୟ ୧୨୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଶ୍ରୀ ମହାନ୍ତି ଙ୍କର ଏହି ଜନ୍ମଦିନ ରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ମଧ୍ୟ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ବିଭିନ୍ନ ପଂଚାୟତ ରୁ ଯୁବକ ବନ୍ଧୁ ମାନେ ଆସି ରକ୍ତଦାନ କରିଥିଲେ ଓ ବାଣୀ କଲ୍ୟାଣ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଥିଲେ । ଲିକୁନ ଦଳେଇ, ପ୍ରଭୁଦତ୍ତ ଦାସ, କିଶୋର ଜେନା, ଉମାକାନ୍ତ ଡାଙ୍ଗୁଆ, ଅମୀୟ ରଞ୍ଜନ ଜେନା ପ୍ରମୁଖ ଏହି ଶିବିର ରେ ସହଯୋଗ କରିଥିଲେ ।

# କଠିନ ପରିଶ୍ରମ ଓ ଏକାଗ୍ରତା ସଫଳତାର ଚାବିକାଠି




ବସ୍ତା, ୨୦/୦୨ (ନି.ପ୍ର): ସଦର ବ୍ଲକ ମହକୁମା ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅର୍ଥନୀତି ସମ୍ମାନ ବିଭାଗ ଆନୁକୁଲ୍ୟରେ ନବାଗତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସରୋଜ କୁମାର ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ଡ଼ଃ ତପନ କୁମାର ବେହେରା ଏହି କାର୍ଯ୍ୟେକ୍ରମରେ ଅଧକ୍ଷତା କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ପରିଶ୍ରମୀ ଓ ଉଚ୍ଚାଭିଳାଷୀ ହେବାକୁ ପରାମର୍ଶ ପ୍ରଦାନ ଦେଇଥିଲେ । କଠିନ ପରିଶ୍ରମ ଓ ଏକାଗ୍ରତା ହିଁ ସଫଳତାର ଚାବିକାଠି ବୋଲି ଏହି କାର୍ଯ୍ୟକ୍ରମରେ ଥିବା ବକ୍ତାମାନେ ମତପ୍ରକାଶ କରିଥିଲେ । ଅଧ୍ୟାପକ ବିଜୟ କୁମାର ବେହେରା, ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଚନ୍ଦନ କୁମାର ଦାସ, ଯୁବ ରେଡ଼କ୍ରସ କାଉନସେଲର ଅଧ୍ୟାପକ ଶ୍ରବଣ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ କଠିନ ଅଧବସାୟୀ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ । ଛାତ୍ରୀ ପୂଜାରାଣୀ ଗାଣ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦିବ୍ୟରଞ୍ଜନ ଭଞ୍ଜ, ରଶ୍ମିରେଖା ବିଶି, ଅର୍ପିତା ଜେନା ଓ ସାଗରିକା ରାଉଳ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଯୁକ୍ତ ତିନି ଦ୍ୱିତୀୟ ଓ ତୃତୀୟ ବାର୍ଷିକ ଛାତ୍ରଛାତ୍ରୀ ପ୍ରଥମ ବାର୍ଷିକ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଯଜ୍ଞେଶ୍ୱର ଗିରି, ଚନ୍ଦନ କୁମାର ବେହେରା, ମନ୍ମଥ ଦଳେଇ, ଅଞ୍ଜୁଲତା ବେହେରା, ସୁଷମା ଦାସ, ଝିଲ୍ଲୀମଣି ସ୍ୱାଇଁ, କଳ୍ପନା ବିଶ୍ୱାଳ, ବିଜୟ କୁମାର ବେହେରା ଓ ପ୍ରଭାସ ରଞ୍ଜନ ଆଇଚ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ଲାଖିରାମ ହାଁସଦା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ହେବ ଇ.ଏସ.ଆଇ.ସି. ହସପିଟାଲ

ନୀଳଗିରି, ୨୦/୦୨ (ନି.ପ୍ର): ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱରରେ ଏକ ଇ.ଏସ.ଆଇ.ସି. ହସପିଟାଲ ଖୋଲିବା ପାଇଁ ବହୁବାର କେନ୍ଦ୍ର ଶ୍ରମ ନିଯୁକ୍ତି ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଲିଖିତ ଭାବେ ଜଣାଇଥିଲେ । ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେଇ ବାଲେଶ୍ୱରରେ ଏକ ଇ.ଏସ.ଆଇ.ସି. ହସପିଟାଲ ପ୍ରତିଷ୍ଠା ନିମନ୍ତେ ଅନୁମୋଦନ କରିଛନ୍ତି । ସେଥିପାଇଁ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନ୍ତରରୁ ବାଲେଶ୍ୱର ଓ ମୟୂରଭଞ୍ଜ ବାସୀଙ୍କ ପକ୍ଷରୁ ଅଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି । ଉକ୍ତ ହସପିଟାଲ ପ୍ରତିଷ୍ଠା ହେଲେ ବହୁ ଶ୍ରମିକ ଶ୍ରେଣୀର କର୍ମଚାରୀ ଉପକୃତ ହେବେ ବୋଲି ଶ୍ରୀଯୁକ୍ତ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।

## ଗୋଚର ଜମିରୁ ବେଆଇନ ମାଟି ଉଠାଣ ନେଇ ତହସିଲଦାରଙ୍କ ପାଖରେ ଫେରାଦ

ନୀଳଗିରି, ୨୦/୦୨ (ନି.ପ୍ର): ନୀଳଗିରି ତହସିଲ ଅଧିନ ସନ୍ତରାଗଡ଼ିଆ ଆର.ଆଇ. ଅଧିନସ୍ଥ ଈଶ୍ୱରପୁର ଗ୍ରା.ପ.ର ବାଙ୍କିପଦା ଗ୍ରାମରେ ଥିବା ଗୋଚର ଜମିରୁ ବେଆଇନ ଭାବରେ ମାଟି ଉଠାଣ ନେଇ ଅଂଚଳବାସୀ ନୀଳଗିରି ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ପଂଚଲିଙ୍ଗେଶ୍ୱର କଲେଜ ପଡ଼ିଆ ପାଖରେ ଥିବା ଏକ ଗୋଚର ଜମିରୁ ବେଆଇନ ମାଟି ଉଠାଇବା ସହ ବହୁ ମୂଲ୍ୟବାନ ଗଛ ନଷ୍ଟ କରିଛନ୍ତି । ସରକାରଙ୍କ ଏକ ଯୋଜନାକୁ ଏଠାରେ କାର୍ଯ୍ୟକାରୀ କରି ପ୍ରକଳ୍ପ ଆଳରେ ଟ୍ରିପ ଟ୍ରିପ ମାଟି ବିକ୍ରି କରୁଥିବାର ଅଭିଯୋଗ ହୋଇଛି । ଗୋଚର ଜାଗାରେ କୌଣସି ସରକାରୀ ପ୍ରକଳ୍ପ କରିବା ପାଇଁ ନିୟମ ନ ଥିବା ବେଳେ କିପରି ପଂଚାୟତ ପକ୍ଷରୁ ଏକ ପୋଖରୀ ଖନନ କରାଯାଉଛି । ଗୋଚର ଜାଗାରେ ପୋଖରୀ ଖନନ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ଠାରୁ ଅନୁମତି ନ ନେଇ କିପରି କାର୍ଯ୍ୟ କରୁଛନ୍ତି ଏ ନେଇ ତହସିଲଦାରଙ୍କ ଠାରେ ଅଂଚଳବାସୀ ଅଭିଯୋଗ କରିଛନ୍ତି । ଘଟଣାର ଖୁବ୍ ଶୀଘ୍ର ତଦନ୍ତ କରାଯିବ ବୋଲି ତହସିଲଦାର ରଂଜନ ବେହେରା ସୂଚନା ଦେଇଛନ୍ତି ।

## ପ୍ରସନ୍ନ କୁମାର ସ୍ୱାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନୂଆ କୁଳପତି

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ନିଯୁକ୍ତି ମିଳିଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନୂଆ କୁଳପତିଙ୍କୁ ନିଯୁକ୍ତି ଦେଇଛନ୍ତି। ଆଗାମୀ ୩ବର୍ଷ ପାଇଁ ସେ ଏହି ଦାୟିତ୍ୱରେ ରହିବେ। ପ୍ରଫେସର ସ୍ୱାଇଁ ବର୍ତମାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଅଛନ୍ତି। ପ୍ରଫେସର ସ୍ୱାଇଁଙ୍କର ୩୧ବର୍ଷର ଶୈକ୍ଷିକ ଅଭିଜ୍ଞତା ରହିଛି। ସେ ୧୦ଟି ପୁସ୍ତକ ରଚନା କରିବା ସହ ୨ଡି.ଲିଟ୍, ୧୫ଟି ପିଏଚଡି ଓ ୫୬ଟି ଏମଫିଲ୍ ମେଧାବୀଙ୍କ ଗାଇଡ ରହିସାରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଯୁଦ୍ଧ ଭିତରେ ୟୁକ୍ରେନରେ ପହଁଚିଲେ....

ଯୁଦ୍ଧ କରି ରୁଷ ନିଜ ପାଇଁ ବଡ କ୍ଷତି କରିଛି । କାରଣ ବିଭିନ୍ନ ଦେଶର ପ୍ରତିବନ୍ଧକ ରୁଷର ଆର୍ଥିକ ସ୍ଥିତି ଉପରେ ବଡ ପ୍ରଭାବ ପକାଇଛି । ବାଇଡେନଙ୍କ ଗସ୍ତ ଏକଥା ସାବ୍ୟସ୍ତ କରୁଛି ଯେ ୟୁକ୍ରେନ ସହ ସବୁ ପରିସ୍ଥିତିରେ ରହିଛି ଆମେରିକା । ଯୁଦ୍ଧକୁ ନେଇ ଆମେରିକା ଓ ରୁଷ ମଧ୍ୟରେ ତିକ୍ତତା ବୃଦ୍ଧି ପାଉଛି । ଦୁଇ ଦେଶ ପରସ୍ପର ପ୍ରତି ଅନେକ କଟକଣା ଲଗାଇବା ସହ ବୟାନବାଜୀ ଓ ଧମକ ମଧ୍ୟ ଦେଉଛନ୍ତି । ଦେଖିବାକୁ ବାକି ରହିଲା ଆଗକୁ ରୁଷ ଆଭିମୁଖ୍ୟ କଣ ରହିବ । ଫେବ୍ରୁଆରୀ ୨୪ରେ ରୁଷ-ୟୁକ୍ରେନ ଯୁଦ୍ଧକୁ ପୁରୁଛି ୧ବର୍ଷ । ଏହା ପୂର୍ବରୁ ୟୁକ୍ରେନକୁ ଆମେରିକା ରାଷ୍ଟ୍ରପତିଙ୍କ ଗସ୍ତ ବିଭିନ୍ନ ଦିଗରୁ ଭିନ୍ନ ଭିନ୍ନ ଗୁରୁତ୍ୱବହନ କରୁଛି । ଯେବେଠୁ ଯୁଦ୍ଧ ଆରମ୍ଭ ହୋଇଛି ସେବେଠୁ ୟୁକ୍ରେନକୁ ସାମରିକ ସହାୟତା ଦେବା ସହ ସମର୍ଥନ ଜଣାଇ ଆସିଛି ଆମେରିକା ।

## ଛତିଶଗଡ଼ରେ ଏଆଇସିସି ଅଧିବେଶନ....

ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ଫେବୃଆରୀ ୨୪ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବେ। ଫେବୃଆରୀ ୨୭ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା ହେବ। ମାର୍ଚ୍ଚ ୧୦ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ଅଭିବେଶନ ଆରମ୍ଭ ହେବା ସହ ସ୍ଥାୟୀ କମିଟି ମାନଙ୍କର ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୩, ୧୪, ୧୫ , ୧୬, ୧୭,୧୮,୨୦, ୨୧,୨୨,୨୩,୨୪ ,୨୭,୨୮,ଓ ୨୯ ତାରିଖରେ ଅନୁଦାନ ନିମନ୍ତେ ଖର୍ଚ୍ଚ ଦାବି ଆଗତ ହେବ। ମାର୍ଚ୍ଚ ୩୧ ତାରିଖରେ ୨୦୨୩-୨୪ ବର୍ଷ ପାଇଁ ବିନିୟୋଗ ବିଲ୍ ଉପସ୍ଥାପନ କରାଯିବ। ଏହାପରେ ଏପ୍ରିଲ୍ ୩ ଓ ୫ ତାରିଖ ସରକାରୀ କାର୍ଯ୍ୟ ଦିବସ ରହିଥିବା ବେଳେ ୪ ଓ ୬ ତାରିଖ ବେସରକାରୀ କାର୍ଯ୍ୟ ଦିବସ ରହିଛି। ଅଧିବେଶନ ପୂର୍ବରୁ ସୋମବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ସର୍ବ ଦଳୀୟ ବୈଠକ ଅନୁଷ୍ଠିତହୋଇଛି। ବୈଠକ ପରେ ବାଚସ୍ପତି କହିଛନ୍ତି ଯେ ସର୍ବଦଳୀୟ ବୈଠକ ଆଲୋଚନାରେ ୧୫ଟି ବିଷୟବସ୍ତୁ ଥିଲା। ଗୃହ ଯେପରି ସୂଚାରୁ ରୂପେ ଚାଲିବ ସେନେଇ ସଭ୍ୟମାନେ ମତ ପ୍ରଦାନ କରିଛନ୍ତି। ଚଳିତ ଥର ସାମ୍ବାଦିକ ମାନଙ୍କୁ ପ୍ରେସ୍ ଗ୍ୟାଲେରୀକୁ ଛଡାଯିବ। ଏଥର ସାଧାରଣ ଲୋକ ମଧ୍ୟ ବିଧାନସଭାକୁ ଆସିପାରିବେ। ସେମାନଙ୍କୁ ସ୍ପିକର ଗ୍ୟାଲେରୀ ଓ ଦର୍ଶକ ଗ୍ୟାଲେରୀକୁ ଛଡାଯିବାକୁ ନିଷ୍ପତି ହୋଇଛି। ଦର୍ଶକମାନଙ୍କୁ ବିଧାୟକମାନଙ୍କ ଜରିଆରେ ଦର୍ଶକ ଗ୍ୟାଲେରୀ ପାଇଁ ପ୍ରବେଶ ପତ୍ର ପ୍ରଦାନ କରାଯିବ । ସ୍ୱାସ୍ଥ୍ୟଗତ କାରଣରୁ ଗୃହ କାର୍ଯ୍ୟରେ ଯୋଗ ଦେଇପାରୁନଥିବା ଅସୁସ୍ଥ ବିଧାୟକମାନେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭାଗ ନେଇପାରିବେ। ଅପରପକ୍ଷରେ ବଜେଟ୍ ଅଧିଶେନ ପୂର୍ବରୁ ସୋମବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଅନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ ସୁରକ୍ଷା ବ୍ୟବସ୍ଥାର ଯାଂଚ କରିଛନ୍ତି ।

## ବିଏମସିର ବାର୍ଷିକ ବଜେଟ....

ଭିତରେ ପାରିତ ହୋଇଛି ଭୁବନେଶ୍ୱର ମହାନଗର ନିଗମ ବଜେଟ । ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବିଏମସିର ବଜେଟ ରହିଛି ୬୯୦ କୋଟି ୨ ଲକ୍ଷ ଟଙ୍କା । ବିଏମସିର ଆୟ ରହିଛି ୭୦୮ କୋଟି ୫୪ ଲକ୍ଷ । ତେଣୁ ଏହାକୁ ଏକ ବଳକା ବଜେଟ କୁହାଯାଉଛି । ବଜେଟରେ ବିଏମସିରେ ସାମିଲ ହୋଇଥିବା ନୂଆ ପଂଚାୟତର ଉନ୍ନତିମୂଳକ କାମ, ପ୍ରତି ଓ୍ୱାର୍ଡରେ କାର୍ଯ୍ୟାଳୟ, ଏକ ନମ୍ବର ହାଟକୁ ହେରିଟେଜ୍ ମାର୍କେଟ୍, ଭେଣ୍ଡିଂ ଜୋନର ବିକାଶ, ସହରର ପରିମଳ ଏବଂ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଇଛି । ଏସବୁ ଭିତରେ ଭୁବନେଶ୍ୱର ମହାନଗର ଅଂଚଳର ବିକାଶ ପାଇଁ ପ୍ରସ୍ତୁତ ହୋଇଛି ଖସଡ଼ା ।

## ରାଜନୀତିରେ ବଳ ଗୋଟାଉଛନ୍ତି ....

ଭେଟି ଓଡ଼ିଶାର ରାଜନୀତି ସହ କଂଗ୍ରେସର ରାଜନୈତିକ ଭବିଷ୍ୟତକୁ ନେଇ ଆଲୋଚନା କରିଥିବା ଜଣାପଡ଼ିଛି । ୨୦୨୪ ନିର୍ବାଚନରେ ଭୁବନେଶ୍ୱର ଲୋକସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ବିଜୟ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଇଛନ୍ତି ସୁର ରାଉତରାୟ । ଯଦି ବିଜୟ ପଟ୍ଟନାୟକ ଭୁବନେଶ୍ୱରରୁ କଂଗ୍ରେସର ସାଂସଦ ପ୍ରାର୍ଥୀ ହୁଅନ୍ତି, ତେବେ ରାଜଧାନୀରେ ଦେଖିବାକୁ ମିଳିପାରେ ପୂର୍ବ ପ୍ରଶାସକଙ୍କ ମଧ୍ୟରେ ରାଜନୈତିକ ଲଢ଼େଇ । ଆଇଏଏସ ଚାକିରି ଛାଡ଼ି ନେତ୍ରୀ ବନିଥିବା ଅପରାଜିତା ଷଡ଼ଙ୍ଗୀ, ଏବେ ଭୁବନେଶ୍ୱରର ସାଂସଦ । ତାଙ୍କୁ ୨୦୨୪ରେ ପୁଣିଥରେ ବିଜେପି ମଇଦାନଙ୍କୁ ଓହ୍ଲାଇବା ସମ୍ଭାବନା ଯଥେଷ୍ଟ ଅଧିକ । ସେହିପରି ପୂର୍ବତନ ଆଇପିଏସ୍ ଅଧିକାରୀ ଅରୂପ ପଟ୍ଟନାୟକ, ଗତ ନିର୍ବାଚନରେ ବିଜେଡି ଟିକେଟରେ ଲଢ଼ି ହାରିଯାଇଥିଲେ । ଏଥର ତାଙ୍କୁ ପୁଣିଥରେ ବିଜେଡି ରିପିଟ କରିବ କି ଅନ୍ୟ ନେତାଙ୍କୁ ସୁଯୋଗ ଦେବ, ଏ ନେଇ ସନ୍ଦେହ ରହିଛି । ଏପଟେ ଯଦି ବିଜୟ ପଟ୍ଟନାୟକଙ୍କୁ କଂଗ୍ରେସ ପ୍ରାର୍ଥୀ କରେ, ତେବେ ଲଢ଼େଇ ରୋଚକ ହେବ ବୋଲି ଚର୍ଚ୍ଚା ହେଉଛି । ଗତ ନିର୍ବାଚନରେ ଭୁବନେଶ୍ୱର ଲୋକସଭା ପାଇଁ କଂଗ୍ରେସ ପ୍ରାର୍ଥୀ ନଦେଇ ସିପିଏମକୁ ଛାଡି ଦେଇଥିଲା । କିନ୍ତୁ ଏଥର ରାଜ୍ୟ ରାଜନୀତିର କେନ୍ଦ୍ରସ୍ଥଳ ଭୁବନେଶ୍ୱରରେ ନିଜ ଦବଦବା ବଢ଼ାଇବାକୁ ଚାହୁଁଛି କଂଗ୍ରେସ । ବିଜୟଙ୍କୁ ନେଇ ରଣନୀତି ପ୍ରସ୍ତୁତ କରୁଛି ଦଳ । ବିଜୟ ପଟ୍ଟନାୟକ ଦଳରେ ଯୋଗଦେବା ପରେ କଂଗ୍ରେସ ଶିବିରରେ ଉତ୍ସାହ ବଢିଛି । ବିଜୟ ମଧ୍ୟ ନିଜ ସପକ୍ଷରେ ସମର୍ଥନ ବଢ଼ାଇବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି । ଏପଟେ ପିସିସି ସଭାପତି ଭାବେ ୯ ମାସ ହେଲା ଦାୟିତ୍ୱ ନେଲେଣି ଶରତ ପଟ୍ଟନାୟକ । କିନ୍ତୁ ଏପର୍ଯ୍ୟନ୍ତ ସେ ତାଙ୍କର ଟିମ୍ ଗଢ଼ିପାରିନାହାନ୍ତି ।

## ତୁର୍କୀ ଭୂମିକମ୍ପରୁ ଆସୁଛି ଆଶ୍ଚର୍ଯ୍ୟ....

ରେସ୍କ୍ୟୁ କରିବାରେ ସଫଳ ହୋଇଛି । ଉଦ୍ଧାର ପରେ ଏହି ଦମ୍ପତିକୁ ହସ୍ପିଟାଲରେ ଭର୍ତି କରାଯାଇଛି । ସେମାନଙ୍କ ସହ ତାଙ୍କର ଏକ ୧୨ ବର୍ଷୀୟ ପୁଅ ଉଦ୍ଧାର କରାଯାଇଥିଲେ ବି ଡାକ୍ତର ତାଙ୍କୁ ବଞ୍ଚାଇ ପାରିନାହାନ୍ତି । ସେପଟେ ତୁର୍କୀରୁ ଭାରତ ଫେରିଲେ 'ଅପରେସନ ଦୋସ୍ତ'ର ଶେଷ ଦଳ । ବିମାନ ବନ୍ଦରରେ କର ତାଳି ସହ ସେନାକୁ ବିଦାୟ ଜଣାଇଲେ ତୁର୍କୀ ବାସିନ୍ଦା । ଭାରତୀୟ ସେନା ସେଠାରେ ପ୍ରଂଶସନୀୟ କାମ କରି ସ୍ଥାନୀୟ ଲୋକଙ୍କ ମନ ଜିତିଥିବା ବେଳେ ତୁର୍କୀ ସରକାର ମଧ୍ୟ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି ।

# ବରିଷ୍ଠ ସି.ପି.ଆଇ. ନେତା ଲକ୍ଷ୍ମୀଧର ମହାନ୍ତିଙ୍କ ପରଲୋକ



ନୀଳଗିରି, ୨୦/୦୨ (ନି.ପ୍ର): ନୀଳଗିରିର ବରିଷ୍ଠ ସି.ପି.ଆଇ. ନେତା ଲକ୍ଷ୍ମୀଧର ମହାନ୍ତିଙ୍କର ହୃଦଘାତରେ ପରଲୋକ ହୋଇଯାଇଛି । ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତର ରାଉଳଖୁଂଟା ଗ୍ରାମରେ ଲକ୍ଷ୍ମୀଧର ମହାନ୍ତି ଜନ୍ମଗ୍ରହଣ କରିଥିବା ବେଳେ ନିଜର ଛାତ୍ର ଜୀବନରୁ ସି.ପି.ଆଇ. ଦଳର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଦଳରେ ସାମିଲ ହୋଇଥିଲେ । ସେ ଜଣେ ଚାଷୀପ୍ରେମୀ ହୋଇଥିଲା ବେଳେ କୃଷକମାନଙ୍କରର ସୁଖଦୁଃଖର ସାଥୀ ହୋଇ ସଦାସର୍ବଦା ଲଢ଼ି ଆସୁଥିଲେ। ସୋମବାର ଦିନ ସକାଳେ ଦେହ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ପ୍ରଥମେ ନୀଳଗିରି ମଡେକାଲ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ଚିକିତ୍ସିତ ଅବସ୍ଥାରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ୍ୟୁବେଳକୁ ତାଙ୍କର ୭୩ବର୍ଷ ହୋଇଥିଲା। ମୃତ୍ୟୁ ଖବର ଜଣାପଡ଼ିବା ପରେ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ମୃତ୍ୟୁ ଖବର ପାଇ ସି.ପି.ଆଇ. ଜିଲ୍ଲା ସଂପାଦକ ନିରଂଜନ ବାରିକ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସରପଂଚ ପୁରସ୍ତମ ସେଠୀ, ସମବାୟ ସଭାପତି ମନୋରଂଜନ ଦାସ, ବିଜୟ ସ, ପ୍ରଭାକର ମହାପାତ୍ର, କମଳାକାନ୍ତ ବାରିକ, ଗୌରହରି ବେହେରା, ଜୟନ୍ତ ସ, ବସନ୍ତ ରାଉଳ ପ୍ରମୁଖ ମରଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିବା ବେଳେ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ମିଜୋରାମ ପ୍ରତିଷ୍ଠା ଦିବସରେ ରାଜ୍ୟବାସୀଙ୍କୁ ବଧାଇ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୦/୦୨ : ମିଜୋରାମ ରାଜ୍ୟର ପ୍ରତିଷ୍ଠା ଦିବସ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଜୋରାମ ବାସୀଙ୍କୁ ବଧାଇ ଜଣାଇଛନ୍ତି । ଏକ ଟ୍ୱିଟ୍‌ରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ମିଜୋରାମ ପ୍ରତିଷ୍ଠା ଦିବସରେ ରାଜ୍ୟବାସୀଙ୍କୁ ବଧାଇ । ମିଜୋରାମ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ, ପରିଶ୍ରମୀ ରାଜ୍ୟବାସୀ ଏବଂ ମିଜୋ ସଂସ୍କୃତି ପାଇଁ ପରିଚିତ । ମୁଁ କାମନା କରୁଛି ଆଗାମୀ ଦିନରେ ମିଜୋରାମର ଲୋକଙ୍କ ଆକାଂକ୍ଷା ଏହିପରି ପୂରଣ ହୋଇଚାଲୁ ।


**ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର**

**Tender Notice No : TRD-KGP-W-2022-23-27. dated 17.02.2023.** ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର / ଟିଆରଡି / ଖଡ଼ଗପୁର - ୭୨୧୩୦୧ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ୧୫.୦୦ଘଣ୍ଟା ପୂର୍ବରୁ ଟେଣ୍ଡର ଗ୍ରହଣ କରାଯାଇ ୧୫.୩୦ ଘଣ୍ଟାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା** - ବାଲେଶ୍ୱର/ଟିଏସ୍‌ଏସ୍ ଖଡ଼ଗପୁର ଡିଭିଜନ୍ ଦକ୍ଷୁଣପୂର୍ବ ରେଳପଥର ୨୧.୬ ଏମ୍‌ଭିଏ ତ୍ରୁଟିପୂର୍ଣ୍ଣ ଟ୍ରାକ୍ସନ୍ ଟାନ୍ସଫର୍ମର୍/ଟିଏସ୍‌ଏସ୍ ଏବଂ ୨୧.୬/୩୦.୨୪ ଏମ୍‌ଭିଏ ଟ୍ରାନ୍ସଫର୍ମର ଉଠାଇବା, ଧଲବମ୍‌ଘର/ଟିଏସ୍‌ଏସ୍‌ର ନିର୍ମାଣ ଏବଂ କାର୍ଯ୍ୟକ୍ଷମ କରିବା । **ଟେଣ୍ଡର ମୂଲ୍ୟ :** ୧୪,୩୭,୨୦୦/- **EMD: ଟ. ୨୮,୮୦୦/** - ଟେଣ୍ଡର ପେପର୍ ମୂଲ୍ୟ : ନାହିଁ । ଅମାନତ ଟଙ୍କା : ୨,୪୭,୦୦୦/- **କାର୍ଯ୍ୟ ସରିବା ସମୟ** : ୩ମାସ । **ଜମାକରିବା ତାରିଖ** : ୧୦.୦୩.୨୦୨୩ ୧୫.୦୦ ପର୍ଯ୍ୟନ୍ତ । **ଖୋଲିବାର ତାରିଖ:** ୧୦.୦୩.୨୦୨୩ । ଇଚ୍ଛୁକ ଟେଣ୍ଡରକାରୀ ଆମର ୱେବସାଇଟ www.ireps.gov.in କୁ ଯାଇ ସମ୍ପୂର୍ଣ୍ଣ ବିବରଣୀ ପରିଦର୍ଶନ କରିପାରିବେ ଓ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ମେନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.** : ଆଶାୟୀ ଟେଣ୍ଡରର୍ ମାନେ www.ireps.gov.in କୁ ଯାଇ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ।

**PR : 1139**


# ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର : ଜିଲ୍ଲାପାଳ ଓ ଏସ୍‌ପି ଅନୁପସ୍ଥିତ : ୧୫୬ ଅଭିଯୋଗ ପଂଜିକରଣ



ଜଳେଶ୍ୱର, ୨୦/୨(ନି.ପ୍ର): ଆଜି ଜଳେଶ୍ୱର ବ୍ଲକରେ ଜିଲାପାଳ ଓ ଏସ୍‌ପିଙ୍କର ମିଳିତ ଜଣଶୁଣାଣୀ କାର୍ଯ୍ୟକ୍ରମ ଥିବାରୁ ବହୁ ବ୍ୟକ୍ତି ଅଭିଯୋଗ ଲାଗି ଆସିଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ ୧୫୬ ଅଭିଯୋଗର ପଂଜିକରଣ ହୋଇଥିବା ବେଳେ ଜିଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତି ଜନଅସନ୍ତୋଷ ସୃଷ୍ଟି କରିଥିଲା । ଘଟଣାରୁ ପ୍ରକାଶ, ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଲାଗି ରାଜ୍ୟ ସରକାର ପ୍ରତି ବ୍ଲକରେ ପ୍ରତି ୩ମାସକୁ ଥରେ ଏପରି ମିଳିତ ଜନଶୁଣାଣୀର ବ୍ୟବସ୍ଥା କରିଛନ୍ତି । ବ୍ଲକ ସ୍ତରୀୟ ସରକାରୀ କର୍ମଚାରୀ, ସରକାରୀ ବିଭାଗରୁ ନ୍ୟାୟ ପାଉନଥିଲେ ଜନସାଧାରଣ ଜିଲାର ମୁଖ୍ୟଭାବେ ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟିଆକର୍ଷଣ କରିଥାନ୍ତି । ସେମାନେ ତ୍ୱରିତ୍ ନ୍ୟାୟର ବ୍ୟବସ୍ଥା କରିବାର ସରକାରୀ ବିଧିବିଧାନ ଥିବାରୁ ଦୂର ଅଂଚଳର ଲୋକେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥାନ୍ତି । କିନ୍ତୁ ଜଳେଶ୍ୱର ବ୍ଲକରେ ଗତ ୨ଥର ଏପରି ଜନଶୁଣାଣୀରେ ଜିଲାପାଳ ଅନୁପସ୍ଥିତ ରହୁଥିବା ବେଳେ ଆଜି ଏସ୍‌ପି ମଧ୍ୟ ଅନୁପସ୍ଥିତ ଥିଲେ । ପୂର୍ବଥର ଏସ୍‌ପି ବହୁ ବିଳମ୍ବରେ ଆସିଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଥିଲା । ବାରମ୍ବାର ଅଭିଯେଗ ପରେ ମଧ୍ୟ ଲୋକଙ୍କୁ ନ୍ୟାୟ ମିଳିପାରୁନଥିବାରୁ ଲୋକଙ୍କ ମଧ୍ୟରେ ନୈରାଶ୍ୟଭାବ ଦେଖା ଦେଇଥିଲା । ଆଜି ମୋଟ ୧୫୬ଟି ଅଭିଯୋଗ ପଂଜିକୃତ ହୋଇଥିବା ବେଳେ ଏ ଗୁଡିକ ମଧ୍ୟରୁ ସର୍ବାଧିକ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଦିବ୍ୟାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରମାଣପତ୍ର, ଅଂଗନୱାଡ଼ି, ବ୍ୟାପକ ବାଲିର ଅଭାବ, ଜଳନିଷ୍କାସନ, ନିଶାନିବାରଣ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଆଇନ୍‌ଶୃଙ୍ଖଳା, ରାସ୍ତା ନିର୍ମାଣ ଇତ୍ୟାଦିରେ ଅଧିକ ଅଭିଯୋଗ ଆସିଥିଲା । ଆଜି ଏହି ଜନଶୁଣାଣିରେ ଅତିରିକ୍ତ ଜିଲାପାଳ ନିଲ ମହାପାତ୍ର, ଉପଜିଲାପାଳ ଛାବନ୍ କୋନାଲ ମୋତିରାମ, ସିଡିଓ ରବିନ୍ଦ୍ର କୁମାର ସାହୁ, ସିଡିଏମ୍‌ଓ ଦୁଲାଲ ସେନ୍ ଜଗଦେବ, ଡିଇଓ ବିଷ୍ଣୁଚରଣ ସୂତାର, ଆରଡବ୍ଲୁଏସ୍‌ଏସ୍ ଶେଷନାଗ ପ୍ରଧାନ, ଡିଡିଏଚ୍ ତପନ ମହାନ୍ତି, ସିଏସ୍‌ଓ ପ୍ରଦ୍ୟୁମ୍ନ ରାଉତରାୟ, ସିଡିଏଓ ଚନ୍ଦ୍ରମୋହନ ପାତ୍ର, ସିଡିଭିଓ ବନମାଳି ସାହୁ, ଡିପିଓ ପୂର୍ଣ୍ଣଚନ୍ଦ୍ର ବେହେରା, ଡିଏସ୍‌ଡବ୍ଲୁ କୁନ୍ତଳାକୁମାରୀ ମଲ୍ଲିକ, ତହସିଲଦାର ମିହିର ରଂଜନ ବେହେରା, ବିଡିଓ ପୁନମ ରାଉତ, ଆଇଆଇସି ରୋଜାଲିନ ବେହେରା, ରାଇବଣିଆ ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା, ରେଞ୍ଜର ଜୟଶ୍ରୀ ମୁର୍ମୁ, ଯୋଗାଣ ଅଧିକାରୀ ସାଗରିକା ରାଉତରାୟ, ଏଫଓ ପ୍ରିୟଙ୍କା ସାହୁଙ୍କ ସହିତ ଜଳ ସମ୍ପଦ, ଉଠାଜଳସେଚନ, ଆର୍‌ଡବ୍ଲୁଡି, ପିଏଚ୍‌ଡି, ଏମ୍‌ଆଇ ଡିଭିଜନ୍, ଅବକାରୀ, ମତ୍ସ୍ୟ, ବିଦ୍ୟୁତ୍, ଶିକ୍ଷା, ମହିଳା ଓ ଶିଶୁ, ଡିଆର୍‌ଡିଏସ୍, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ଥାନୀୟ କର୍ମଚାରୀମାନେ ଯୋଗ ଦେଇଥିଲେ। ବିଜେପି, କଂଗ୍ରେସ ଓ କେତେକ ରାଜନୈତିକ ନେତୃସ୍ଥାନୀୟ ବ୍ୟକ୍ତି ଏପରି ଜନଶୁଣାଣୀକୁ ସମାଲୋଚନା କରିଥିବା ବେଳେ ଅତିରିକ୍ତ ଜିଲାପାଳଏପରି ଜନଶୁଣାଣୀ ଦ୍ୱାରା ଲୋକେ ଉପକୃତ ହେଉଥିବା କହିଛନ୍ତି ।

ମଙ୍ଗଳବାର, ଫେବୃଆରୀ ୨୧, ୨୦୨୩

# ଧ୍ୱନି ପ୍ରତିଧ୍ୱନି

## ବିଏମସି ସମ୍ମୁଖରେ ବିଜେପି କର୍ପୋରେଟରଙ୍କ ଧାରଣା

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ରାଜଧାନୀବାସୀଙ୍କୁ ମୌଳିକ ସୁବିଧା ଦେବାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି ) ବୋଲି ଅଭିଯୋଗ କରିଚି ବିଜେପି। ନିର୍ବାଚିତ ୱାର୍ଡ କର୍ପୋରେଟରଙ୍କୁ ଅନ୍ଧାରରେ ରଖି ବିଏମସି ମେୟର ଦଳିୟ ଭିତିରେ ସମସ୍ତ କାର୍ଯ୍ୟ କରୁଛନ୍ତି। ଏହାର ପ୍ରତିବାଦ କରି ସୋମବାର ଭୁବନେଶ୍ୱର ମହାନଗର ନିଗମର ସମସ୍ତ ୧୦ ବିଜେପି କର୍ପୋରେଟର ବିଏମସିର ନୂତନ କାର୍ଯ୍ୟାଳୟ ସମ୍ମୁଖରେ ଦିନତମାମ ଧାରଣାରେ ବସିବା ସହ ମେୟରଙ୍କ ନିଷ୍ପତିକୁ ପ୍ରତିବାଦ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ରାଜ୍ୟ ରାଜଧାନୀ ବର୍ତମାନ ମଶାଙ୍କ ଅନ୍ତୁଡିଶାଳ ପାଲଟିଛି। ଡେଙ୍ଗୁ ଓ ମ୍ୟାଲେରିଆରେ ଶହଶହ ଲୋକଙ୍କ ଜୀବନ ଯିବାପରେ ମ୍ଧ ବିଏମସି ନିଦାବିଷ୍ଟ । ବିଏମସି ମିଟିଂରେ ସ୍ୱୟଂ ମେୟର ଗୃହକୁ ଜଣାଇଥିଲେ ବିଭିନ୍ନ ୱାର୍ଡରେ ବିକାଶ ପାଇଁ ପ୍ରସ୍ତୁତ ପ୍ରକଳ୍ପର କାର୍ଯ୍ୟାଦେଶ ଏକମାସ ମଧ୍ୟରେ ମିଳିବା ସହ ୩ ମାସ ମଧ୍ୟରେ କାମ ସରିବା ପାଇଁ ନିର୍ଦେଶ ଦେବାର ୯ ମାସ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟାଦେଶ ମିଳି ପାରିନାହିଁ । ସେହିପରି ଆର୍ଥିକ ଅନଗ୍ରସର ଓ ବିକଳାଙ୍ଗଙ୍କ ପାଇଁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ବାର୍ଧକ୍ୟ ଭତା, ବିକଳାଙ୍କ ଭତା ଓ ବିଧବା ଭତା ପ୍ରଦାନ ସଠିକ ସମୟରେ କରା ଯାଉନାହିଁ । ଏହି ଘଟଣାକୁ ବିଜେପି କର୍ପୋରେଟରମାନେ ମେୟର ଓ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ଉତର ମିଳୁନାହିଁ । ବର୍ଷାଋତୁ ଆସିଲେ ରାଜଧାନୀରେ ଅପ୍ରାକୃତିକ ବନ୍ୟା ସହ ହଜାର ହଜାର ସଙ୍ଖ୍ୟାରେ ପରିବାର ଜଳବନ୍ଦୀ ହୋଇ ଅତି ଦୟନିୟ ଅବସ୍ଥାରେ ଆଉଟପାଉଟ ହେବା କାହାକୁ ଅଛପାନାହିଁ । ଏହାର ପ୍ରମୁଖ କାରଣ ହେଉଚି ୱାର୍ଡରେ ଥିବା ଡ୍ରେନେଜ୍ ସମସ୍ୟା ଆଗକୁ ବର୍ଷାଦିନ ଆସୁଥିବା ହେତୁ ଏ ନେଇ କମିଶନରଙ୍କୁ ଲିଖିତଭାବେ ଅବଗତ କରାଇ ଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହାର କୌଣସି ଉତ୍ତର ନମିଳିବାକୁ ନେଇ କମିଶନରଙ୍କ ଦାୟିତ୍ୱବୋଧତାକୁ ନେଇ ବିଜେପି ପ୍ରଶ୍ନ କରିଛି । ଆଜି ଏ ନେଇ ମେୟରଙ୍କୁ ବିଏମସି ବୈଠକରେ ବିଜେପି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ ।

## ସାମ୍ବାଦିକ ପରିବାରର ଆନ୍ଦୋଳନ ପହଂଚିଲା ୩୬ ଦିନରେ



ଉଦଳା, ୨୦/୦୨ (ନି.ପ୍ର): କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ଭଗବାନ ବେହେରାଙ୍କ ବଦଳି ଦାବୀ କରି ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ଗତ ଜାନୁଆରୀ ୧୬ ତାରିଖ ସୋମବାର ଠାରୁ ଧାରଣାର ପର୍ବ ଆରମ୍ଭ ହୋଇଛଇ । କଳାବ୍ୟାଚ ପରିଧାନ ପୂର୍ବକ ଏହିପରି ପ୍ରତି ସୋମବାର ଦିନ ଉଦଳାସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରୀ ରହିଛି । ତେବେ ଆଜି ଫେବୃଆରୀ ୨୦ ତାରିଖ ସୋମବାରକୁ ଏହି ଧାରଣା ୩୬ ଦିନରେ ପହଂଚିଥିବା ବେଳେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଧାରଣା ସ୍ଥଳକୁ ଆସି କିଛି ସମୟ ସାମ୍ବାଦିକ ମାନଙ୍କ ସହିତ ଦୁଃଖ ସୁଖ ଆଲୋଚନା କରି ଏ ବାବଦରେ ବିଧାନସଭାରେ ପ୍ରଶ୍ନ କରିବାର ପ୍ରତିଶୃତି ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯଜ୍ଞନାରାୟଣ ମହାନ୍ତି ଓ ଦୁର୍ଗା ଟୁଡୁ ମଧ୍ୟ ଆଜି ଧାରଣା ସ୍ଥଳକୁ ଆସି ଧର୍ଯ୍ୟର ସହିତ ସାମ୍ବାଦିକ ମାନେ ଆନ୍ଦୋଳନ ଜାରୀ ରଖିଥିବାରୁ କୃତଜ୍ଞତା ଜଣାଇଥିଲେ । ଆଜି ଧାରଣା ପର୍ବକୁ ସଫଳ କରିବା ପାଇଁ ସନ୍ତୋଷ ବାଛିନୀ, ଜଗବନ୍ଧୁ ପ୍ରଧାନ, ଅରୁଣ ମହାନ୍ତି, ହିମାଦ୍ରୀ ଶେଖର ପାଲ, ସୁବ୍ରତ କୁମାର ମହାନ୍ତି, ଦିନବନ୍ଧୁ ବାରୀକ, ନମିତା ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ମିଳିତ ଜନଶୁଣାଣି ଶିବିରରେ ୯୨ ଅଭିଯୋଗ

ଭଦ୍ରକ, ୨୦/୦୨ (ନି.ପ୍ର): ଭଦ୍ରକ ବ୍ଲକ୍ ସମ୍ମିଳନୀ କକ୍ଷରେ ଆଜି ଆୟୋଜିତ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ସମୁଦାୟ ୯୨ଟି ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ଉପସ୍ଥିତ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ୧ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୮୮ଟି ଅଭିଯୋଗ ଥିଲା ବେଳେ ୪ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ସି.ଡ଼ି.ଓ. ପ୍ରତାପ ପ୍ରୀତୀମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ ।

## ରଜନୀ ରଞ୍ଜନଙ୍କ ଗତ ତିନି ଦଶନ୍ଧିର ଓଡ଼ିଆ ଚଳଚ୍ଚିତ୍ରର ସ୍ମୃତି ଓ ଅନୁଭୂତିର ଆଲେଖ୍ୟ 'ଚିତ୍ର-ଚରିତ୍ର-ଚିତ୍ରଶାଳା' ଉନ୍ମୋଚିତ




ଭୁବନେଶ୍ୱର, ୨୦/୦୨ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ସହିତ ଜଡ଼ିତ ସମସ୍ତେ ଓଡ଼ିଆ ଚଳଚ୍ଚିତ୍ରର ଇତିହାସକୁ ପଢ଼ିବା ଆବଶ୍ୟକ ଓ ଓଡ଼ିଆ ଚଳଚ୍ଚିତ୍ର ଉପରେ ଅଧିକରୁ ଅଧିକ ଗବେଷଣା ହେବା ଜରୁରୀ । ସଂପ୍ରତି ଓଡ଼ିଆ ଚଳଚ୍ଚିତ୍ରର ଚର୍ଚ୍ଚିତ ଗୀତିକାର ଓ ସଂଳାପକାର ଡ.ରଜନୀ ରଞ୍ଜନଙ୍କ ଲିଖିତ ପୁସ୍ତକ 'ଚିତ୍ର ଚରିତ୍ର ଚିତ୍ରଶାଳା'ର ଲୋକାର୍ପଣ ଉତ୍ସବରେ ଯୋଗଦେଇ ଅତିଥିମାନେ ଓଡ଼ିଆ ଚଳଚ୍ଚିତ୍ର ଉପରେ ଆଲୋଚନା କରିଥିଲେ । 'ଚିତ୍ର ଚରିତ୍ର ଚିତ୍ରଶାଳା' ଡ. ରଜନୀ ରଞ୍ଜନଙ୍କ ଓଡ଼ିଆ ଚଳଚ୍ଚିତ୍ରରେ ଗତ ତିନି ଦଶନ୍ଧିର ସଂପୃକ୍ତିର ସ୍ମୃତି ଅନୁଭୂତିର ଆଲେଖ୍ୟ । ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟର ଲୋକାର୍ପଣ ଉତ୍ସବରେ ବନୋଜ ତ୍ରିପାଠୀଙ୍କ ପରିଚାଳନାରେ ପ୍ରଖ୍ୟାତ ସିନେ ନିର୍ଦ୍ଦେଶକ, ଅଭିନେତା ଶ୍ରୀ ପ୍ରଶାନ୍ତ ନନ୍ଦ ଉଦ୍‌ଘାଟକ ଭାବରେ ଯୋଗ ଦେଇଥିବା ବେଳେ ସୁନାମଧନ୍ୟ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଶ୍ରୀ ସବ୍ୟସାଚୀ ମହାପାତ୍ର, ପ୍ରମେୟ ଖବରକାଗଜର ସମ୍ପାଦକ ବରିଷ୍ଠ ସାମ୍ବାଦିକ ଶ୍ରୀ ଗୋପାଳକୃଷ୍ଣ ମହାପାତ୍ର ଏବଂ ବିଶିଷ୍ଟ କବି ଶ୍ରୀ ଅମରେଶ ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇଥିଲେ । ପ୍ରାରମ୍ଭରେ ଅଭିନେତ୍ରୀ ତଥା ନୃତ୍ୟଗୁରୁ ପ୍ରତିଭା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗାୟିକା ଛନ୍ଦା ମିଶ୍ର ରଜନୀ ରଞ୍ଜନଙ୍କ ଲିଖିତ 'ବୋଉ' ଚଳଚ୍ଚିତ୍ରର ଶୀର୍ଷକ ଗୀତ ଏବଂ ଲଭ୍ ଡଟ୍ କମ୍ ଚଳଚ୍ଚିତ୍ରର ଚର୍ଚ୍ଚିତ ଗୀତ 'ସବୁ ପାପର ପ୍ରାୟଶ୍ଚିତ ଥାଏ' ଗାନ କରିଥିଲେ । ପରିଶେଷରେ ବୋଉ ଫାଉଣ୍ଡେସନର ଅଧ୍ୟକ୍ଷ ଅତୀସ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଲୋକାର୍ପଣ ଉତ୍ସବରେ ବହୁ ସାହିତ୍ୟିକ ତଥା ଚଳଚ୍ଚିତ୍ର ସହ ଜଡ଼ିତ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ ।

## ଦିବଂଗତ ଶ୍ରମିକନେତା ତାରାକାନ୍ତ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୨୦/୦୨ (ନି.ପ୍ର): ପାୱାର ଏମ୍ପ୍ଲଯିଜ୍ ୟୁନିୟନ୍‌ର ସାଧାରଣ ସଂପାଦକ ଦିବଂଗତ ତାରାକାନ୍ତ ପଟ୍ଟନାୟକଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ବାଲିଆ ସ୍ଥିତ ସଂଘ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ୟୁନିୟନର ସଭାପତି ଜଗଦୀଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁଦର୍ଶନ ଜେନା, ସଂଘର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଏଆଇଟିୟୁସିର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପଟ୍ଟନାୟକଙ୍କ ଜୀବନାଦର୍ଶ ଓ ବିଦ୍ୟୁତ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ଦିଗରେ ତାଙ୍କର ଦୀର୍ଘବର୍ଷର ଉଦ୍ୟମ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସୁରେଶ ଚନ୍ଦ୍ର ବେହେରା, ବଟକୃଷ୍ଣ ଜେନା, ନିମାଇଁ ଚରଣ ରାଉତରାୟ, ହରିଶ୍ ଚନ୍ଦ୍ର ଦାସ ଓ ଉମାକାନ୍ତ ପଢ଼ିଆରୀ, ଗୋଲକ ଚନ୍ଦ୍ର ସାମଲ, ଭରତ ଚନ୍ଦ୍ର ସେଠୀ, ନିଗମାନନ୍ଦ ରାଉତ, ଦେବାଶିଷ ଦେବଗୋସ୍ୱାମୀ, ସତ୍ୟନାରାୟଣ ବେହେରା ଓ ଦେବାଶିଷ ପଣ୍ଡା, ଟିପିଏନ୍‌ଓଡିଏଲ୍‌ର ଅଧୀକ୍ଷଣ ଯନ୍ତ୍ରୀ ଇଂ. ସିଦ୍ଧାର୍ଥ ଶଙ୍କର ରାୟ, ନିର୍ବାହୀ ଯନ୍ତ୍ରୀ ଇଂ. ଅମରେଶ ଚନ୍ଦ୍ର ଶତପଥୀ, ଇଂ. ଦେବାଶିଷ ପୁହାଣ, ଲକ୍ଷ୍ମୀଧର ମାଝୀ, ଏଜିଏମ୍ ଇଂ. ରତିରଞ୍ଜନ ରାଉତ, ମାନବ ସମ୍ବଳ ଅଧିକାରୀ ମାନସ ରଂଜନ ସ୍ୱାଇଁ, ଆଇନ ପରାମର୍ଶଦାତା ଅରୁଣ କୁମାର ଦାସ ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ସ୍ୱର୍ଗତ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ଓ ଲୋକପ୍ରିୟତାକୁ ଆଦର୍ଶ ଭାବେ ଗ୍ରହଣ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ପୁରାତନ ଛାତ୍ରମାନଙ୍କ ବନ୍ଧୁମିଳନ ସମାରୋହ

ନୀଳଗିରି, ୨୦/୦୨ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ବଣଭୂଇଁର ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ ସମାରୋହ ମହାସମାରୋହରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହକୁ ପୂର୍ବତନ ପ୍ରଧାନଶିକ୍ଷକ ବ୍ରଜକିଶୋର ରାଉତ ପ୍ରଦୀପ ପ୍ରଜ୍ୱଳନ କରି ବନ୍ଧୁମିଳନ ସମାରୋହକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟରର ପ୍ରଧାନଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଦୋଳଗୋବିନ୍ଦ ମହାନ୍ତି, ଅଜିତ ପାତ୍ର ସମେତ ବହୁ ଅବସରପ୍ରାପ୍ତ ଶିକ୍ଷକ ମଂଚାସୀନ ରହି ପୁରାତନ ଛାତ୍ର ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ପୁରାତନ ଛାତ୍ରସଂସଦର ସଭାପତି ରତିକାନ୍ତ ମଲିକ, ସଂପାଦକ ସୁଧାକର ବେହେରା ପ୍ରମୁଖ ନିଜ ଛାତ୍ର ଜୀବନର କାହାଣୀକୁ ବଖାଣିଥିଲେ । ଏହି ଅବସରରେ ସଂସଦ ସଦସ୍ୟ ପ୍ରୀୟରଂଜନ ରାଉତ, ଚୈତନ୍ୟ ମାଝୀ, ଜିତେନ୍ଦ୍ର ସିଂ, ଆନନ୍ଦ କୁମାର ବେହେରା, ପ୍ରଦୀପ କୁମାର ସିଂ, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ସ୍ୱପ୍ନେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବସ୍ତା, ୨୦/୦୨ (ନି.ପ୍ର): ଇଡିଦା ପଞ୍ଚାୟତ ସ୍ଥିତ ଗମ୍ଭାଲୁଣ୍ଡି ବାବା ସ୍ୱପ୍ନେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏକଦିବସିୟ କ୍ରିକେଟ ଟୁନା ମେଣ୍ଟ ପ୍ରତି ଯୋଗିତା ଉଯାପିତ ହୋଇଯାଇଅଛି ।ଏହି ପ୍ରତିଯୋଗିତାରେ ପୁଟୁରା ଏବଂ ଦାଣ୍ତି ମଧ୍ୟରେ ୧୦-୧୦ ଓଭର ଖେଳ ହୋଇଥିଲା । ଯାହା ଫଳରେ ଅତି ସହଜ ଭାରେ ପୁଟୁର ଦଳଦାଣ୍ତି ଦଳକୁ ହରାଇ ପ୍ରଥମସ୍ଥାନ ଅଧିକାର କରିଥିଲେ । ଦ୍ୱିତୀୟ ସ୍ଥାନରେ ଦାଣ୍ତି କ୍ରିକେଟ ଟିମ ଅଧିକାର କରିଥିଲେ । ପ୍ରଥମ ଦଳକୁ ଟ୍ରଫି ଓ ମାନ ପତ୍ର ଓ ଦ୍ୱିତିୟ ଦଳକୁ ସାନ୍ତ୍ୱୋନା ମୂଳକ ପୁରସ୍କାର ଅତିଥି ମାନେ ପ୍ରଦାନକରିଥିଲେ । ଏନେଇ ଏକ ସଭାର ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥିଭାବେ ଇଡିଦା ସରପଞ୍ଚ ଦେବୀ ପ୍ରସନ୍ନଭଞ୍ଜ ମୁଖ୍ୟବକ୍ତା ଅଧ୍ୟକ୍ଷ ପ୍ରାଣକୃଷ୍ଣ ବେହେରା ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଗମ୍ଭାଲୁଣ୍ଡି ଗ୍ରାମର କିଶୋରକୁମାର ବେହେରା, ଇଡିଦା ଗ୍ରାମର ଦେବାଶିଷ ସେଠୀ ଖେଳ ପରିଚାଳନା କରିଥିଲେ । ବାଦଲ ବେହେରା, ଅମରେନ୍ଦ୍ର ବେହେରା, ଶାନ୍ତନୁ ବେହେରା, ରାଜେଶ ବେହେରା, ଦୂର୍ଗାଶଙ୍କର ନାଥ, ଭବାନୀ ଶଙ୍କର ପରିଡା, ସମେତ କ୍ଲବର ସମସ୍ତ ମେମ୍ବର ପରିଚାଳନା ଦାୟିତ୍ୱ ବହନ କରିଥିଲେ ।

## ଶିଳ୍ପୀ ବିକାଶ ମହୋତ୍ସବ ଓ କୁଂଜମେଳା ଉଦ୍‌ଯାପିତ



ଜଳେଶ୍ୱର, ୨୦/୦୨ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଂଚାୟତର ଶାଳିକୋଠାସ୍ଥିତ ଶିଳ୍ପୀଧାମଠାରେ ବିଣାପାଣି ପୂଜାକମିଟି ପକ୍ଷରୁ ଶିଳ୍ପୀ ବିକାଶ ମହୋତ୍ସବ ଓ କୁଂଜମେଳା ଉଦ୍‌ଯାପିତ ହୋଇଛି । ଏଥିରେ ଓଷ୍ଟାର ବ୍ଲକ ସଂପାଦକ ଡ. ଅଜିତ୍ ମହାନ୍ତି ଅଧ୍ୟକ୍ଷତା କରିଥିଲେ । କଂଗ୍ରେସ ନେତା ତଥା ସ୍ତମ୍ଭକାର ସୁଦର୍ଶନ ଦାସ ମୁଖ୍ୟ ଅତିଥି , ସମାଜସେବୀ ଓ ସାମ୍ବାଦିକ ସତ୍ୟଶିବ ଦାସ ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ସମାଜରେ ଆତ୍ମ ବିଶ୍ୱାସର ସଂକଟ ସୃଷ୍ଟି ହୋଇଥିବା ବେଳେ ଶିଳ୍ପୀଟିଏ ଆତ୍ମବିଶ୍ୱାସକୁ ନେଇ ଜୀବନ୍ତ ସର୍ଜନା କରିବା ସହିତ ନିଜେ ବଂଚିଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତପ ପୌରପାଳ ପ୍ରବୀର ପ୍ରଧାନ, ସମୀର ପାତ୍ର, ଆଇନ୍‌ଜିବୀ ଜିତାଂଶୁ ନନ୍ଦୀ, ସାମ୍ବାଦିକ ରାଜେଶ ପ୍ରଧାନ, ଆଲୋକ ଘଡେଇ, ଭୋଳାନାଥ ସିଂ, ଦିଲ୍ଲିପ ଗିରି, ସରପଂଚ ତପନୀ ଭୂୟାଁ, ଶରତ ପଣ୍ଡା, ଭୂପତି ମହାନ୍ତି, ଗଣେଶ ପରିଡା, ମଧୁଛନ୍ଦା ମହାନ୍ତି, ଶ୍ରୀକଣ୍ଠ ମହାନ୍ତି, ରାଜେନ୍ଦ୍ର ପାତ୍ର, ବଂଶୀଧର ବାରିକ, ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ରଥ ଉପସ୍ଥିତ ଥିଲେ । ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅପ;ଣ କରିଥିବା ବେଳେ ଶିଳ୍ପୀଗୁରୁ ବସନ୍ତ ଦାସ, କେଶବ ଜେନାଙ୍କୁ ସମ୍ମାନୀତ କରାଯାଇଥିଲା । ଅଷ୍ଟମ ସଂଧ୍ୟାରେ ଦିଲ୍ଲିପ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ସିଦ୍ଧାର୍ଣ ଶଂକର ପାଳ ଓ ମୁଖ୍ୟବକ୍ତାଭାବେ ସାମ୍ବାଦିକ ଅମର ଆଚାର୍ଯ୍ୟ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ଅଜିତ୍ ଦାସ, ସତ୍ୟବ୍ରତ ସୋମ, ତପନ ବିଶ୍ୱାଳ, ଡ. ଅଜିତ୍ ମହାନ୍ତି ବକ୍ତବ୍ୟ ରଖିଥିଲେ । ଅନୁପ ପଣ୍ଡା ମଂଚ ଆହ୍ୱାନ ଓ ପ୍ରଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ନେହେରୁ ଯୁବକେନ୍ଦ୍ର ଦ୍ୱାରା ଜିଲ୍ଲାସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମ

ଭଦ୍ରକ, ୨୦/୦୨ (ନି.ପ୍ର): ନେହେରୁ ଯୁବକେନ୍ଦ୍ର, ଭଦ୍ରକ ଦ୍ୱାରା ଗତ କାଲି ତା ୧୯.୨.୨୩ରିଖ ରବିବାର ଦିନ ଜିଲ୍ଲାସ୍ତରୀୟ ଏକ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଏଡି କ୍ରୀଡ଼ା ପ୍ରତିଯୋଗିତାକୁ ଭଦ୍ରକ ମହାବିଦ୍ୟାଳୟର ଅଧ୍ୟାପକ ଶୁଭେନ୍ଦୁ କୁମାର ବରାଳ ଏବଂ ପି.ଇ.ଟି. ସନ୍ଧ୍ୟାରାଣୀ ମଲ୍ଲିକ୍ ଉଦ୍‌ଘାଟନ କରିଥିଲେ । ପୁରୁଷ ବର୍ଗରେ ଭଲିବଲ, କବାଡ଼ି, ୧୦୦ ମିଟରର ଏବଂ ୨୦୦ ମିଟରର ଦୌଡ଼ ସହ ମହିଳା ବର୍ଗରେ ୧୦୦ ମିଟରର ଦୌଡ଼କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡ଼ା ପାଇଁ ପୁରସ୍କାର ବିତରଣ ସଭାରେ ସଭାପତିତ୍ୱ କରିଥିଲେ ଜିଲ୍ଲା ଯୁବ ଅଧିକାରୀ ବିଘ୍ନେଶ ଏମ୍ ଏବଂ ମୁଖ୍ୟ ଅତିଥି ଭାବେ ଭଦ୍ରକ ପୌର ପରିଷଦର ଅଧ୍ୟକ୍ଷା ଗୁଲମକୀ ଦଲୱାଜି ହବିବ୍ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଅନ୍ୟତମ ଅତିଥି ଭାବେ ସହାୟକ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ାଧିକାରୀ ଅନୂପ କୁମାର ବେହେରା, ସପ୍ତମ ଏନ୍.ସି.ସି.ବାଟାଲିଅନ୍‌ର ସିନିୟର ଆସିଷ୍ଟାଣ୍ଟ ରବିନାରାୟଣ ପଣ୍ଡା, ଏଥିରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ସ୍ୱେଚ୍ଛାସେବୀ ସତ୍ୟବ୍ରତ ଦାସ ଓ ମାଧବାନନ୍ଦ ନାଥ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ ।

## ଲଘୁ ଖଣିଜ ସଂପଦ ଅଭାବର ସମାଧାନ ନ ହେଲେ ଆସନ୍ତା ୨୩ରେ ଶାନ୍ତିପୂର୍ଣ୍ଣ ଧାରଣା ପାଇଁ ଚେତାବନୀ

ନୀଳଗିରି, ୨୦/୦୨ (ନି.ପ୍ର): ଜିଲ୍ଲାର ବିକାଶ ମୂଳକ କାର୍ଯ୍ୟରେ ଆବଶ୍ୟକୀୟ ଲଘୁ ଖଣିଜ ସଂପଦ ଅଭାବ ସଂକଟକୁ ସମାଧାନ ପାଇଁ ବାଲେଶ୍ୱର ଜିଲ୍ଲା ଟ୍ରକ, ଖାଦାନ ଓ କ୍ରସର ମାଲିକ ମହାସଂଘ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାରେ ଲଘୁ ଖଣିଜ ସଂପଦ ଯଥା- ବାଲି, ଚିପ୍‌ସ, ମେଟାଲ, ମୋରମ ଉତ୍ସ ନ ଥିବା ଯୋଗୁଁ ଘରୋଇ ତଥା ସରକାରୀ ପ୍ରକଳ୍ପ ନିର୍ମାଣରେ ବାଧକ ସାଜିଛି । ପରିବହନ କରୁଥିବା ଶତାଧିକ ଟ୍ରକ, ଡମ୍ପର, ମିନିଟ୍ରକ, ଟ୍ରାକ୍ଟର ଆଦି ବେକାର ହୋଇ ପଡ଼ିଥିବା ବେଳେ ଏହା ଉପରେ ନିର୍ଭର କରି ଚଳୁଥିବା ଶ୍ରମିକ ଏବଂ ତାଙ୍କ ପରିବାର ବେରୋଜଗାର ହୋଇପଡ଼ିଛନ୍ତି । ବହୁ ମାଲିକ ବିଭିନ୍ନ ବ୍ୟାଙ୍କରୁ ଋଣ ଆଣି ଗାଡ଼ି କିସ୍ତି ଦେବା ତ ଦୂରର କଥା ପରିବହନ କ୍ଷେତ୍ରରେ କୌଣସି ଉତ୍ସ ନ ଥିବାରୁ କିସ୍ତି ଶୁଝିବା ପାଇଁ ମୁଣ୍ଡରେ ହାତ ହୋଇ ବସିଛନ୍ତି । ଅପରପକ୍ଷେ ଲଘୁ ଖଣିଜ ସଂପଦକୁ ଆବଶ୍ୟକ ଟଙ୍କା ଦାଖଲ କରି ନିଲାମ ନେଇଥିବା ମାଲିକମାନଙ୍କୁ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଉ ନାହିଁ । ଫଳରେ ପଡ଼ୋଶୀ ଜିଲ୍ଲାରୁ ଖଣିଜ ସଂପଦ ପରିବହନ କରିବାକୁ ବାଧ ହେଉଛନ୍ତି । ସେସବୁ ମାଲକୁ ପରିବହନ କରିବାକୁ ନିରୀହ ଟ୍ରକ, ଡମ୍ପର , ଟ୍ରାକ୍ଟର ମାଲିକମାନଙ୍କୁ ହିନସ୍ତା ହେବାକୁ ପଡୁଛି । ଜିଲ୍ଲାର ବିକାଶମୂଳକ ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକୀୟ ଲଘୁ ଖଣିଜ ସଂପଦ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରି ସମସ୍ତ ସମସ୍ୟାର ସମାଧାନ ପାଇଁ ମହାସଂଘ ପ୍ରଶାସନ ସମସ୍ତ ସମସ୍ୟାର ସମାଧାନ ନ କରନ୍ତି, ଆସନ୍ତା ୨୩ ତାରିଖରୁ ଜିଲ୍ଲାର ସମସ୍ତ ପ୍ରଶାସନିକ ଦପ୍ତର ଆଗରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦେବା ପାଇଁ ଚେତାବନୀ ଦିଆଯାଇଛି ।

## ଗାଁ ପିଲାଙ୍କ ନିଖୁଣ ଅଭିନୟରେ ଝୁମିଲେ ଦର୍ଶକ



ଅମର୍ଦ୍ଦାରୋଡ, ୨୦/୦୨ (ନି.ପ୍ର): ମହାଶିବରାତ୍ରୀ ଦିନ ଠାରୁ ଲାଗିରହିଛି ଆଜି ପ୍ରଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ। ଗାଁ ଠାରୁ ସହର ସବୁଠି ଚଳ ଚଞ୍ଚଳ,ସବୁ ଶୈବପୀଠରେ ଲାଗି ରହିଥିଲା ଭକ୍ତଙ୍କ ଭିଡ଼ି, ତେବେ ଭକ୍ତ ମାନଙ୍କ ଭିତରେ ଉତ୍ସାହ ଆଣିବା ପାଇଁ ପିଠ ପରିସରରେ ? ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ମନ୍ଦିର କମିଟି, ତେବେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଝିଞ୍ଚିପୁରା ବଟେଶ୍ୱର ଶୈବପୀଠ ପରିସରରେ ମନ୍ଦିର କମିଟି ଦ୍ୱାରା ଗାଁ ପିଲାଙ୍କୁ ନେଇ ଆୟୋଜନ କରିଥିବା ନାଟ୍ୟ କାର୍ଯ୍ୟକ୍ରମ ଚର୍ଚ୍ଚାର ବିଷୟ ପାଲଟିଛି, ପିଲା ମାନଙ୍କ ନିଖୁଣ ଅଭିନୟରେ ଝୁମିଥିଲେ ଦର୍ଶକ,ଆଖିରୁ ବହି ଯାଉଥିଲା ଧାର ଧାର ଲୁହ, ତେବେ ଗାଁ ପିଲାଙ୍କ ଅଭିନିତ ବିଶ୍ୱନାଥ ବେହେରାଙ୍କ ନିର୍ଦ୍ଦେଶିତ ନାଟକ 'ଭାଙ୍ଗିଲା ସଂସାର ଯୋଡ଼ିବ କିଏ', ନାଟକଟି ଏମିତି ଅଶୃବହୁଳ ଥିଲା ଯେ ଦର୍ଶକ ମାନଙ୍କ ମନକୁ ବେସ ଛୁଇଁଥିଲା, ଦର୍ଶକ ମାନେ ଜାଣି ପାରିନଥିଲେ ଏହା ଗାଁ ପିଲାଙ୍କ ଅଭିନିତ ନାଟକ ନା କୌଣସି ନାଟ୍ୟ ସଂସ୍ଥା ଦ୍ୱାରା ପରିବେଷିତ ନାଟକ, ନାଟକ ଚାଲୁଥିବା ବେଳେ ନିର୍ଦ୍ଦେଶକ ବିଶ୍ୱନାଥ ବେହେରାଙ୍କ ସମେତ ଅନେକ କଳାକାର ? ମଧ ପୁରସ୍କୃତ ହୋଇଥିଲେ, ନାଟକର ପରିବେଷଣ ସରୁସରୁ ୩ ଟି ସ୍ଥାନରୁ ନାଟକ ? ପରିବେଷଣ ପାଇଁ ନିମନ୍ତ୍ରଣ ମଧ ଆସିଥିଲା, ବିଶ୍ୱନାଥ ବେହେରାଙ୍କ ନିର୍ଦ୍ଦେଶିତ ନାଟକରେ ଅଭିନୟ କରିଥିବା କଳାକାର ମାନେ ହେଲେ, ନାୟକ ଭୂମିକାରେ ରଞ୍ଜନ କୁମାର ବେହେରା, ସହ ନାୟକ ସୁବ୍ରତ କୁମାର ବାରିକ, ଗଗନ ବେହେରା, ଶିବ ସେନାପତି, ସଞ୍ଜିତ ସାମଲ, ଖଳନାୟକ ଅନିରୁଦ୍ଧ ବେହେରା, ସହ ଖଳନାୟକ ନିରଞ୍ଜନ ଗିରି, ହାସ୍ୟ ଅଭିନେତା ଜଗନ୍ନାଥ ଗିରି, ରଞ୍ଜନ ବେହେରା (ମାନବ), ନିରଞ୍ଜନ ସେନାପତି, ପୋଲିସ ଇନ୍ସପେକ୍ଟର ସୁବଳ ବାରିକ, ବାପା ଭୂମିକାରେ ପରିକ୍ଷିତ ବେହେରା, ଗୋପାଳ ବେହେରା, କୁମୁଦ ବେହେରା, ଗୌତମ ବେହେରା, ପାଗଳ ଭୂମିକାରେ ହେମନ୍ତ ଗିରି, ଶିଶୁ କଳାକାର ରିତେଶ ଗିରି, ମାନସି ପଣ୍ଡା, ଆକାଶ ବାରିକ, ଆୟୁଷ ବାରିକ,ବିବେକ ବାରିକ, ଶୁଭ୍ରାଂଶୁ ବାରିକ, ନାରି ଭୂମିକାରେ ମାମି, ସନ୍ଧ୍ୟା, ଟିନା, ଜୟନ୍ତୀ ପ୍ରମୁଖ ଅଭିନୟ କରିଥିଲେ।

## ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମାମଲାରେ ହସ୍ତକ୍ଷେପ କରିବେନି ହାଇକୋର୍ଟ

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ଅଭିନେତା ବାବୁସାନ, ପତ୍ନୀ ଓ ପ୍ରକୃତି ମିଶ୍ର ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ହାଇକୋର୍ଟ। ବାବୁସାନଙ୍କ ପତ୍ନୀ ତୃପ୍ତି ଓ ତାଙ୍କ ଶ୍ୱଶୁରଙ୍କ ବିରୋଧରେ ପ୍ରକୃତି କରିଥିବା ମାମଲାରେ ହସ୍ତକ୍ଷେପ କରିବାକୁ ମନାକଲେ ହାଇକୋର୍ଟ। ସମ୍ପୃକ୍ତ ମାମଲାରେ ଡିସିପି ନିଷ୍ପତି ନେବେ ବୋଲି କୋର୍ଟ କହିଛନ୍ତି । ବାବୁସାନଙ୍କ ପତ୍ନୀ ଓ ଶ୍ୱଶୁର ତାଙ୍କୁ ଆକ୍ରମଣ କରିଥିବା ନେଇ ପ୍ରକୃତି ଅଭିଯୋଗ କରି ଏତଲଣ ଦେଇଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ନନେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ପ୍ରକୃତି।

## ବାଲେଶ୍ୱରରୁ ହରିଦ୍ୱାର-ଋଷିକେଶ ଯାତ୍ରା କଲେ ୯୭୦ ତୀର୍ଥଯାତ୍ରୀ

ବାଲେଶ୍ୱର, ୨୦/୦୨ (ନି.ପ୍ର): 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ ବାଲେଶ୍ୱର ସମେତ ଉତ୍ତର ଓଡିଶାର ମୟୂରଭଞ୍ଜ, ଭଦ୍ରକ, କେଉଁଝର ଓ ଯାଜପୁରର ପ୍ରଭୃତି ୫ ଜିଲ୍ଲାରୁ ମୋଟ ୯୭୦ ଜଣ ତୀର୍ଘଯାତ୍ରୀ ଟ୍ରେନ ଯୋଗେ ସୋମବାର ହରିଦ୍ୱାର ଓ ଋଷିକେଶ ଅଭିମୁଖେ ଯାତ୍ରା କରିଛନ୍ତି । ବାଲେଶ୍ୱର ରେଳ ଷ୍ଟେସନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି)ର ଅଧ୍ୟକ୍ଷ ଲେଲିନ୍ ମହାନ୍ତି, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପର୍ଯ୍ୟଟନ ବିଭାଗ ଉପଦେଷ୍ଟା ଦୁର୍ଗାପ୍ରସାଦ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ, ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ଯୋଗଦେଇ ତୀର୍ଥଯାତ୍ରୀଙ୍କ ସଫଳ ଯାତ୍ରା କାମନା କରିଥିଲେ। ଗତକାଲି ରାତିରେ ନୋସି ବିଜିନେସ ପାର୍କରେ ଅବସ୍ଥାନ କରିଥିବା ୫ ଜିଲ୍ଲାର ଯାତ୍ରୀ ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବା ପରେ ସମସ୍ତଙ୍କୁ ପାରମ୍ପରିକ ରୀତିନୀତିରେ ବନ୍ଦାପନା ସହ ସ୍ୱାଗତ କରାଯାଇଥିଲା। ରେଳ ଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତା ମାଧ୍ୟମରେ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟବାସୀଙ୍କୁ ନିଜ ପରିବାରର ସଦସ୍ୟ ମନେ କରୁଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକଙ୍କୁ ୨୦୧୬ ମସିହାରୁ ତୀର୍ଥ ଯାତ୍ରାର ସୁଯୋଗ ସେବା ଦେଇ ଆସୁଛନ୍ତି ବୋଲି ଅତିଥିମାନେ କହିଥିଲେ। ରାଜ୍ୟବାସୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିବା ଏହି ଯୋଜନା ବାସ୍ତବିକ ଉଚ୍ଚ ବିଚାରର ପ୍ରତିଫଳନ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଜିଲ୍ଲାପାଳ ଶ୍ରୀ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରେଳ ଷ୍ଟେସନରେ ଭାବା ବେଗମୟ ବିଦାୟ କାର୍ଯ୍ୟକ୍ରମରେ ତୀର୍ଥଯାତ୍ରୀମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ପଡ଼ିଥିବା ଲକ୍ଷ୍ୟ କରାଯାଇଥିଲା । ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ଆଇଆରସିଟିସି ପକ୍ଷରୁ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଗୋଟିଏ ଲେଖାଏଁ କିଟ୍ ବ୍ୟାଗ ଉପହାର ଦିଆଯାଇଥିଲା। ଅତିଥିମାନେ ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଗଗନ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୫ଟି ଜିଲ୍ଲାର ମୋଟ ୯୭୦ଜଣ ତୀର୍ଥଯାତ୍ରୀଙ୍କ ସମେତ ୩୦ ଜଣ ଏସକର୍ଟ ଅଫିସର ଯାତ୍ରା କରିଛନ୍ତି । ଆସନ୍ତା ୨୫ ତାରିଖରେ ସେମାନେ ଫେରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo